# ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି

ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା

ଆମର ପିତାଙ୍କ ହୃଦୟକୁ ଛୁଇଁବା (ସ୍ୱର୍ଶ କରିବା)

ମୁଁ ପଥ, ସତ୍ୟ

ଓ

ଜୀବନ

ଆପଣ ଈଶ୍ୱରଙ୍କୁ ପ୍ରେମ କରନ୍ତି କି ?

ଈଶ୍ୱର ମୃଦୁଭାବେ କୋମଳ ଓ ସ୍ଥିର ସ୍ୱରରେ କହିଲେ

"ପ୍ରତ୍ୟେକଙ୍କୁ ମୋ' ପ୍ରେମ ବିଷୟରେ କୁହ'

# ଉପକ୍ରମ

ଅନେକ ସମୟରେ ଆମେ ଆମ ସରଳ ପ୍ରଶ୍ନ ସମୂହର ଉତ୍ତର ପାଇବା ପାଇଁ ଚେଷ୍ଟା କରି ସଂଗ୍ରାମ କରୁ । ଏହି ପୁସ୍ତକ ଈଶ୍ୱର, ଯୀଶୁ, ପବିତ୍ର ଆତ୍ମା ଏବଂ ଈଶ୍ୱରଙ୍କ ସହ ଆପଣଙ୍କ ସଂପର୍କ ବିଷୟରେ ଥିବା ଆପଣଙ୍କ ସରଳ ପ୍ରଶ୍ନସମୂହର ଉତ୍ତର ପାଇବାରେ ଆପଣଙ୍କୁ ସାହାଯ୍ୟ କରିବ ।

ଏହି ପୁସ୍ତକରେ ମଧ୍ୟ ଈଶ୍ୱରଙ୍କ ସନ୍ତାନମାନଙ୍କ ଜୀବନରେ ଈଶ୍ୱର ଗୌରବର ସୁନ୍ଦର ସାକ୍ଷ୍ୟସମୂହ ଅଛି । ଏହି ସନ୍ତାନମାନେ ଯୀଶୁ ଖ୍ରୀଷ୍ଟଙ୍କଠାରେ ଥିବା ତାଙ୍କ ଆନନ୍ଦ ବିଷୟରେ ସାକ୍ଷ୍ୟ ଦେଇଅଛନ୍ତି ।

ଈଶ୍ୱରଙ୍କ ପ୍ରତିଜ୍ଞା ଓ ବାକ୍ୟ ଆଧାରିତ ଶକ୍ତିଯୁକ୍ତ ପ୍ରାର୍ଥନାସହ ଏହି ପୁସ୍ତକରେ ଅଛି । ଈଶ୍ୱରଙ୍କ ସହ ଆପଣ ଦୈନନ୍ଦିନ ଚାଲିବାବେଳେ ଆପଣ ଏହି ପ୍ରାର୍ଥନାସମୂହର ସାହାଯ୍ୟ ନେଇ ପାରନ୍ତି ଏବଂ ତା'ଙ୍କଠାରେ ଆନନ୍ଦ କରି ପାରନ୍ତି ।

ମୋର ଦୃଢ ବିଶ୍ୱାସ ମୁଁ ଯେପରି ଏହି ପୁସ୍ତକ ପଢିବାରେ ଆନନ୍ଦ ଉପଭୋଗ କରିଛି ଆପଣ ମଧ୍ୟ ଠିକ୍ ସେହିପରି ଏହି ପୁସ୍ତକ ପଢିଲେ ଆନନ୍ଦ ଉପଭୋଗ କରିବେ । ଉଭୟ ଲେଖକଙ୍କୁ ମୁଁ ଜାଣେ ଏବଂ ସେମାନେ ଜ୍ଞାତସାରରେ ବହୁତ ସରଳ ଭାଷା ବ୍ୟବହାର କରିଛନ୍ତି ଯେପରି କି ଏହା ସାଧାରଣ ମନୁଷ୍ୟର ହୃଦୟକୁ ସ୍ୱର୍ଶ କରେ । ଆପଣ ଯେତେବେଳେ ଏହି ପୁସ୍ତକ ପଢିବେ ସେତେବେଳେ ଆପଣ ଈଶ୍ୱରଙ୍କ ପ୍ରେମ, ଶାନ୍ତି ଓ ଆନନ୍ଦରେ ପୂର୍ଣ୍ଣ ହୋଇଯିବେ ।

ଅଶୀର୍ବାଦ ପାଆନ୍ତୁ । ଆଶୀର୍ବାଦଯୁକ୍ତ ହୋଇ ରୁହନ୍ତୁ ଏବଂ ଅନ୍ୟମାନଙ୍କ ପାଇଁ ଏକ ଆଶୀର୍ବାଦର କାରଣ ହୁଅନ୍ତୁ ।

ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ

ଆଲଫନ୍‌ସା

୧ମ ଭାଗ – ଈଶ୍ୱରଙ୍କ ସଂପର୍କୀୟ ପ୍ରଶ୍ନସମୂହ

ଲୋକମାନେ ପ୍ରାୟତଃ ପଚାରୁଥିବା ପ୍ରଶ୍ନସମୂହ

ଆମେ ଆରମ୍ଭ କରିବା ପୂର୍ବରୁ ଆସନ୍ତୁ ଆମେ ନିଜକୁ ଏହି ପ୍ରଶ୍ନସମୂହ ପଚାରୁ

ମୋ’ ନିମନ୍ତେ ଈଶ୍ୱର କିଏ ?

ଈଶ୍ୱରଙ୍କ ସହିତ ମୋର ସଂପର୍କ କଣ ?

ଈଶ୍ୱର ଶାନ୍ତି ଦିଅନ୍ତି କି ?

ମୋର ଚିନ୍ତାଧାରା ଅନୁଯାୟୀ ଈଶ୍ୱର ଏକ ପ୍ରେମମୟ ଈଶ୍ୱର ନା କ୍ରୋଧୀ ଈଶ୍ୱର ଅଟନ୍ତି ?

ମୁଁ ଯାହା ଜାଣିଛି ତାହା ସତ୍ୟ କି ନୁହେଁ, କିପରି ଜାଣିବି ?

**ଈଶ୍ୱର କିଏ ?**

ଈଶ୍ୱର ସର୍ବଶକ୍ତିମାନ ଅଟନ୍ତି । ସେ ଆମର ସୃଷ୍ଟିକର୍ତ୍ତା ଅଟନ୍ତି । ଆମେ ତା'ଙ୍କର ସୃଷ୍ଟି ଅଟୁ । ତା'ଙ୍କର ପୁତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧମରେ ତା'ଙ୍କୁ ଆମର ପିତା ବୋଲି ସମ୍ବୋଧନ କରିବା ପାଇଁ ଆମକୁ ଅନୁମତି ଦିଅନ୍ତି ।

**ଯୀଶୁ କିଏ ?**

ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି । ଈଶ୍ୱର ଆକାଶମଣ୍ଡଳ ଓ ପୃଥିବୀର ସୃଷ୍ଟିକର୍ତ୍ତା ଅଟନ୍ତି । ସେ ପ୍ରତ୍ୟେକ ବିଷୟ ସୃଷ୍ଟି କଲେ ଏବଂ ସମସ୍ତ ସୃଷ୍ଟିର ମାଲିକ ଅଟନ୍ତି ।

ଈଶ୍ୱର ତା'ଙ୍କର ଏକମାତ୍ର ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କୁ ବଳି ହିସାବରେ ଆମ ନିମନ୍ତେ କ୍ରୁଶ ଉପରେ ମୃତ୍ୟୁଭୋଗ କରିବା ପାଇଁ ପୃଥିବୀକୁ ପଠାଇଲେ ଯେପରି ଆମେ ମନୁଷ୍ୟମାନେ ପାପରୁ ଉଦ୍ଧାର ପାଉ ଓ ଈଶ୍ୱରଙ୍କ ସହିତ ତା'ଙ୍କର ସନ୍ତାନ ହିସାବରେ ସଂଯୁକ୍ତ ହେଉ । ଯୀଶୁ ଖ୍ରୀଷ୍ଟଙ୍କ ଆମର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଆମର ପିତା (ଆବ୍ବା) ହିସାବରେ ସମ୍ବୋଧନ କରିବାର ଅଧିକାର ଅଛି ।

**ପବିତ୍ର ଆତ୍ମା କିଏ ?**

ଯୀଶୁ ଯେତେବେଳେ ଏହି ପୃଥିବୀ ପରିତ୍ୟାଗ କଲେ, ସେ ତା'ଙ୍କର ଆତ୍ମା ଦେଲେ ଆମ ମଧ୍ୟରେ ବାସ କରିବା ପାଇଁ ଓ ଆମକୁ ଚାଳନା ଦେବା ପାଇଁ । ସେ ହେଉଛନ୍ତି ପବିତ୍ର ଆତ୍ମା ।

**ଯୀଶୁ ଈଶ୍ୱର ଅଟନ୍ତି କି ? ପବିତ୍ର ଆତ୍ମା ଈଶ୍ୱର ଅଟନ୍ତି କି ?**

ହଁ । ଆମର ତ୍ରିତ୍ୱ ପରମେଶ୍ୱର ଅଛନ୍ତି । ପିତା, ପୁତ୍ର ଏବଂ ପବିତ୍ର ଆତ୍ମା ଏକ । ଈଶ୍ୱର ଆକାଶମଣ୍ଡଳ, ପୃଥିବୀ, ପୃଥିବୀସ୍ଥ ପ୍ରତ୍ୟେକ ବିଷୟ ଓ ମନୁଷ୍ୟସମାଜ । ସେ ତା'ଙ୍କର ପୁତ୍ର, ଯୀଶୁଙ୍କୁ ପଠାଇଲେ ଯେପରି ସେ ଆସି ଏହି ପୃଥିବୀରେ ବାସ କରନ୍ତି । ଯୀଶୁ ଆମକୁ ଈଶ୍ୱର ପରାୟଣ ଜୀବନ ଯାପନ ପରିବାକୁ ଶିକ୍ଷା ଦେବା ପାଇଁ ଆସିଲେ ଏବଂ ସେ କ୍ରୁଶ ଉପରେ ଆମ ପାଇଁ ମୃତ୍ୟୁ ଭୋଗ କରିବାକୁ ଆସିଲେ । କ୍ରୁଶ ଉପରେ ଆମ ନିମନ୍ତେ ମୃତ୍ୟୁ ଭୋଗ କରି ସେ ତା'ଙ୍କର ବହୁମୂଲ୍ୟ ରକ୍ତରେ ଆମର ପାପ ଧୌତ କଲେ ଯେପରି କି ଆମେ ଈଶ୍ୱରଙ୍କ ସହ ସଂଯୁକ୍ତ ହେଉ ଏବଂ ସେ ଆମ ହୃଦୟରେ ବାସ କରିବା ପାଇଁ ଓ ଆମ ସହ ସଦାକାଳ ରହିବା ପାଇଁ ତା'ଙ୍କର ପବିତ୍ର ଆତ୍ମାକୁ ଦେଇଅଛନ୍ତି ।

ଆମେ ଯଦି ପବିତ୍ର ଆତ୍ମାଙ୍କୁ ଆମ ହୃଦୟକୁ ନିମନ୍ତ୍ରଣ କରୁ ତେବେ ସେ ଆମ ମଧ୍ୟରେ ବାସ କରିବେ ।

**ଈଶ୍ୱର ମୋର କିଏ ?**

ଈଶ୍ୱର ଆମର ପ୍ରେମମୟ ସ୍ୱର୍ଗୀୟ ପିତା ଅଟନ୍ତି । ଆମେ ପ୍ରାୟ ସବୁବେଳେ ଈଶ୍ୱରଙ୍କୁ ଆମର ସୃଷ୍ଟିକର୍ତ୍ତା ଏବଂ ଆମ ନିଜକୁ ତା'ଙ୍କର ସୃଷ୍ଟି ହିସାବରେ ଦେଖୁ । ମାତ୍ର ଏହି ସତ୍ୟଠାରୁ ଆହୁରି ଅଧିକ ବିଷୟ ଏଠାରେ ଅଛି । ସେ ଆମର ପିତା ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମେ ତା'ଙ୍କର ସନ୍ତାନ ଅଟୁ । ଆମେ ଯେତେବେଳେ ଯୀଶୁଙ୍କୁ ତା'ଙ୍କର ଅଦ୍ୱିତୀୟ ପୁତ୍ର ହିସାବରେ ବିଶ୍ୱାସ କରୁ, ସେତେବେଳେ ତା'ଙ୍କର ସନ୍ତାନ ହିସାବରେ ଆମେ ଈଶ୍ୱରଙ୍କ ସହ ସଂଯୁକ୍ତ ହେଉ । ଯୀଶୁଙ୍କ ଦ୍ୱାରା ଆମେ ଆମର ସୃଷ୍ଟିକର୍ତ୍ତାଙ୍କୁ ଆବ୍ବା ପିତା ବୋଲି ସମ୍ବୋଧନ କରିବାକୁ ଅଧିକାର ପାଉ ।

**ଈଶ୍ୱର ଆମଠାରୁ କ'ଣ ଚାହାଁନ୍ତି ?**

ଈଶ୍ୱର ଚାଁହାନ୍ତି ଯେ ଆମେ ଜାଣୁ ଯେ ସେ ଆମକୁ ପ୍ରେମ କରନ୍ତି । ଆମେ ଯେ ତା'ଙ୍କୁ ଆମର ପିତା ହିସାବରେ ପ୍ରେମ କରୁ ତାହା ସେ ଅପେକ୍ଷା କରନ୍ତି । ସେ ଚାହାଁନ୍ତି ଯେପରି ଆମେ ଜାଣୁ ଯେ ଆମ ପ୍ରତ୍ୟେକଙ୍କ ପାଇଁ ତାଙ୍କର ମହାନ ଯୋଜନା ଅଛି । ସେ ଚାହାଁନ୍ତି ଯେପରି ଆମେ ତାଙ୍କୁ ପ୍ରେମ କରୁ, ତା'ଙ୍କର ନିକଟବର୍ତ୍ତୀ ହେଉ ଓ ତା'ଙ୍କ ସହ ଆମର ସମ୍ପର୍କକୁ ଦୃଢ କରୁ । ସେ ଚାହାଁନ୍ତି ଯେପରି ଆମେ ପ୍ରାର୍ଥନା ଓ ନିରୋଳାରେ ତାଙ୍କ ସହ ସମୟ ଅତିବାହିତ କରୁ, ତା'ଙ୍କ ସହ କଥା କହୁ, ତା'ଙ୍କର ଚାଳନା ଅନୁସନ୍ଧାନ କରୁ । ସେ ଚାହାଁନ୍ତି ଆମେ ଯେପରି ଅଧିକ ଘନିଷ୍ଠ ଭାବେ ତା'ଙ୍କୁ ଜାଣୁ ।

**ଆମ ଜୀବନର ଉଦ୍ଦେଶ୍ୟ କ'ଣ ?**

ଈଶ୍ୱରଙ୍କ ଇଚ୍ଛା ସଫଳ କରିବା ହେଉଛି ଆମ ଜୀବନର ଉଦ୍ଦେଶ୍ୟ । ଏବଂ ଆମ ପାଇଁ ଈଶ୍ୱରଙ୍କ ଇଚ୍ଛା ହେଉଛି ଯେପରି ଆମେ ତା'ଙ୍କୁ ପ୍ରେମ କରୁ, ତା'ଙ୍କୁ ଅପେକ୍ଷାକୃତ ଭଲ ଭାବେ ଜାଣୁ ଏବଂ ଯେପରି ଆମେ ଜାଣୁ ଯେ ଆମେ ଯାହା ଅନୁମାନ କରୁଛୁ ଓ ବାକ୍ୟରେ ପ୍ରକାଶ କରୁଛୁ ତା'ଠାରୁ ଅଧିକ ସେ ଆମକୁ ପ୍ରେମ କରନ୍ତି । ଆମେ କିପରି ତା'ଙ୍କୁ ପ୍ରେମ କରିବା, ତାଙ୍କର ସେବା କରିବା, ଅନ୍ୟମାନଙ୍କର ସେବା କରିବା ଓ ଆମ ଜୀବନରେ ସଫଳକାମ ହେବା ଏହା ଜାଣିବା ପାଇଁ ଈଶ୍ୱରଙ୍କ ସହ ତାଙ୍କ ପବିତ୍ର ଉପସ୍ଥିତିରେ ଆମକୁ ଅଧିକ ସମୟ ଅତିବାହିତ କରିବାକୁ ପଡ଼ିବ ।

**ଆମେ କିପରି ଈଶ୍ୱରଙ୍କ ଅଧିକ ନିକଟବର୍ତ୍ତୀ ହୋଇପାରିବା ?**

ଈଶ୍ୱରଙ୍କ ଉପସ୍ଥିତିରେ ନିୟମିତ ସମୟ ଅତିବାହିତ କରିବା ଦ୍ୱାରା, ଈଶ୍ୱରଙ୍କ ବାକ୍ୟ (ବାଇବଲ) ପଠନ ଓ ଅଧ୍ୟୟନ ଦ୍ୱାରା, ତା'ଙ୍କ ନିକଟରେ ପ୍ରାର୍ଥନା କରିବା ଦ୍ୱାରା ଓ ଆମ ଜୀବନରେ ତା'ଙ୍କୁ ପ୍ରଥମ ସ୍ଥାନ

ଦେବା ଦ୍ୱାରା ଆମେ ତା'ଙ୍କର ଅଧିକ ନିକଟବର୍ତ୍ତୀ ହୋଇପାରିବୁ । ପ୍ରତ୍ୟେକ ଦିନ ତା'ଙ୍କ ପାଇଁ ସମୟ ପ୍ରସ୍ତୁତ କରିବା ଓ ତା'ଙ୍କ ଉପସ୍ଥିତିରେ ସମୟ କ୍ଷେପଣ କରିବା ଆମର ଅଗ୍ରାଧିକାର ହେବା ଉଚିତ ।

**ନିଭୃତ (ନିରୋଳା) ସ୍ଥାନ କ'ଣ ? 'ନୀରବତାର ସମୟ କ'ଣ ?**

ନିଭୃତ (ନିରୋଳା) ରେ ସମୟ ଅତିବାହିତ କରିବା ଅର୍ଥ, ଇଶ୍ୱରଙ୍କ ସହିତ, ତା'ଙ୍କ ଉପସ୍ଥିତିରେ ତା'ଙ୍କ ପାଦ ତଳେ ସମୟ କଟାଇବା । ଇଶ୍ୱର ଆମକୁ ପ୍ରେମ କରନ୍ତି ଏବଂ ସେ ଇଚ୍ଛା କରନ୍ତି ଯେ ଆମେ ତା'ଙ୍କ ସହ ସମୟ କଟାଉ ଓ ଆମ ନିମନ୍ତେ ତା'ଙ୍କ ପ୍ରେମ ଜାଣୁ । ପ୍ରାୟତଃ କେବଳ ଆମର ଆବଶ୍ୟକ ସମୟରେ ଆମେ ଇଶ୍ୱରଙ୍କ ପାଖକୁ ଆସୁ ଓ ତା'ଙ୍କ ନିକଟରେ ପ୍ରାର୍ଥନା କରୁ । ଇଶ୍ୱର ଆମଠାରୁ ଅପେକ୍ଷାକୃତ ଅଧିକ ବିଷୟ ଚାହାଁନ୍ତି । ସେ ଚାହାଁନ୍ତି ଯେ ଆମେ ଯେତେବେଳେ ତା'ଙ୍କଠାରୁ ସାହାଯ୍ୟ ଆବଶ୍ୟକ କରୁ କେବଳ ସେତେବେଳେ ନୁହେଁ ମାତ୍ର ଆମ ଜୀବନରେ ପ୍ରତ୍ୟେକ ବିଷୟ ଯେତେବେଳେ ଉତ୍ତମ ସେତେବେଳେ ମଧ୍ୟ ତା'ଙ୍କ ସହ ସମୟ କ୍ଷେପଣ କରୁ । ସେ ଆମ ଜୀବନରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ହେବା ଚାହାଁନ୍ତି । ଆମେ କେବଳ ଆମର ଦୁଃଖରେ ତା'ଙ୍କୁ ଅଂଶୀ କରିବୁ ବୋଲି ସେ ଚାହାଁନ୍ତି ନାହିଁ ମାତ୍ର ଅପାର ଆନନ୍ଦ ଓ ସୁଖରେ ମଧ୍ୟ । ସେ ଚାହାଁନ୍ତି ଆମେ ତା'ଙ୍କ ସହ ଆମର ସମସ୍ୟା, ଆହ୍ୱାନ, ଆମର ଆନନ୍ଦ, ଆମର ସଫଳତା ଏବଂ ଆମ ଜୀବନର ପ୍ରତ୍ୟେକ ଅଂଶ ବିଷୟ ଆଲୋଚନା କରୁ । ସେ ଚାହାଁନ୍ତି ଯେ ଆମେ ଆମର ଜୀବନ ଓ ଆମର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ତା'ଙ୍କୁ ସମର୍ପଣ କରୁ ଯେପରି ସେ ଆମକୁ ଆମ ନିମନ୍ତେ ରଖିଥିବା ସମସ୍ତ ଉତ୍ତମତା ଓ ପ୍ରାଚୁର୍ଯ୍ୟରେ ଦିଗ୍‌ଦର୍ଶନ ଦିଅନ୍ତୁ ।

ଏବଂ ସେଥିପାଇଁ, ଆମକୁ ତାଙ୍କୁ ଅନ୍ୱେଷଣ କରିବାକୁ ହେବ, ତା'ଙ୍କ ସହ ସମୟ କଟାଇବାକୁ ହେବ, ତା'ଙ୍କୁ ଜାଣିବାକୁ ହେବ ଓ ତା'ଙ୍କର ବାଧ୍ୟ ହେବାକୁ ହେବ ।

**ଆମ ନିମନ୍ତେ ଇଶ୍ୱରଙ୍କ ଯୋଜନା କ'ଣ ? ପରିତ୍ରାଣ କ'ଣ ?**

ପ୍ରତ୍ୟେକଙ୍କ ପାଇଁ ଇଶ୍ୱରଙ୍କ ଇଚ୍ଛା ହେଉଛି ଯେ ପ୍ରତ୍ୟେକ ଯେପରି ତା'ଙ୍କ ସହିତରେ ରହି ଅନନ୍ତ ଜୀବନ ପାଆନ୍ତି । ମନୁଷ୍ୟମାନେ ଇଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଓ ପାପରେ ପଡିଲେ । ମାତ୍ର ଇଶ୍ୱର ଏଡେ ପ୍ରେମମୟ ଯେ ସେ ଆଶା ବିନା ଓ ସମାଧାନ ବିନା ଆମକୁ ଛାଡିଲେ ନାହିଁ । ଆମ ପାପ ପାଇଁ କ୍ରୁଶ ଉପରେ ବଳି ସ୍ୱରୂପେ ଆମ ପାଇଁ ମୃତ୍ୟୁ ଭୋଗ କରିବା ନିମନ୍ତେ ଇଶ୍ୱର ତା'ଙ୍କ ପୁତ୍ର, ଯୀଶୁଙ୍କୁ ଏହି ପୃଥିବୀକୁ ପଠାଇଲେ । ଆମେ ଯେତେବେଳେ ଯୀଶୁଙ୍କୁ ବିଶ୍ୱାସ କରୁ ଓ ଅନୁତାପ କରୁ, ସେ ଆମକୁ କ୍ଷମା ଦିଅନ୍ତି ଏବଂ ଆମେ ତା'ଙ୍କ ସହ ସଂଯୁକ୍ତ ହେଉ ।

ଆମେ ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ, କ୍ରୁଶ ଉପରେ ଆମ ପାପ ପାଇଁ ତାଙ୍କର ନିଃସ୍ୱାର୍ଥପର ମୃତ୍ୟୁ ଏବଂ ତା'ଙ୍କର ପୁନରୁତ୍ଥାନକୁ ବିଶ୍ୱାସ କରି ଯୀଶୁ ଖ୍ରୀଷ୍ଟଙ୍କୁ ଆମର ଉଦ୍ଧାରକର୍ତ୍ତା ରୂପେ ବ୍ୟକ୍ତିଗତ ଭାବେ ବିଶ୍ୱାସ କରୁ ସେତେବେଳେ ଅନନ୍ତ ବିଚାର ଓ ପାପର ଫଳାଫଳରୁ ଉଦ୍ଧାର ପାଇବା ପାଇଁ ଆମ ନିମନ୍ତେ ଇଶ୍ୱରଙ୍କ ଇଚ୍ଛା ସଫଳ କରୁ । ଏବଂ ଆମେ ଇଶ୍ୱରଙ୍କ ସହ ଆମର ଭବିଷ୍ୟତ, ଅର୍ଥାତ୍ ଅନନ୍ତକାଳ ତାଙ୍କ ପବିତ୍ର ଉପସ୍ଥିତିରେ କଟାଇବା ବିଷୟରେ ନିଶ୍ଚୟତା ପାଇ ପାରିବୁ ।

**ଇଶ୍ୱର କ'ଣ ବାସ୍ତବରେ ଆମକୁ ତା'ଙ୍କ ଉପସ୍ଥିତିକୁ ନିମନ୍ତ୍ରଣ କରନ୍ତି ?**

ଏହା ଇଶ୍ୱରଙ୍କ ଇଚ୍ଛା ଯେ ଆମେ ତା'ଙ୍କର ପବିତ୍ର ଉପସ୍ଥିତିରେ ବାସ କରୁ । ଯେତେବେଳେ ଯୀଶୁଙ୍କର ପ୍ରଥମ ଶିଷ୍ୟମାନେ ତାଙ୍କ ନିକଟକୁ ଆସି ପଚାରିଲେ ଯେ ସେ କେଉଁଠାରେ ବାସ କରନ୍ତି, ସେତେବେଳେ ସେ ଉତ୍ତର ଦେଲେ, "ଆସି, ଦେଖ" । ଆଉ ସେହି ସମୟଠାରୁ ଶିଷ୍ୟମାନେ ଯୀଶୁଙ୍କର ଅନୁଗମନ କଲେ ଓ ତା'ଙ୍କ ସହ ବାସ କଲେ । ଇଶ୍ୱରଙ୍କ ପ୍ରେମ କାଲି, ଆଜି ଏବଂ ଅନନ୍ତକାଳ ସମାନ ଅଟେ । ଏପରିକି ବର୍ତ୍ତମାନ ମଧ୍ୟ ଯଦି ଆମେ ତାଙ୍କୁ ଅଧିକ ଜାଣିବା ପାଇଁ ଆଗ୍ରହୀ ଅଟୁଁ, ତେବେ ଯେପରି ତା'ଙ୍କ ସହ ସମୟ କଟାଉ, ତାଙ୍କୁ ଜାଣୁ ଏବଂ ତା'ଙ୍କର ପ୍ରେମକୁ ଅନୁଭବ କରୁ, ସେଥିପାଇଁ ସେ ନିମନ୍ତ୍ରଣ ଜଣାନ୍ତି । ଆମର କେବଳ ଏକ ଇଚ୍ଛୁକ ହୃଦୟ ଓ ଇଚ୍ଛୁକ ମନ ରହିବା ଆବଶ୍ୟକ ।

ଯୀଶୁ ଆମକୁ ନିମନ୍ତ୍ରଣ କରି କହନ୍ତି, "ହେ ପରିଶ୍ରାନ୍ତ ଓ ଭାରଶ୍ରାନ୍ତ ଲୋକ ସମସ୍ତେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି ।"

ଆମ ନିମନ୍ତେ ବାଇବଲରେ ଥିବା ଇଶ୍ୱରଙ୍କ ଆଉ ଗୋଟିଏ ସୁନ୍ଦର ପ୍ରତିଜ୍ଞା ହେଉଛି, "ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ, କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ।

ବାସ୍ତବରେ, ଇଶ୍ୱର ଏକ ପ୍ରେମମୟ ଇଶ୍ୱର ଏବଂ ତା'ଙ୍କ ସହ ରହିବା ପାଇଁ ସେ ଆମକୁ ନିମନ୍ତ୍ରଣ ଜଣାନ୍ତି ।

**କାହିଁକି ଯୀଶୁଙ୍କୁ ଉପାସନା କରାଯାଏ ?**

ଆମେ ଯୀଶୁଙ୍କର ଉପାସନା କରୁ କାରଣ ସେ ଇଶ୍ୱରଙ୍କ ପୁତ୍ର । ସେ ପୃଥିବୀକୁ ଆସିଲେ ଆମ ପାଇଁ ମୃତ୍ୟୁ ଭୋଗ କରିବାକୁ । ଆମ ସହିତ ରହି ଇଶ୍ୱର ପରାୟଣ ଜୀବନ କାଟିବାର ଶିକ୍ଷା ଆମକୁ ଦେବା ସେ ପୃଥିବୀକୁ ଆସିଲେ । ସେ ଆମକୁ ପାପ ଓ ରୋଗର କ୍ରୋଧରୁ ଉଦ୍ଧାର କରିବା ପାଇଁ ଆସିଲେ । ସେ ଆମ ପାଇଁ କ୍ରୁଶ ଉପରେ ମୃତ୍ୟୁ ଭୋଗ କଲେ ଏବଂ ଆମର ପ୍ରେମୀୟ ସ୍ୱର୍ଗୀୟ ପିତାଙ୍କ ସହ ଆମକୁ ସଂଯୁକ୍ତ କଲେ । ତାହାଙ୍କ ଦ୍ୱାରା ଆମେ ସର୍ବଶକ୍ତିମାନ ଇଶ୍ୱରଙ୍କୁ ଆମର ପିତା ବୋଲି ସମ୍ବୋଧନ କରି ପାରିବୁ ।

**ଯୀଶୁଙ୍କର ନିକଟରେ ପ୍ରାର୍ଥନା କରିବା ପାଇଁ କ'ଣ ପ୍ରାର୍ଥନାର କିଛି ନିର୍ଦ୍ଦିଷ୍ଟ ସମୟ ଅଛି ?**

ନାଁ, ଯୀଶୁଙ୍କ ନିକଟରେ ପ୍ରର୍ଥନା କରିବା ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ ସମୟ କି ସପ୍ତାହର ନିର୍ଦ୍ଦିଷ୍ଟ ଦିନ ନାହିଁ । ଇଶ୍ୱର ଚାହାଁନ୍ତି ଆମେ ପ୍ରତ୍ୟେକ ଦିନ ତା'ଙ୍କ ସହ ସମୟ କଟାଉ । ଆମେ ଦିନରେ ଯେ କୌଣସି ସମୟରେ ତା'ଙ୍କ ନିକଟରେ ପ୍ରାର୍ଥନା କରି ପାରିବୁ ।

ଆମେ ଦିନ ଆରମ୍ଭ କରିବା ପୂର୍ବରୁ ସକାଳେ ଓ ମଧ ରାତିରେ ବିଛଣାକୁ ଯିବା ପୂର୍ବରୁ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରିବା ଏକ ଉତ୍ତମ ଅଭ୍ୟାସ । ଆମେ ଯେତେବେଳେ ଆମର ଦିନ ଆରମ୍ଭ କରୁ ସେତେବେଳେ ତା'ଙ୍କର ଆଶୀର୍ବାଦ ପାଇଁ ପ୍ରାର୍ଥନା କରିପାରୁ । ରାତିରେ ଆମେ ତା'ଙ୍କର ଅନୁଗ୍ରହ ଓ ଆଶୀର୍ବାଦ ନିମନ୍ତେ ଧନ୍ୟବାଦ ଦେଇ ପ୍ରାର୍ଥନାରେ ଆମ ଦିନ ଶେଷ କରିପାରୁ । ଦିନର ଶେଷ ସମୟ ଦିନର ପ୍ରତ୍ୟେକ ବିଷୟ ପ୍ରତିଫଳନ କରିବାର, ତାଙ୍କର ଆଶୀର୍ବାଦ ନିମନ୍ତେ ଧନ୍ୟବାଦ ଦେବାର, ଦିନ ମଧରେ ଆମେ ଯେଉଁ ଭୁଲ୍ କରିଛୁ ସେଥିପାଇଁ ତା'ଙ୍କର କ୍ଷମା ଭିକ୍ଷା କରିବାର ଏବଂ ପରବର୍ତ୍ତୀ ଦିନ ନିମନ୍ତେ ତା'ଙ୍କର ଚାଳନା ଓ ଆଶୀର୍ବାଦ ପାଇବାର ଏକ ଉତ୍ତମ ସମୟ । ଆମକୁ ମଧ ଆମର ପ୍ରିୟଜନ, ଆମର ବନ୍ଧୁ, ଆମର ପ୍ରତିବାସୀ ଓ ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା କରିବାର ଆବଶ୍ୟକ ରହିଛି । ଆମେ ଯେତେବେଳେ ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା କରୁ ଇଶ୍ୱର ତାହା ଭଲ ପାଆନ୍ତି । ତେଣୁ ଆମେ ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା ଓ ନିବେଦନ କରିବାରେ କିଛି ସମୟ କଟାଇବା ଉଚିତ୍ ।

**ରକ୍ତସ୍ରାବବେଳେ ମଧ ଜଣେ ମଣ୍ଡଳୀକୁ ଯାଇ ପାରିବ କି ?**

ହଁ, ଜଣେ ରକ୍ତସ୍ରାବ ବେଳେ ମଧ ମଣ୍ଡଳୀକୁ ଯାଇପାରିବ । ଏ ବିଷୟରେ କୌଣସି ନିୟମ କି ପ୍ରତିବାଧା ନାହିଁ । ଅସୁସ୍ଥ ଲୋକ ଓ ସୁସ୍ଥ ଲୋକ, ଧନୀ ଓ ଦରିଦ୍ର, ଶିଶୁ ଓ ବୟସ୍କ ସମସ୍ତେ ସମାନଭାବେ ଯୀଶୁଙ୍କ ନିକଟକୁ ଆସିପାରିବେ । ଯୀଶୁ ପୃଥିବୀକୁ ଆସିଲେ ଆମ ମଧରେ ବାସ କରିବାପାଇଁ । ଇଶ୍ୱରଙ୍କ ସନ୍ତାନ ହିସାବରେ ସେ କେଉଁଠି ଜନ୍ମ ହେବେ ସେ ବିଷୟରେ ସେ ନିଜ ଇଚ୍ଛାନୁସାରେ ସ୍ଥାନ ନିରୂପଣ କରିପାରିଥାଆନ୍ତେ । ଏକ ଧନୀ ଗୃହରେ ଆରାମ ବଦଳରେ; ଗୋରୁ ଖାଉଥିବା ସ୍ଥାନକୁ ତା'ଙ୍କର ଜନ୍ମ ହେବା ସ୍ଥାନ ହିସାବରେ ବାଛିଲେ । ଅନ୍ୟ ଧନୀଲୋକ ତା'ଙ୍କୁ ପରିଦର୍ଶନ କରିବାକୁ ଆସିବା ପୂର୍ବରୁ ସେ ମେଷପାଳକମାନଙ୍କୁ ଅନୁମତି ଦେଲେ ତାଙ୍କୁ ପରିଦର୍ଶନ କରିବା ପାଇଁ ।

**ଆମେ କିପରି ପ୍ରାର୍ଥନା କରିବା ଉଚିତ୍ ?**

ପ୍ରାର୍ଥନା କରିବାପାଇଁ ନିର୍ଦ୍ଦିଷ୍ଟ ନୀତି ଓ ନିୟମ ନାହିଁ । ଆମେ ହାତ ଯୋଡି ବା ଖୋଲା କରି ପ୍ରାର୍ଥନା କରିପାରୁ । ଆମେ ଆଣ୍ଠୁଭାଙ୍ଗି, ବସି ବା ଛିଡ଼ା ହୋଇ ପ୍ରାର୍ଥନା କରିପାରିବୁ । ଆମର ହୃଦୟ ହେଉଛି ଗୁରୁତ୍ୱପୂର୍ଣ୍ଣ । ଯୀଶୁ ଆମର ହୃଦୟକୁ ଦେଖନ୍ତି । ଆମେ ଯେତେବେଳେ ପ୍ରାର୍ଥନା କରୁ, ସେତେବେଳେ ସେ ଆମ ପାଇଁ ଓ ଆମର ପ୍ରିୟ ଜନଙ୍କ ପାଇଁ ଯାହା କରନ୍ତି ସେଥିପାଇଁ ଆମେ ତା'ଙ୍କୁ ଧନ୍ୟବାଦ ଦେବା ଉଚିତ ଓ ପ୍ରଶଂସା କରିବା ଉଚିତ । ଆମର ଦୈନନ୍ଦିନ ପ୍ରାର୍ଥନା ଜୀବନର ଅଂଶ ରୂପେ ନିର୍ଦ୍ଦିଷ୍ଟ ପ୍ରାର୍ଥନା ବ୍ୟବହାର କରିପାରିବୁ । ପ୍ରାର୍ଥନା ମଧ୍ୟ ଈଶ୍ୱର, ଆମର ପିତାଙ୍କ ସହିତ ଖୋଲିଖୋଲି ଭାବେ କଥା କହିବାର ଏକ ସମୟ ଅଟେ । ଆମେ ଯେତେବେଳେ ଅମର ଜାଗତିକ ପିତାଙ୍କ ସହ କଥା କହୁ ସେତେବେଳେ ଆମେ କିପରି କଥା କହିବୁ ଏବଂ କେଉଁ ଶବ୍ଦ ବ୍ୟବହାର କରିବୁ ସେ ବିଷୟରେ ପୂର୍ବରୁ ପ୍ରସ୍ତୁତ ହୋଇନଥାଉ । ଏହା ସ୍ୱତଃସ୍ଫୂର୍ତ । ଠିକ୍ ସେହିପରି, ଅମେ ଯେତେବେଳେ ଆମର ପ୍ରେମମୟ ସ୍ୱର୍ଗୀୟ ପିତାଙ୍କ ନିକଟକୁ ଆସୁ, ଆମର ପ୍ରାର୍ଥନା ମଧ୍ୟ ପ୍ରକୃତରେ ସ୍ୱତଃସ୍ଫୂର୍ତ ହେବା ଆବଶ୍ୟକ । ପୂର୍ବରୁ ଆମକୁ ଆମର ଶବ୍ଦ ଓ ବାକ୍ୟ ପ୍ରସ୍ତୁତ କରିବାର ଆବଶ୍ୟକ ହେବ ନାହିଁ ।

ଆମେ ଯେତେବେଳେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ ସେତେବେଳେ ଈଶ୍ୱରଙ୍କ ପ୍ରତିଜ୍ଞାସମୂହ (ବାଇବଲରୁ) ଦାବି କରିବା ମଧ୍ୟ ଏକ ଉତ୍ତମ ଅଭ୍ୟାସ । ଆମେ ଯେତେବେଳେ ପ୍ରାର୍ଥନା କରୁ, ସେତେବେଳେ ଅନ୍ୟମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା ଓ ନିବେଦନ କରିବା ଉତ୍ତମ ଅଟେ । ଆମେ ଯେତେବେଳେ ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା କରୁ ଏହା ଈଶ୍ୱରଙ୍କ ହୃଦୟକୁ ଉଷ୍ମ କରେ ।

**ପ୍ରାର୍ଥନା ନିମନ୍ତେ ସପ୍ତାହ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ଦିନ ଅଛି କି ?**

ନାଁ, ପ୍ରାର୍ଥନା ନିମନ୍ତେ ସେହିପରି ନିର୍ଦ୍ଦିଷ୍ଟ କିଛି ଦିନ ନାହିଁ । ପ୍ରତ୍ୟେକ ଦିନ ବିଶେଷ ଦିନ ଅଟେ । ଏବଂ ଆମକୁ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବାକୁ ହେବ । ମଣ୍ଡଳୀଗୁଡିକରେ ରବିବାର ଦିନ ବିଶେଷ ସେବା ଥାଏ । ସେଥିରେ ଆମେ ଈଶ୍ୱରଙ୍କୁ ଉପାସନା କରିବା ପାଇଁ ଏକ ଗୋଷ୍ଠୀ ହିସାବରେ ଯୋଗ ଦେବା ଉଚିତ୍ ।

ଆପଣ ଏକ ସପ୍ତାହରେ ନିର୍ଦ୍ଦିଷ୍ଟ ଦିନଗୁଡିକରେ ବିଶେଷ ପ୍ରାର୍ଥନା ଓ ଉପବାସ ନିମନ୍ତେ ସିଦ୍ଧାନ୍ତ ନେଇ ପାରନ୍ତି । ଆପଣ ଏକ ପ୍ରାର୍ଥନା ଦଳ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଦିନ ସ୍ଥିର କରି ଏକତ୍ର ହୋଇ ପରସ୍ପରର ପ୍ରାର୍ଥନା ଆବଶ୍ୟକତା ପାଇଁ ପ୍ରାର୍ଥନା କରିପାରିବେ ।

**ସେପରି କିଛି ନିର୍ଦ୍ଦିଷ୍ଟ ପଦ ଅଛିକି ଯାହା ଆମେ ପ୍ରାର୍ଥନା ବେଳେ ଉଚ୍ଚାରଣ କରିପାରୁ ? ଏବଂ କେତେ ବେଳେ ?**

ପ୍ରାର୍ଥନା କରିବାବେଳେ ଆପଣ ନିର୍ଦ୍ଦିଷ୍ଟ ପଦ ବ୍ୟବହାର କରି ପାରନ୍ତି ବା ନ କରିପାରନ୍ତି ମଧ୍ୟ । ଆମର ହୃଦୟ ଓ ଆମର ମନରେ କ'ଣ ଅଛି ତାହା ଆମର ପ୍ରେମମୟ ଯୀଶୁ ଜାଣନ୍ତି । ଅବଶ୍ୟ ଆମେ ଯେତେବେଳେ ତା'ଙ୍କ ନିକଟରେ ପ୍ରାର୍ଥନା କରୁ ସେତେବେଳେ ବାଇବଲ ପ୍ରତିଜ୍ଞା ବ୍ୟବହାର କରିବା ଓ ଏହା ଦାବି କରିବା ଏକ ଉତ୍ତମ ଅଭ୍ୟାସ । ବାଇବଲ ହିଁ ସତ୍ୟ । ବାଇବଲ ଥିବା ପ୍ରତିଜ୍ଞାସମୂହ ଆମ ପାଇଁ ଉପଲବ୍ଧ, ଯେପରି ଆମେ ଏହା ବିଶ୍ୱାସ କରୁ ଓ ଆମର ନିଜର ଭଳି ଦାବି କରୁ । ପ୍ରାର୍ଥନା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ । ଆମେ ଯେତେବେଳେ ଚାହିଁବୁ ସେତେବେଳେ ଇଶ୍ୱରଙ୍କ ନିକଟକୁ ଆସିପାରିବୁ । ଯେ କୌଣସି ସମୟରେ ଆମେ ତା'ଙ୍କ ନିକଟକୁ ଆସି ପାରିବୁ ଓ ସେ ମଧ୍ୟ ଯେ କୌଣସି ସମୟରେ ଆମ ପାଇଁ ଉପଲବ୍ଧ । ଆମେ ଯାହା ଅନୁମାନ କରି ପାରିବୁ ବା ବର୍ଣ୍ଣନା କରି ପାରିବୁ ତା'ଠାରୁ ଅଧିକ ସେ ଆମକୁ ପ୍ରେମ କରନ୍ତି ।

କେଉଁ ବିଭିନ୍ନ ପ୍ରକାରର ପ୍ରାର୍ଥନା ଅଛି ?

ଆମର ପ୍ରତ୍ୟେକ ଆବଶ୍ୟକତା ପାଇଁ ବିଭିନ୍ନ ପ୍ରକାରର ପ୍ରାର୍ଥନା ଅଛି । ହାତ ପାଖରେ ଆମ ପାଇଁ ଉପଲବ୍ଧ ପ୍ରାର୍ଥନାସମୂହ ବ୍ୟବହାର କରି ଇଶ୍ୱରଙ୍କ ନିକଟରେ ଆମେ ପ୍ରାର୍ଥନା କରିପାରିବୁ । ଏଗୁଡିକ ପ୍ରସ୍ତୁତ ପ୍ରାର୍ଥନା (ଦୟାକରି ଏହି ପୁସ୍ତକର ୩ୟ ଭାଗରେ ଥିବା ପ୍ରାର୍ଥନା ସମୂହ ଦେଖନ୍ତୁ ଯାହା ଆପଣ ପ୍ରାର୍ଥନା କରିବା ବେଳେ ବ୍ୟବହାର କରିପାରନ୍ତି) । ଆମେ ମଧ୍ୟ ଆମର ନିଜର ଶବ୍ଦ ଏବଂ ନିଜର ବାକ୍ୟ ବ୍ୟବହାର କରି ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିପାରୁ । ଯେତେବେଳେ ଆମର ଚିନ୍ତା ଓ ଅନୁଭୂତିକୁ ପ୍ରକାଶ କରିବା ପାଇଁ ଆମ ପାଖରେ ଶବ୍ଦ ନ ଥାଏ ସେତେବେଳେ ମଧ୍ୟ ଇଶ୍ୱର ଆମକୁ ବୁଝନ୍ତି । ସେ ଆମର ପ୍ରେମମୟ ଇଶ୍ୱର ।

ଇଶ୍ୱର ଚାହାଁନ୍ତି ଯେପରି ଆମେ ଅନ୍ୟ ଲୋକମାନଙ୍କ ପାଇଁ ପ୍ରାର୍ଥନା କରୁ ଓ ନିବେଦନ କରୁ । ଆମେ ଯେତେବେଳେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ, ଆମେ ସେତେବେଳେ ଆମ ଭଳି ପରିସ୍ଥିତିରେ ଥିବା ଲୋକମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରିବା ଉଚିତ (ଯଦିଓ ଯେତେବେଳେ ଆମେ ସେମାନଙ୍କୁ ଜାଣି ନଥିବୁ) । ସେହି ଉପାୟରେ, ଆମେ ଅନ୍ୟମାନଙ୍କ ଜୀବନରେ ଏକ ଆଶୀର୍ବାଦର କାରଣ ହେଉ ଏବଂ ଇଶ୍ୱର ଆନନ୍ଦ କରିନ୍ତି ।

**ବେଳେବେଳେ ମୁଁ ଉଦ୍‌ବିଗ୍ନ ହୋଇପଡେ ଓ ପ୍ରାର୍ଥନାରେ ମନଯୋଗ କରିପାରେ ନାହିଁ । ମୁଁ କ'ଣ କରିବା ଉଚିତ୍ ?**

ଉଦ୍‌ବିଗ୍ନତା ଓ ହତୋତ୍ସାହ ସମୟରେ ଅତୀତରେ ଯେଉଁ ସମୟରେ ଇଶ୍ୱର ଅପାଣଙ୍କୁ ଆଶୀର୍ବାଦ କରିଥିଲେ ସେହି ସମୟକୁ ସ୍ମରଣ କରନ୍ତୁ ।

ଆପଣଙ୍କ ଜୀବନରେ ଯେଉଁ ସବୁ ଆଶୀର୍ବାଦ ସେ ବୃଷ୍ଟି କରିଛନ୍ତି ସେସବୁ ନିମନ୍ତେ ତା'ଙ୍କୁ ଧନ୍ୟବାଦ ଦିଅନ୍ତୁ । ସେ ଯାହା ଅଟନ୍ତି - ଆମର ଇଶ୍ୱର ଓ ଆମର ପ୍ରେମମୟ ପିତା, ସେଥିପାଇଁ ତା'ଙ୍କର ପ୍ରଶଂସା କରନ୍ତୁ । ସେ ତା'ଙ୍କର ଲୋକମାନଙ୍କୁ କିପରି ଆଶୀର୍ବାଦ କରନ୍ତି ତାହା ସ୍ମରଣରେ ଆଣନ୍ତୁ । ସେ ଲୋକମାନଙ୍କୁ କିପରି ଆଶୀର୍ବାଦ କରିଥିଲେ, ସେ ବିଷୟକ ବାଇବଲ ଘଟଣାସବୁ ସ୍ମରଣ କରନ୍ତୁ । (ଉଦାହରଣ ସ୍ୱରୂପ : ସେମାନଙ୍କୁ ମିଶରରୁ ବାହାର କରିଆଣିବା, ଲୋହିତ ସାଗର ମଧ୍ୟରେ ଏକ ପଥ ପ୍ରସ୍ତୁତ କରିବା, ମରୁଭୂମିରେ ସେମାନେ ଯାତ୍ରା କରୁଥିବା ବେଳେ ସେମାନଙ୍କ ସହିତ ରହିବା, ଅଗ୍ନିର ଏକ ସ୍ତମ୍ଭ ଏବଂ ମେଘର ଏକ ସ୍ତମ୍ଭ ମଧ୍ୟରୁ ସେମାନଙ୍କୁ ଦିଗ୍ ଦର୍ଶନ ଦେବା, ମରୁଭୂମିରେ ସେମାନଙ୍କୁ ଖାଦ୍ୟ ଓ ଜଳ ଯୋଗାଇବା ଆଦି) । ଆହୁରି ଅଧିକ ଭାବେ ସବୁବେଳେ ଇଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ଓ ତା'ଙ୍କର ପ୍ରଶଂସା କରନ୍ତୁ । ଆପଣ ତାଙ୍କୁ ଧନ୍ୟବାଦ ଦେଲେ ଓ ତା'ଙ୍କର ପ୍ରଶଂସା କରିଲେ, ଆପଣ ଆପଣଙ୍କ ମନ ଓ ଭାବପ୍ରବଣତାର ଅବସ୍ଥାରେ ଏକ ପରିବର୍ତ୍ତନ ଲକ୍ଷ୍ୟ କରିବେ । ଏବଂ ଆପଣ ଅଧିକ ପ୍ରଭାବ ଯୁକ୍ତ ଭାବେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବାକୁ  ସକ୍ଷମ ହେବେ ।

**କାହିଁକି ଉପବାସ ଗୁରୁତ୍ୱପୂର୍ଣ୍ଣ ଅଟେ ?**

ଉପବାସ ଆମକୁ ଇଶ୍ୱରଙ୍କ ନିକଟବର୍ତ୍ତୀ କରେ । ନିୟମିତ ଉପବାସ କରିବା ଦ୍ୱାରା ଆମେ ଇଶ୍ୱରଙ୍କ ନିକଟବର୍ତ୍ତୀ ହେବାକୁ ସକ୍ଷମ ହେଉ ଏବଂ ଆମ ନିମନ୍ତେ ତା'ଙ୍କର ଇଚ୍ଛା ଅଧିକ ସ୍ୱଷ୍ଟଭାବେ ଜାଣିବାକୁ ସକ୍ଷମ ହେଉ । ଉପବାସ ଇଶ୍ୱରଙ୍କ ସହ ଆମର ସଂପର୍କକୁ ପରବର୍ତ୍ତୀ ସ୍ତରକୁ ନେଇଥାଏ ।

**କିପରି ଉପବାସ କରିବାକୁ ହୁଏ ?**

ବିଭିନ୍ନ ପ୍ରକାରର ଉପବାସ ଓ ବିଭିନ୍ନ ପ୍ରାକାରର ଉପବାସ ପାଇଁ ବିଭିନ୍ନ ସମୟ ବ୍ୟାପ୍ତି ଅଛି । ଉପବାସ ବ୍ୟାପ୍ତି ଓ ପ୍ରକୃତିରେ ଭିନ୍ନ ହୋଇପାରେ । ଏହା ଅଧାଦିନ, ସପ୍ତାହରେ ଥରେ, ଅବିଚ୍ଛିନ୍ନ ଭାବେ ଚାଳିଶ ଦିନ ବା ଅଧିକ ଦିନ ମଧ୍ୟ ହୋଇପାରେ ।

ଯେଉଁମାନେ ପ୍ରଥମ ଥର ପାଇଁ ଆରମ୍ଭ କରୁଛନ୍ତି ସେମାନେ ସପ୍ତାହରେ ଥରେ ଅଧାଦିନ ପାଇଁ ଉପବାସ କରିବାକୁ ଯୋଜନା କରିପାରନ୍ତି (ସକାଳ ଜଳଖିଆ ବା ଦ୍ୱିପ୍ରହରର ଭୋଜନ ଖାଇ ନ ପାରନ୍ତି) । ଉପବାସର ଅର୍ଥ ନୁହେଁ ଜଣେ ଜଳ ପିଇ ପାରିବ ନାହିଁ । ପ୍ରକୃତରେ ଉପବାସ ସମୟରେ ଆମେ ଅପେକ୍ଷାକୃତ

ଅଧିକ ଜଳ ପିଇବା ଆବଶ୍ୟକ । ଉପବାସର ସମୟରେ ପ୍ରାର୍ଥନାରେ ଅତିରିକ୍ତ ସମୟ ଦେବା ଆବଶ୍ୟକ । ଜଣେ ଦ୍ୱିପ୍ରହରର ଶେଷ ଆଡ଼କୁ ବା ସନ୍ଧ୍ୟାର ଶେଷ ଆଡକୁ ଉପବାସ ଭାଙ୍ଗିବା ଆବଶ୍ୟକ । ଅନେକ ଦିନ ୩ଟା ବେଳେ ସେମାନଙ୍କ ଉପବାସ କରନ୍ତି । ଏହି ସମୟରେ ଆମର ପ୍ରଭୁ ଯୀଶୁ କ୍ରୁଶ ଉପରେ ମୃତ୍ୟୁ ଭୋଗ କଲେ, ପାପର କ୍ରୋଧରୁ ଆମକୁ ଉଦ୍ଧାର କଲେ ଓ ମୃତ୍ୟୁକୁ ଜୟ କଲେ ।

ଦଳଗତ ଭାବେ ଉପବାସ ଅତ୍ୟନ୍ତ ଶକ୍ତିଯୁକ୍ତ । ଲୋକମାନେ ଏକତ୍ରିତ ହୋଇ ଉପବାସ ଓ ପ୍ରାର୍ଥନା କରିପାରିବେ ଓ ପରସ୍ପରର ଆବଶ୍ୟକତା ପାଇଁ ନିବେଦନ କରିପାରିବେ । ଆପଣ ବିଭିନ୍ନ ପ୍ରକାର ଉପବାସ ବିଷୟରେ ଜାଣିବା ପାଇଁ ଇଣ୍ଟରନେଟ୍ ର ସାହାଯ୍ୟ ନେଇ ପାରନ୍ତି ।

**୩ଟା ସମୟର ପ୍ରାର୍ଥନା କ'ଣ ?**

ଅପରାହ୍ନ ୩ଟା କୁ ମହା ଦୟାର ସମୟ କୁହାଯାଏ । ଏହି ସମୟରେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ କ୍ରୁଶ ଉପରେ ଆମ ପାଇଁ ମୃତ୍ୟୁ ଭୋଗ କଲେ ଓ ଜଗତକୁ ମୁକ୍ତ କଲେ । ଏହି ସମୟରେ ଇଶ୍ୱର ଜଗତକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କଲେ । ୩ଟା ସମୟର ପ୍ରାର୍ଥନା ଆମକୁ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଯନ୍ତ୍ରଣା ଏବଂ ଆପଣଙ୍କୁ, ମୋତେ ଓ ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ କ୍ରୁଶ ଉପରେ ତା'ଙ୍କର ବଳିଦାନକୁ ସ୍ମରଣ କରାଏ । ଯୀଶୁ ଖ୍ରୀଷ୍ଟଙ୍କ ଯନ୍ତ୍ରଣା ଆମ ନିମନ୍ତେ ତା'ଙ୍କର ପ୍ରେମର ପ୍ରମାଣ ।

୩ଟା ସମୟର ପ୍ରାର୍ଥନା ପାଇଁ ପ୍ରାର୍ଥନା ଉପରେ ଥିବା ଭାଗକୁ ଦେଖନ୍ତୁ ।

**ବାଇବଲ କ'ଣ ?**

ବାଇବଲ ଇଶ୍ୱରଙ୍କ ପ୍ରେମ ଗଳ୍ପ । ସେ ଆମକୁ, ତାହାଙ୍କ ସନ୍ତାନମାନଙ୍କୁ କିପରି ପ୍ରେମ କରନ୍ତି ସେ ବିଷୟରେ ଏହା ତହାଙ୍କ ପ୍ରେମ ଗଳ୍ପ । ଆମେ ସମସ୍ତେ ଇଶ୍ୱରଙ୍କ ସନ୍ତାନ । ଆପଣ ବାଇବଲ ପଢିଲେ, ଆପଣ ଆମ ନିମନ୍ତେ ଇଶ୍ୱରଙ୍କ ସୁନ୍ଦର ଯୋଜନା ବିଷୟରେ ଜାଣିବେ । ବାଇବଲ ବର୍ଣ୍ଣନା କରେ ଯେ ଇଶ୍ୱର କିପରି ପ୍ରତ୍ୟେକ ବିଷୟ ସୃଷ୍ଟି କଲେ, ସେ କିପରି ଆମକୁ ପ୍ରେମ କରନ୍ତି, ସେ ଆମ ଠାରୁ କ'ଣ ଇଚ୍ଛା କରନ୍ତି, କିପରି ଓ କାହିଁକି ସେ ଯୀଶୁଙ୍କୁ ଆମ ପାଇଁ ମୃତ୍ୟୁ ଭୋଗ କରିବା ପାଇଁ ପଠାଇଲେ, ଆମର ଦୈନନ୍ଦିନ ଜୀବନ ଯାପନ ପାଇଁ ଆମ ନିମନ୍ତେ ତା'ଙ୍କର କ'ଣ ନିର୍ଦ୍ଦେଶ ଓ ପରାମର୍ଶ ଅଛି ଏବଂ ଆହୁରି ଅନେକ ଆଗ୍ରହ ଓ ପ୍ରେରଣାଦାୟକ ସତ୍ୟ ବିଷୟ ।

ବାଇବଲ ପବିତ୍ର ଆତ୍ମାଙ୍କ ନିର୍ଦ୍ଦେଶ ଦ୍ୱାରା ଅନୁପ୍ରାଣୀତ ହୋଇଥିବା ବିଭିନ୍ନ ଲେଖକଙ୍କ ଦ୍ୱାରା ଲିଖିତ ବହୁ ପୁସ୍ତକକୁନେଇ ସଂକଳିତ ହୋଇଅଛି । ସେଥିପାଇଁ ବାଇବଲ ଇଶ୍ୱରଙ୍କ ବାକ୍ୟ ଅଟେ ।

**ବାଇବଲର ଅନ୍ତର୍ଭୁକ୍ତ :**

- ଈଶ୍ୱରଙ୍କ ପ୍ରେମ ଗଳ୍ପ
- ଖ୍ରୀଷ୍ଟଙ୍କଠାରେ ଆମର ପରିଚୟ
- ବାସ୍ତବ ଐତିହାସିକ ଗଳ୍ପ (ଘଟଣା) ସମୂହର ଏକ ସୁନ୍ଦର ସଂଗ୍ରହ
- ଯୀଶୁଙ୍କ ଜୀବନୀ
- ଆମ ନିମନ୍ତେ ଈଶ୍ୱରଙ୍କ ଉତ୍ସାହପ୍ରଦ ପ୍ରତିଜ୍ଞାସମୂହ
- ଦୈନନ୍ଦିନ ଜୀବନ ପାଇଁ ନିର୍ଦ୍ଦେଶମାଳା ଓ ପରାମର୍ଶ (ଜୀବନର ନିର୍ଦ୍ଦେଶାବଳୀ ପୁସ୍ତକ)
- ଆମ ନିମନ୍ତେ ଈଶ୍ୱରଙ୍କ ଅବିଚଳିତ ପ୍ରେମ, ବିଶେଷଭାବେ ନୈରାଶ୍ୟ, ବ୍ୟଥା ଓ କଷ୍ଟ ସମୟରେ

**ବାଇବଲରେ ବର୍ଣ୍ଣିତ ଈଶ୍ୱରଙ୍କ ପ୍ରେମ ଗଳ୍ପ କେଉଁ ବିଷୟରେ କହେ ?**

ବାଇବଲ ଈଶ୍ବରଙ୍କ ପ୍ରେମ ଗଳ୍ପ ଅଟେ । ସେ କିପରି ଆମକୁ, ତାଙ୍କର ସନ୍ତନମାନଙ୍କୁ ପ୍ରେମ କରନ୍ତି ସେ ବିଷୟକ ଏହା ତାଙ୍କର ପ୍ରେମ ଗଳ୍ପ ଅଟେ । ବାଇବଲ ଆମକୁ କହେ, ଈଶ୍ୱର କିପରି ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟି କଲେ, ସେ କିପରି ମନୁଷ୍ୟ ସୃଷ୍ଟି କଲେ, ଆମ ନିମନ୍ତେ ତା'ଙ୍କର ପ୍ରେମ, କିପରି ଓ କାହିଁକି ସେ ଯୀଶୁଙ୍କୁ ଆମ ପାଇଁ ମୃତ୍ୟୁ ଭୋଗ କରିବା ପାଇଁ ପଠାଇଲେ ଏବଂ ଆମ ପାଇଁ ତା'ଙ୍କର ସୁନ୍ଦର ପ୍ରତିଜ୍ଞା ଓ ଯୋଜନା । ଆପଣ ଯଦି ବାଇବଲର ପୁରାତନ ନିୟମ ପାଠ କରିବେ ତେବେ ଆପଣ ଜାଣିବେ ଯେ ଈଶ୍ୱର ତା'ଙ୍କର ପ୍ରିୟ ଲୋକମାନଙ୍କୁ ମିଶରରୁ ବାହାର କଲେ ଏବଂ ସେମାନଙ୍କୁ ଦାସତ୍ୱ ବନ୍ଧନରୁ ମୁକ୍ତ କଲେ, ସେ କିପରି ସମୁଦ୍ରର ଜଳଭାଗ କରି ସମୁଦ୍ର ମଧ୍ୟରେ ପଥ ପ୍ରସ୍ତୁତ କଲେ ଯେପରି ଅକ୍ଷତ ଅବସ୍ଥାରେ ତା'ଙ୍କ ଲୋକମାନେ ସମୁଦ୍ର ଅତିକ୍ରମ କରିବେ, କିପରି ଈଶ୍ୱର ତା'ଙ୍କ ଲୋକଙ୍କୁ ସୁରକ୍ଷା କଲେ ଏବଂ ଦିବସରେ ଏକ ମେଘ ସ୍ତମ୍ଭ ଓ ରାତିରେ ଏକ ଅଗ୍ନି ସ୍ତମ୍ଭ ମଧ୍ୟରୁ ପଥ ଦେଖାଇ କଢାଇ ନେଲେ ।

ଆପଣ ମଧ୍ୟ ଘଟଣା ସମୂହ ପାଠ କରିବେ କିପରି ଈଶ୍ୱର ତାଙ୍କର ପ୍ରିୟ ଲୋକମାନଙ୍କୁ ମରୁଭୂମିରେ ଥିବାବେଳେ ସ୍ୱର୍ଗରୁ ରୋଟି ଓ ଏକ ପ୍ରସ୍ତରରୁ ଜଳ ଯୋଗାଇଥିଲେ । ଲୋକମାନେ କିପରି ଈଶ୍ୱରଙ୍କ ଅବାଧ୍ୟ ହେଲେ ଓ ତା'ଙ୍କ ମନରେ ଆଘାତ ଦେଲେ ସେ ବିଷୟରେ ବାଇବଲରେ ଗଳ୍ପ ଅଛି । ମାତ୍ର ଈଶ୍ୱର ସବୁବେଳେ ସେମାନଙ୍କୁ କ୍ଷମା ଦେଲେ  ଓ ସେମାନଙ୍କ ନିମନ୍ତେ ତା'ଙ୍କ ପ୍ରେମ ଯୋଗୁଁ ସେମାନଙ୍କୁ ଆଶୀର୍ବାଦ କଲେ ।

ଇସ୍ରାଏଲୀୟମାନେ ମରୁଭୂମିରେ ଚାଳିଶ ବର୍ଷ ଥିଲେ, ମାତ୍ର ସେମାନଙ୍କ ବସ୍ତ୍ର ଜୀର୍ଣ୍ଣ ହୋଇନଥିଲା ଓ ମରୁଭୂମିରେ ଏତେ ଦୀର୍ଘ ପଥ ଅତିକ୍ରମ କରିବା ପରେ ମଧ୍ୟ ତା'ଙ୍କ ଗୋଡ ଫୁଲି ନଥିଲା ।

ଏଗୁଡିକ ବାଇବଲର କେତେକ ଘଟଣାବଳୀ । ଆପଣ ଯେତେବେଳେ ବାଇବଲ ପାଠ କରିବେ ଆପଣ ଆହୁରି ଅନେକ ଈଶ୍ୱରଙ୍କ ଆଶ୍ଚର୍ଯ୍ୟ ଘଟଣାବଳୀ ପାଇବେ ।

**ବାଇବଲ କ'ଣ ପ୍ରକୃତରେ ବାସ୍ତବ ଅଟେ କି ?**

ହଁ, ବାଇବଲ ବାସ୍ତବ (ସତ୍ୟ) ଅଟେ । ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ । ଅନେକ ଲୋକ ବାଇବଲରେ ଉଲ୍ଲେଖିତ ବିଷୟଗୁଡିକର ସଠିକତା ବଦାନୁବାଦ କରନ୍ତି । ଲୋକମାନଙ୍କ ଦ୍ୱାରା ଉତଥିତ ଅନେକ ପ୍ରଶ୍ନର ଉତ୍ତର କିଛି ସମୟ ବ୍ୟାପ୍ତିରେ ଦିଆ ହୋଇସାରିଛି । ଉଦାହରଣ ସ୍ୱରୂପ, ଯେତେବେଳେ ପ୍ରତ୍ନତତ୍ତ୍ୱ ସଂକ୍ରାନ୍ତ ପ୍ରମାଣ, ଐତିହାସିକ ବିବରଣୀ ଆଦି ମିଳିଲା ସେତେବେଳେ ପ୍ରଶ୍ନର ଉତ୍ତର ମିଳିଗଲା । ଯେତେବେଳେ ନୂତନ ବୈଜ୍ଞାନିକ ପ୍ରମାଣ ମିଳିଲା ସେତେବେଳେ ବିଜ୍ଞାନ ସଂକ୍ରାନ୍ତିୟ ଅନେକ ପ୍ରଶ୍ନର ଉତ୍ତର ମିଳିଥିଲା ଓ ଲୋକମାନେ ବାଇବଲରେ ଲିଖିତ ବିଷୟ ସହିତ ଏହାର ସଂଯୋଗ ସ୍ଥାପନ କରିପାରିଥିଲେ । ସେହିପରି, ଲୋକମାନଙ୍କ ଅନ୍ୟ ବହୁତ ପ୍ରଶ୍ନର (ବାଇବଲରେ ଉଲ୍ଲେଖିଥ ସତ୍ୟର ସଠିକତା ବିଷୟରେ) ଉତ୍ତର ମିଳିବ ଯେତେବେଳେ ଲୋକମାନେ ନୂତନ ବୈଜ୍ଞାନିକ ତଥ୍ୟ, ଐତିହାସିକ ପ୍ରମାଣ ଆଦି ପାଇବେ ।

ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆମେ ଆମ ପାଇଁ ଈଶ୍ୱରଙ୍କ ପ୍ରେମ ଓ ଈଶ୍ୱରଙ୍କ ବାକ୍ୟ, ବାଇବଲକୁ ବିଶ୍ୱାସ କରୁ । ତା'ଙ୍କ ସମୟରେ ସମସ୍ତ ପ୍ରଶ୍ନର ଉତ୍ତର ମିଳିବ । ଆମକୁ ଈଶ୍ୱରଙ୍କୁ ବିଶ୍ୱାସ କରିବାକୁ ହେବ ଓ ତା'ଙ୍କଠାରେ ବିଶ୍ୱାସ ରଖିବାକୁ ହେବ ।

**ମୋତେ କିପରି ବାଇବଲ ପଢିବାକୁ ହେବ ?**

ବାଇବଲ ବିଭିନ୍ନ ପ୍ରକାର ପୁସ୍ତକଗୁଡିକର ସମାରୋହ । କେତେ ପୁସ୍ତକରେ ଘଟଣାବଳୀ ଅଛି, କେତେକ ପୁସ୍ତକରେ ବୁଦ୍ଧିର ବାକ୍ୟ ଅଛି । କେତେଗୁଡିଏ ପଦ୍ୟ ପୁସ୍ତକ, କେତେଗୁଡିଏ ପୁସ୍ତକରେ ନିର୍ଦ୍ଦେଶାବଳୀ ଅଛି, କେତେକ ପୁସ୍ତକ ଯୀଶୁ ଓ ଏହି ପୃଥିବୀରେ ତା'ଙ୍କ ସେବା ବିଷୟରେ କହନ୍ତି, କେତେକ ପୁସ୍ତକ ଆମକୁ ଉତ୍ସାହିତ କରନ୍ତି ଏବଂ କେତେକ ପୁସ୍ତକ ଭବିଷ୍ୟତରେ କ'ଣ ହେବାକୁ ଯାଉଛି ସେ ବିଷୟରେ ଆପଣଙ୍କୁ ସମ୍ୟକ୍ ଧାରଣା ଦିଅନ୍ତି ।

ଆପଣ ଯଦି ବାଇବଲକୁ ଏକ ମୋଟା ଉପନ୍ୟାସ ଭାବି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଢିବାକୁ ଆରମ୍ଭ କରନ୍ତି, ତେବେ ନିଶ୍ଚିତ ଭାବେ ଅଳ୍ପ ଦିନ ମଧ୍ୟରେ ଆଗ୍ରହ ହରାଇବେ । ତେଣୁ ଆପଣ କ'ଣ ଜାଣିବାକୁ

ଚାହାଁନ୍ତି ଓ ଆପଣ କ'ଣ ଖୋଜୁଛନ୍ତି ତା'ର ଆଧାରରେ କିପରି ଓ କ'ଣ ବାଇବଲରେ ପଢିବାକୁ ହେବ ତାହା ଜାଣିବା ଉତ୍ତମ ।

ବାଇବଲର ଦୁଇଟି ଭାଗ ଅଛି । ପୁରାତନ ନିୟମ (ଯୀଶୁଙ୍କ ପୂର୍ବ ସମୟ) ଓ ନୂତନ ନିୟମ (ଯୀଶଙ୍କ ସମୟର ଓ ତା'ଙ୍କ ପରବର୍ତ୍ତୀ ସମୟ) । ଆପଣ ଯଦି ଈଶ୍ୱରଙ୍କ ସୃଷ୍ଟିର ବିବରଣ ଏବଂ ଐତିହାସିକ ଯୁଗରେ ତା'ଙ୍କର ଲୋକମାନଙ୍କ ବିଷୟରେ ପଢିବାକୁ ଚାହାଁନ୍ତି ତେବେ ପୁରାତନ ନିୟମରେ ଯେଉଁ ପୁସ୍ତକଗୁଡିକରେ ଏହି ଘଟଣାବଳୀ ଅଛି ତାହା ପାଠ କରିପାରିବେ (ଉଦା : ଆଦିପୁସ୍ତକ, ଯାତ୍ରାପୁସ୍ତକ, ଯିହୋଶୂୟ ଇତ୍ୟାଦି) ଆପଣ ଯଦି ଯୀଶୁଙ୍କ ବିଷୟରେ ଓ ସେ ଯେଉଁ ମଣ୍ଡଳୀ ସ୍ଥାପନ କଲେ ସେ ବିଷୟରେ ଜାଣିବା ପାଇଁ ଚାହାଁନ୍ତି, ତେବେ ଆପଣ ନୂତନ ନିୟମର ପ୍ରଥମ ପାଞ୍ଚଟି ପୁସ୍ତକ ପଢିପାରିବେ (ମାଥିଉ, ମାର୍କ, ଲୂକ, ଯୋହନ ଓ ପ୍ରେରିତମାନଙ୍କ କାର୍ଯ୍ୟର ବିବରଣୀ) । ଆପଣ ଯଦି ପାଠ କରି ସଦାପ୍ରଭୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସା ଗାନ କରିବାକୁ ଚାହାଁନ୍ତି ତେବେ ଆପଣ ଗୀତସଂହିତା ପୁସ୍ତକ ପଢି ପାରିବେ ଓ ଧ୍ୟାନ କରିପାରିବେ ।

**ବାଇବଲ ପଦ ଉପରେ କିପରି ଧ୍ୟାନ କରିବାକୁ ହେବ ?**

ବାଇବଲ ଆମ ପ୍ରତି ଈଶ୍ୱରଙ୍କ ପ୍ରତିଜ୍ଞାରେ ପୂର୍ଣ୍ଣ । ଆମେ ବାଇବଲ ପଢିଲେ ନିର୍ଦ୍ଦିଷ୍ଟ ପଦ ଆମର ଦୃଷ୍ଟି ଆକର୍ଷଣ କରିପାରେ । ପବିତ୍ର ଆତ୍ମା ଯେପରି ଆମକୁ ଚାଳନା ଦେବେ ଓ ଶିକ୍ଷା ଦେବେ ସେଥିପାଇଁ ଆମକୁ ପ୍ରାର୍ଥନା କରିବାକୁ ହେବ ଏବଂ ଈଶ୍ୱର ଆମ ପାଇଁ ତା'ଙ୍କର ଯୋଜନା, ପ୍ରତିଜ୍ଞା ଓ ଇଚ୍ଛା ପ୍ରକାଶ କରିବେ । ଆମେ ବିଶ୍ୱାସର ହୃଦୟରେ ତା'ଙ୍କ ବାକ୍ୟ ବାଇବଲ ପାଠ କରିବା ଆବଶ୍ୟକ ।

**ଈଶ୍ୱରଙ୍କ ଶକ୍ତିଯୁକ୍ତ ପ୍ରତିଜ୍ଞାଗୁଡିକ (ବାଇବଲରେ) କ'ଣ ?**

ବାଇବଲ ଆମ ନିମନ୍ତେ ଈଶ୍ୱରଙ୍କ ପ୍ରତିଜ୍ଞାରେ ପୂର୍ଣ୍ଣ ଅଟେ । ଆପଣ ଏହି ପୁସ୍ତକର ୩ୟ ଭାଗରେ କେତେକ ଉଦାହରଣ ପାଇବେ (ପ୍ରାର୍ଥନା ନିମନ୍ତେ ଭାଗ) । ଏହି ପ୍ରାର୍ଥନା ଗୁଡିକରେ ଆମ ନିମନ୍ତେ ଈଶ୍ୱରଙ୍କ ପ୍ରତିଜ୍ଞାସମୂହ ଅଛି ଏବଂ ପ୍ରାର୍ଥନାର ଶେଷରେ ନିର୍ଦ୍ଦିଷ୍ଟ ଶାସ୍ତ୍ରାଂଶ ଉଲ୍ଲେଖ କରାଯାଇଛି । ଆପଣ ସେଗୁଡିକର ସାହାଯ୍ୟ ନେଇ ପାରନ୍ତି ଏବଂ ଈଶ୍ୱରଙ୍କ ଅଶୀର୍ବାଦ ଯେପରି ଶକ୍ତିଶାଳୀ ଭାବେ ଆପଣଙ୍କୁ ସ୍ପର୍ଶ କରେ ସେଥିପାଇଁ ଆପଣ ଏହି ପଦଗୁଡିକ ଉପରେ ଧ୍ୟାନ କରିପାରନ୍ତି ।

**ଯୀଶୁ ଏକ ଯନ୍ତ୍ରଣାଦାୟକ ମୃତ୍ୟୁ ଭୋଗ କଲେ । ସେ କିପରି ଈଶ୍ୱର ହୋଇ ପାରିବେ ?**

ଈଶ୍ୱର, ଆକାଶମଣ୍ଡଳ ଓ ପୃଥିବୀର ସୃଷ୍ଟିକର୍ତ୍ତା ଆମର ପ୍ରେମମୟ ସ୍ୱର୍ଗୀୟ ପିତା । ଏବଂ ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ପୁତ୍ର । ଆମ ନିମନ୍ତେ ଈଶ୍ୱରଙ୍କ ପ୍ରେମ, ଈଶ୍ୱରଙ୍କୁ ତାଙ୍କ ପୁତ୍ରଙ୍କୁ ପୃଥିବୀକୁ ପଠାଇବାରେ ସାହାଯ୍ୟ କଲା, ଯେପରି ତା'ଙ୍କ ପୁତ୍ର ବଳିଯୋଗ୍ୟ ମେଷଶାବକ ହେବେ ଓ କ୍ରୁଶ ଉପରେ ମୃତ୍ୟୁ ଭୋଗ କରିବେ, ଫଳରେ ଆମେ ପାପ ଓ ଅନନ୍ତ ମୃତ୍ୟୁରୁ ଉଦ୍ଧାର ପାଇପାରିବୁ । ଈଶ୍ୱରଙ୍କ ବ୍ୟତୀତ ଅମକୁ ପାପ ଓ ଅନନ୍ତମୃତ୍ୟୁରୁ କିଏ ଉଦ୍ଧାର କରିପାରିବ ? ଯୀଶୁଙ୍କଠାରୁ ଅଧିକା ଆମକୁ କିଏ ପ୍ରେମ କରିପାରେ, ଯିଏ କି ମୋ ନିମନ୍ତେ, ଆପଣଙ୍କ ନିମନ୍ତେ ଏବଂ ଆମ ପ୍ରତ୍ୟେକ ନିମନ୍ତେ ମୃତ୍ୟୁ ଭୋଗ କଲେ, ଯେତେବେଳେ ଅନେକ ଲୋକ ଯୀଶୁ କିଏ ତା'ମଧ୍ୟ ଜାଣନ୍ତି ନାହିଁ ।

**ଯୀଶୁ ଆମ ପ୍ରତ୍ୟେକଙ୍କୁ ଉଦ୍ଧାର କରିବା ପାଇଁ ମୃତ୍ୟୁ ଭୋଗ କଲେ ଏବଂ ଆମ ମଧ୍ୟରୁ ଅନେକ ଏହା ମଧ୍ୟ ଜାଣନ୍ତି ନାହିଁ । ତା'ଙ୍କ ଅପେକ୍ଷା କିଏ ଆମକୁ ଅଧିକା ପ୍ରେମ କରିପାରେ ?**

**ଈଶ୍ୱର ସର୍ବଶକ୍ତିମାନ । ଈଶ୍ୱର ତା'ଙ୍କ ଶକ୍ତିରେ ଆମ ପାପ କ୍ଷମା କରିପାରନ୍ତି । ଆମ ପାଇଁ କାହିଁକି ଯୀଶୁଙ୍କୁ ମୃତ୍ୟୁ ଭୋଗ କରିବାକୁ ହେଲା ?**

ଈଶ୍ୱର, ଆମର ପିତା ଏକ ପ୍ରେମମୟ ଈଶ୍ୱର । ଆମ ପ୍ରତ୍ୟେକଙ୍କୁ ସେ କେତେ ଭଲ ପାଆନ୍ତି ତାହା ଶବ୍ଦରେ ପ୍ରକାଶ କରାଯାଇ ପାରିବ ନାହିଁ । ସେ ଯାହାହେଉ ଈଶ୍ୱର ତା'ଙ୍କର ନିୟମ ପ୍ରତି ମଧ୍ୟ ବାସ୍ତବ ଅଟନ୍ତି । ଈଶ୍ୱରଙ୍କ ନ୍ୟାୟ ଓ ଧାର୍ମିକତା ଆବଶ୍ୟକ କରେ ଯେ ପାପୀମାନେ ଶାସ୍ତି ପାଇବା ଉଚିତ୍ । ମାତ୍ର ସେହି ସମାନ ସମୟରେ ସେ ଆମକୁ ମଧ୍ୟ ଅତିଶୟ ପ୍ରେମ କରନ୍ତି । ଏବଂ ତା'ଙ୍କର ପ୍ରେମ ଓ ଦୟା ଆବଶ୍ୟକ କରେ ଯେ ଆମେ ପାପୀମାନେ ମୁକ୍ତ ହେଉ । ଆମ ବଦଳରେ ପାପର ଫଳାଫଳର ସମ୍ମୁଖାସମ୍ମୁଖୀ ହେବା ପାଇଁ ଯୀଶୁଙ୍କୁ, ଆମର ଉଦ୍ଧାରକର୍ତ୍ତାଙ୍କୁ ଜଗତକୁ ପଠାଇ ଈଶ୍ୱର ଏହି ଉଭୟ ଆବଶ୍ୟକତାକୁ ପୂରଣ କଲେ । ଆମ ପ୍ରତି ଈଶ୍ୱରଙ୍କ ପ୍ରେମ ଏପ୍ରକାରର । କାହାରି ପ୍ରେମ ଏପ୍ରକାର ପ୍ରେମ ସହ ତୁଳନୀୟ ନୁହେଁ ।

**ଯୀଶୁ ମୃତ୍ୟୁକୁ କିପରି ଜୟକଲେ ? ପୁନରୁତ୍ଥାନ କ'ଣ ?**

ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମର ପ୍ରତିବଦଳତା ହିସାବରେ ନିଜେ କ୍ରୁଶରେ କ୍ରୁଶାର୍ପିତ ହେବା ପାଇଁ ଅନୁମତି ଦେଲେ ଯେପରି କି ଆମର ପାପସବୁ କ୍ଷମା ହୁଏ ଓ ଧୌତ ହୁଏ । ସେ ଆମ ସ୍ଥାନରେ ମୃତ୍ୟୁ ଭୋଗ କଲେ ଓ କବର ପାଇଲେ । ସେ ମୃତ୍ୟୁକୁ ଜୟ କଲେ ଓ ତୃତୀୟ ଦିନରେ ଜୀବିତ ହେଲେ । ଏହାକୁ ପୁନରୁତ୍ଥାନ କୁହାଯାଏ ।

ତାଙ୍କର ପୁନରୁତ୍ଥାନ ପରେ, ସେ ତା'ଙ୍କର ଶିଷ୍ୟମାନଙ୍କ ସହ ଚାଳିଶ ଦିନ ରହିଥିଲେ ଓ ତତ୍ପରେ ସେ ସ୍ୱର୍ଗାରୋହଣ କଲେ । ସେ ତା'ଙ୍କର ଗୌରବରେ ପୃଥିବୀକୁ ଆଉଥରେ ଆସୁଅଛନ୍ତି ।

ଯୀଶୁ ଆମର ଉଦ୍ଧାରକର୍ତ୍ତା ଅଟନ୍ତି । ଯେ କେହି ତାହାଙ୍କ ପବିତ୍ର ନାମରେ ପ୍ରର୍ଥନା କରିବ ସେ ପରିତ୍ରାଣ ପାଇବ ।

**ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ବିଶେଷ ବିଷୟ କ'ଣ ? ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଅନନ୍ୟତା କ'ଣ ?**

ଯୀଶୁ ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ଅଟନ୍ତି । ଯୀଶୁଙ୍କ ବିଷୟରେ ଅନେକ ବିଷୟ ବସ୍ତୁ ଅନନ୍ୟ (ଅତୁଳନୀୟ) ଅଟେ । କିପରି ଏକ ଈଶ୍ୱର ପରାୟଣ ଜୀବନ କାଟିବା ପାଇଁ ହୁଏ ତାହା ଦେଖାଇବା ପାଇଁ ଯୀଶୁ ଆମ ମଧ୍ୟରେ ବାସ କରିବାକୁ ପୃଥିବୀକୁ ଆସିଲେ । ସେ କୁମାରୀ ମରିୟମଙ୍କ ଗର୍ଭରୁ ଜାତ ହେଲେ ଓ ପଶୁ ଖାଇବା ସ୍ଥାନରେ ଶୋଇଲେ । ଯେହେତୁ ସେ ଈଶ୍ୱର ତେଣୁ ସେ ପୃଥିବୀରେ ଥିବା ସମୟରେ ନିଜର ବିଳାସବ୍ୟସନ ପାଇଁ ଜଗତର ସମସ୍ତ ଐଶ୍ୱର୍ଯ୍ୟ ମନୋନିତ କରି ପାରିଥାନ୍ତେ । ତାର ପରିବର୍ତ୍ତେ ସେ ସାଧାରଣ ମନୁଷ୍ୟର ନମ୍ର ଜୀବନ ଯାପନ ପ୍ରଣାଳୀକୁ ମନୋନୀତ କଲେ । ସେ ଆମ ମଧ୍ୟରେ ବାସ କରିବା ପାଇଁ ଚାହିଁଲେ ।

ସେ ଯେତେବେଳେ ଜନ୍ମ ଗ୍ରହଣ କଲେ, ସେତେବେଳେ ଦୂତମାନେ ଗୀତ ଗାଇଲେ ଓ ଆନନ୍ଦ ଉଲ୍ଲାସ କଲେ । ତା'ଙ୍କ ସମ୍ମାନରେ ଏକ ବିଶେଷ ତାରା ଉଜ୍ଜଳ ଆଲୋକ ପ୍ରଦାନ କଲା ଓ ଦୂର ଦେଶରୁ ପଣ୍ଡିତମାନେ ତା'ଙ୍କୁ ସମ୍ମାନ (ପ୍ରଣାମ) କରିବାକୁ ଆସିଲେ ।

କିପରି ପାପ ଓ ପ୍ରଲୋଭନକୁ ଏଡ଼ାଇ ଈଶ୍ୱର ପରାୟଣ ଜୀବନ କାଟିବାକୁ ହୁଏ ତାହା ସେ ଆମକୁ ଦେଖାଇଲେ । ପାପ ଓ ମୃତ୍ୟୁରୁ ସବୁଦିନ ପାଇଁ ଆମକୁ ମୁକ୍ତି କରିବାକୁ ସେ ଆମ ନିମନ୍ତେ କ୍ରୁଶ ଉପରେ ମୃତ୍ୟୁ ଭୋଗ କଲେ । ଆମେ ଯେପରି ଈଶ୍ୱରଙ୍କ ସହ ସବୁଦିନ ରହିବୁ ସେଥିପାଇଁ ଆମକୁ ଉଦ୍ଧାର କରିବାକୁ ଓ ତାଙ୍କ ନିକଟକୁ ଆଣିବାକୁ ଆମ ନିମନ୍ତେ ସେ (ଈଶ୍ୱର) ମୃତ୍ୟୁ ଭୋଗ କରିବା ବିଷୟ ଆପଣ କେବେ କେଉଁଠାରେ ଶୁଣିଛନ୍ତି କି ?

ଖ୍ରୀଷ୍ଟଙ୍କ ଯନ୍ତ୍ରଣାଭୋଗ ଓ କ୍ରୁଶ ଉପରେ ତା'ଙ୍କର ମୃତ୍ୟୁ ହେଉଛି ଆମ ନିମନ୍ତେ ଈଶ୍ୱର, ଆମର ସ୍ୱର୍ଗୀୟ ପିତାଙ୍କ ପ୍ରେମର ପ୍ରଦର୍ଶନ ।

ମୃତ୍ୟୁ ଉପରେ ବିଜୟକୁ ପ୍ରମାଣ କରି ଯୀଶୁ ତୃତୀୟ ଦିନରେ ପୁନରୁତ୍ଥିତ ହେଲେ । ସେ ଆମର ପ୍ରତ୍ୟେକ ବିଷୟ ପାଇଁ ଉତ୍ତର ଅଟନ୍ତି । ବାସ୍ତବରେ, ସେ ହିଁ ଆମର କେବଳ ଉତ୍ତର ଅଟନ୍ତି । ସେ ଆମର

ସୁସ୍ଥକାରୀ, ଆମର ଯୋଗଣକାରୀ, ଆମର ସୁରକ୍ଷାକାରୀ, ଆମର ମୁନିବ, ଆମର ଈଶ୍ୱର, ଆମର ବନ୍ଧୁ, ଆମର ଦିଗ୍‌ଦର୍ଶକ, ଆମର ଭ୍ରାତା, ଆମର ରାଜା, ଆମର ପ୍ରଭୁ, ଏବଂ ଅନେକ ତାଲିକା ଅଛି ।

ଲୋକମାନେ ସେମାନଙ୍କ ଈଶ୍ୱରଗଣ (ଦେବତା) ଉପସ୍ଥିତିକୁ ସେମାନଙ୍କ ସର୍ବୋତ୍ତମ ବଳି (ଉପହାର) ଆଣିବାର ଜଣାଯାଏ । ଯୀଶୁ, ଈଶ୍ୱରଙ୍କ ପୁତ୍ର ଏପ୍ରକାର ବଳି (ଉପହାର) ଆଶା କରନ୍ତି ନାହିଁ । ସେ ଇଚ୍ଛା କରନ୍ତି ଆମେ ତା'ଙ୍କ ନିକଟକୁ ଆମର ଭଗ୍ନହୃଦୟ, ଆମ ସମସ୍ୟା, ଆମର ଅସୁସ୍ଥତା, ଆମର ଦୁଃଖ ଆଣୁ ଯେପରି ସେ ସେସବୁ ଆମଠାରୁ ନେଇ ତା'ଙ୍କ ଅନୁଗ୍ରହ, ଦୟା ଓ ପ୍ରେମରେ ଆମକୁ ପୂର୍ଣ୍ଣ କରନ୍ତି ।

**ଖ୍ରୀଷ୍ଟଙ୍କ ରକ୍ତର ବିଶେଷତଃ କ'ଣ ? ଲୋକମାନେ ଖ୍ରୀଷ୍ଟଙ୍କ ରକ୍ତ ବିଷୟରେ କାହିଁକି ସବୁବେଳେ କହନ୍ତି ?**

ଖ୍ରୀଷ୍ଟଙ୍କ ରକ୍ତର ଏକ ବିଶେଷ ଗୁରୁତ୍ୱ ଅଛି । ଯେତେବେଳେ ଜଣେ ଯୀଶୁ, ଈଶ୍ୱର୍‌ଙ୍କ ପୁତ୍ର୍‌ଙ୍କୁ ବିଶ୍ୱାସ କରେ ଏବଂ ଯୀଶୁଙ୍କୁ ନିଜର ଉଦ୍ଧାରକର୍ତ୍ତା ରୂପେ ଗ୍ରହଣ କରେ, ସେତେବେଳେ ଖ୍ରୀଷ୍ଟଙ୍କ ରକ୍ତ ତା'ର ପାପ ଧୋଇଦିଏ ଏବଂ ତା'କୁ ଅନନ୍ତ ମୃତ୍ୟୁରୁ ରକ୍ଷା କରେ ।

ମୋଶା ବ୍ୟବସ୍ଥା ଯୁଗରେ (ପୁରାତନ ନୟମ ଯୁଗରେ), ଲୋକମାନେ ପାପ କ୍ଷମା ନିମନ୍ତେ ଯାଜକ ମନ୍ଦିରର ବେଦୀରେ ବର୍ଷରେ ଥରେ ପଶୁ ରକ୍ତ ବଳିସ୍ୱରୂପ ଉତ୍ସର୍ଗ କରୁଥିଲେ ପଶୁ ରକ୍ତର ଏହି ବଳିଦାନ (ଉତ୍ସର୍ଗୀକରଣ) ପ୍ରତ୍ୟେକ ବର୍ଷ ହେଉଥିଲା । ବ୍ୟବସ୍ଥାନୁଯାୟୀ ରକ୍ତପାତ ବିନା ପାପ କ୍ଷମା ନାହିଁ । କ୍ରୁଶ ଉପରେ ଯୀଶୁଙ୍କୁ ଯନ୍ତ୍ରଣା, ବଳିଦାନ ଓ ରକ୍ତ ଆମକୁ ଏକାଥରେ ପାପରୁ ମୁକ୍ତ କରିଦେଇଛି । ଆମେ ଯେତେବେଳେ ତାଙ୍କୁ ବିଶ୍ୱାସ କରୁ, ତା'ଙ୍କଠାରେ ଆମର ପାପ ସ୍ୱୀକାର କରୁ ଏବଂ ଅନୁତାପ କରୁ, ସେତେବେଳେ ସେ ଆମକୁ କ୍ଷମା କରନ୍ତି, ତାଙ୍କର ବହୁମୂଲ୍ୟ ରକ୍ତରେ ଆମର ପାପ ଧୋଇଦିଅନ୍ତି ଏବଂ ଆମେ ଅନନ୍ତ କାଳ ପାଇଁ ପରିତ୍ରାଣ (ଉଦ୍ଧାର) ପାଉ ।

"ଖ୍ରୀଷ୍ଟଙ୍କ ରକ୍ତ" ବାକ୍ୟାଂଶ ହେଉଛି କ୍ରୁଶ ଉପରେ ଯୀଶୁଙ୍କ ଉତ୍ସର୍ଗୀକୃତ ମୃତ୍ୟୁ ଓ ଆମ ତରଫରୁ ଯୀଶୁଙ୍କ ସମ୍ପୂର୍ଣ୍ଣ ପ୍ରାୟଶ୍ଚିତ କାର୍ଯ୍ୟର ପରିପ୍ରକାଶ । ଯୀଶୁ ଆପଣଙ୍କ ପାଇଁ, ମୋ ପାଇଁ ଓ ଆମ ସମସ୍ତଙ୍କ ପାଇଁ ରକ୍ତ ବୁହାଇଲେ ଓ ମୃତ୍ୟୁ ଭୋଗ କଲେ । ଆମେ ପାପୀ ଥିଲୁ ଓ ଆମେ ଯୀଶୁଙ୍କୁ ଆମର ଉଦ୍ଧାରକର୍ତ୍ତା ରୂପେ ଗ୍ରହଣ କରି ବର୍ତ୍ତମାନ ମୁକ୍ତ ଅଟୁ । ଖ୍ରୀଷ୍ଟଙ୍କ ରକ୍ତ ବିପଦରୁ ଆମକୁ ସୁରକ୍ଷା କରେ ।

**ଯଦି କେହି ଯୀଶୁଙ୍କ ସହିତ ଅନ୍ୟ ଈଶ୍ୱରଗଣ ନିକଟରେ ପ୍ରର୍ଥନା ପରେ, ତେବେ ଯୀଶୁ କ'ଣ ଭାବିବେ ? ଯୀଶୁ କିପରି ଅନୁଭବ କରିବେ ?**

ଆପଣ ଯେଉଁ ବ୍ୟକ୍ତିଙ୍କୁ ପ୍ରେମ କରନ୍ତି ଓ ଆପଣ ଯେତେ ପରିମାଣ ପ୍ରେମର ହକଦାର ଓ ଆପଣ ଯେପରି ଇଚ୍ଛା କରନ୍ତି ଯଦି ସେ ସେହି ପରିମାଣରେ ବା ସେଭଳି ଭାବେ ଆପଣଙ୍କୁ ପ୍ରେମ ନ କରନ୍ତି ତେବେ ଆପଣ କିପରି ଅନୁଭବ କରିବେ ? ଆପଣ ଦୁଃଖିତ ହେବେ ? ମାତ୍ର ତଥାପି ଆପଣ ସେହି ବ୍ୟକ୍ତିଙ୍କୁ ପ୍ରେମ କରିବେ ଓ ଆଶାରେ ଅପେକ୍ଷା କରି ରହିବେ ।

ସେହିଭଳି, ଆମେ ଯେତେବେଳେ ଯୀଶୁଙ୍କୁ ଆମ ଜୀବନରେ ପ୍ରଥମ ସ୍ଥାନ ନ ଦେଉ ସେ ବ୍ୟଥା ଅନୁଭବ କରନ୍ତି । ଅବଶ୍ୟ, ଯୀଶୁ ଆମର ହୃଦୟ ଓ ମନକୁ ବୁଝି ପାରନ୍ତି । ଯେତେବେଳେ ଜଣେ ଈଶ୍ୱରଙ୍କୁ ଆମର ପ୍ରେମମୟ ପିତା ହିସାବରେ ପ୍ରେମ କରେ ନାହିଁ ଓ ତା' ଜୀବନରେ ତା'ଙ୍କୁ ପ୍ରଥମ ସ୍ଥାନ ଦିଏ ନାହିଁ ସେତେବେଳେ ଯୀଶୁ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତି ଯେ ଦିନେ ଆମେ ପ୍ରତ୍ୟେକ ସତ୍ୟ ଜାଣିବୁ ଓ ସତ୍ୟ ଆମକୁ ମୁକ୍ତ କରିବ ।

ଯୀଶୁ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତି ଯେ ଦିନେ ଆମେ ଈଶ୍ୱରଙ୍କ ସହ, ତା'ଙ୍କ ପ୍ରେମରେ ସଂଯୁକ୍ତ ହେବୁ ।

**କ୍ରୁଶବିଦ୍ଧ ଓ ଯନ୍ତ୍ରଣାଗ୍ରସ୍ତ ଯୀଶୁଙ୍କୁ ଲୋକମାନେ ଉପାସନା କରି ପାରିବେ ? ଏହା ଅତ୍ୟନ୍ତ ହୃଦୟହୀନ ଓ ବ୍ୟଥାଦାୟକ ବୋଲି ଅନୁଭୂତ ହୁଏ ।**

କ୍ରୁଶ ଆମକୁ ଆମ ପାଇଁ ଈଶ୍ୱରଙ୍କ ପ୍ରେମ, ପୁଣି ଆମକୁ ପାପ, ରୋଗ ଓ ମୃତ୍ୟୁରୁ ମୁକ୍ତ କରିବା ପାଇଁ କ୍ରୁଶ ଉପରେ ମୃତ୍ୟୁ ଭୋଗ ନିମନ୍ତେ ଈଶ୍ୱର କିପରି ତା'ଙ୍କର ଅଦ୍ୱିତୀୟ ପୁତ୍ର, ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ପଠାଇଲେ ତାହା ସ୍ମରଣ କରାଇ ଦିଏ । କ୍ରୁଶ ଆମକୁ ସୁସମ୍ବାଦର ଗୁରୁତ୍ୱ ବିଷୟରେ ଜଣାଏ ଯେ ଈଶ୍ୱର ଆମକୁ ପ୍ରେମ କରନ୍ତି ଏବଂ ଆମେ ଯୀଶୁଙ୍କୁ ଆମର ବ୍ୟକ୍ତିଗତ ଉଦ୍ଧାରକର୍ତ୍ତା ରୂପେ ଗ୍ରହଣ କଲେ ଆମେ ତା'ଙ୍କ ସହ ଅନନ୍ତକାଳ ପାଇଁ ରହି ପାରିବା । କ୍ରୁଶ ଆଶା ଓ ପ୍ରେମକୁ ଗୁରୁତ୍ୱ ଦିଏ । ଆମେ ଯେତେବେଳେ ସେହି ପରିପ୍ରେକ୍ଷୀରେ କ୍ରୁଶକୁ ଦେଖୁ, ସେତେବେଳେ କ୍ରୁଶ ଉପରେ ଯୀଶୁଙ୍କ ଗୁରୁତ୍ୱର ପ୍ରକୃତ ଅର୍ଥ ବୁଝିପାରୁ ।
ଆମେ ମଧ୍ୟ ମନେ ରଖିବା ଉଚିତ୍ ଯେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ପୁନରୁତ୍ଥିତ ହୋଇଛନ୍ତି ଓ ମୃତ୍ୟୁକୁ ଜୟ କରିଛନ୍ତି । ସେ ଆମର ଜୀବିତ ପ୍ରଭୁ ଅଟନ୍ତି ।

**ଖ୍ରୀଷ୍ଟିୟାନମାନେ ପାଶ୍ଚାତ୍ୟ ସଂସ୍କୃତିକୁ ଗ୍ରହଣ କରିଛନ୍ତି । ମୁଁ ଯଦି ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରେ ତେବେ ମୋତେ କ'ଣ ସେମାନଙ୍କ ଭଳି ହେବାକୁ ହେବ ?**

ପରିବର୍ତ୍ତନ; ହୃଦୟ ଓ ମନରେ ହୁଏ । ଯୀଶୁଙ୍କୁ ବିଶ୍ୱାସ କରିବା ଦ୍ୱାରା ବାହ୍ୟିକ ପରିବର୍ତ୍ତନ ଆବଶ୍ୟକ କରେ ନାହିଁ । ଯେତେବେଳେ ଜଣେ ଯୀଶୁଙ୍କୁ ବିଶ୍ୱାସ କରେ ଏବଂ ନିରୋଳାସ୍ଥାନ ଓ ପ୍ରାର୍ଥନାରେ ସମୟ କଟାଏ ସେତେବେଳେ କିପରି ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାକୁ ହେବ ସେ ବିଷୟରେ ପବିତ୍ର ଆତ୍ମା ତାକୁ ଚାଳନା କରନ୍ତି ।

କେତେକ ଲୋକ ସେମାନଙ୍କ ସଂସ୍କୃତି ଓ ସମାଜରେ ନୂତନ ବିଷୟ ଗ୍ରହଣ କରି ପାରନ୍ତି ମାତ୍ର ତାହା ବାଧତାମୂଳକ ନୁହେଁ । ଜାଗତିକ (ବାହ୍ୟିକ) ବିଷୟଠାରୁ ଆମର ହୃଦୟ ଓ ମନ ଈଶ୍ୱରଙ୍କ ନିକଟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

**ମୁଁ ଯୀଶୁଙ୍କୁ ବିଶ୍ୱାସ କରେ । ମୋର ଜୀବନଶୈଳୀରେ କିଛି ପରିବର୍ତ୍ତନ କରିବାର ଅଛି କି ?**

ହଁ । ମାତ୍ର ଆପଣଙ୍କ ଜୀବନଶୈଳୀରେ କିଛି ବିଷୟ ପରିବର୍ତ୍ତନ କରିବା ପାଇଁ ଆପଣ ନିଜେ ବଳ ପ୍ରୟୋଗ କରିବା ଅନୁଚିତ । ଆପଣ ଯୀଶୁଙ୍କୁ ଆପଣଙ୍କ ବ୍ୟକ୍ତିଗତ ଉଦ୍ଧାରକର୍ତ୍ତା ରୂପେ ଥରେ ଗ୍ରହଣ କଲେ, ଆପଣ ଆପଣଙ୍କ ହୃଦୟ, ମନ, ଆତ୍ମା ଓ ସମୟ ତା'ଙ୍କୁ ସମର୍ପଣ କରନ୍ତୁ । ତା'ଙ୍କ ଉପସ୍ଥିତିରେ ନିରୋଳାରେ ନୀରବତାରେ ଓ ପ୍ରାର୍ଥନାରେ ସମୟ କଟାନ୍ତୁ । ଆପଣ ଥରେ ଏହି ଶୃଙ୍ଖଳା ବିକାଶ ସାଧନ କଲେ, ପବିତ୍ର ଆତ୍ମା ଆପଣଙ୍କୁ ଈଶ୍ୱରଙ୍କ ସହିତ ଅପେକ୍ଷାକୃତ ଅଧିକ ଗଭୀର ଓ ବ୍ୟକ୍ତିଗତ ସଂପର୍କ ବୃଦ୍ଧି କରିବାରେ ଚାଳନା ଦେବେ ।

**ଖ୍ରୀଷ୍ଟିଆନମାନେ ଗୀର୍ଜାରେ ମଦ୍ୟ ପାନ କରନ୍ତି କି ?**

ନାଁ । ଏହା ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ଗୋଟିଏ ଭ୍ରାନ୍ତ ଧାରଣା । ଆପଣ ଗୀର୍ଜାରେ ଗୋଟିଏ ମାଣ୍ଡଳିକ ଉପାସନାରେ ଯୋଗ ଦେବା ବିଷୟରେ କ'ଣ ଭାବନ୍ତି ? ଆପଣ ଯଦି ଯୋଗ ଦେବେ, ତେବେ ବାକ୍ୟ ଶୁଣିବେ, ଧର୍ମୀୟ ବିଧି ଦେଖିବେ ଓ ଧର୍ମୀୟ ବିଧିର ଅର୍ଥ ବୁଝି ପାରିବେ ?

**ଗୀର୍ଜା ହେଉଛି ଈଶ୍ୱରଙ୍କୁ ଉପାସନା କରିବାର ଗୋଟିଏ ସ୍ଥାନ । ଜୋତା ପିନ୍ଧି ଜଣେ ଉପାସନାର ସ୍ଥାନରେ କିପରି ପ୍ରବେଶ କରି ପାରିବ ?**

ଆମେ ଯେତେବେଳେ ଖ୍ରୀଷ୍ଟଙ୍କୁ ଆମର ଉଦ୍ଧାରକର୍ତ୍ତା ରୂପେ ଗ୍ରହଣ କରୁ, ଆମେ ନିଜେ ଈଶ୍ୱରଙ୍କ ମନ୍ଦିର ହେଉ ଓ ପବିତ୍ର ଆତ୍ମା ଆମ ମଧ୍ୟରେ ବାସ କରନ୍ତି । ବାହ୍ୟିକ ପରିଷ୍କାର ପରିଚ୍ଛନ୍ନତା ବିବେଚନା କରିବା ପୂର୍ବରୁ ଆମର ହୃଦୟ ଓ ମନ ଶୁଚି ଓ ପବିତ୍ର ଅଛି କି ନାହିଁ ଏହି ପ୍ରଶ୍ନ ପଚାରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ

ଅଟେ । ଆମେ ଯୀଶୁଙ୍କ ଅନୁଗମନ କରିବାବେଳେ ଆମ ହୃଦୟ ଓ ମନର ମନୋଭାବ ତା'ହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

ସାଧାରଣତଃ, ଜଣେ ଗୀର୍ଜାରେ ପ୍ରବେଶ କରିବାବେଳେ ଜୋତା ଖୋଲିବାର ଆବଶ୍ୟକ ନାହିଁ । ଅବଶ୍ୟ ଛୋଟ ସହର ଓ ଗ୍ରାମର ଅନେକ ଗୀର୍ଜା (ଉପାସନା ଗୃହ) ଅଛି ଯେଉଁଠାରେ ଲୋକମାନେ ଉପାସନା ଗୃହକୁ ପରିଷ୍କାର ରଖିବା ପାଇଁ ଏଥିରେ ପ୍ରବେଶ କରିବା ପୂର୍ବରୁ ଜୋତା ଖୋଲିବା ପାଇଁ ପସନ୍ଦ କରନ୍ତି ।

ଖ୍ରୀଷ୍ଟଙ୍କ ଅନୁଗମନ କରିବା ପାଇଁ ମୋତେ କ'ଣ କରିବାକୁ ହେବ ? ମୁଁ ଯଦି ଯୀଶୁଙ୍କୁ ବିଶ୍ୱାସ କରେ ତେବେ ମୋତେ କ'ଣ ପରିତ୍ୟାଗ କରିବାକୁ ପଡିବ ?

ଯୀଶୁ ଖ୍ରୀଷ୍ଟଯେ ଈଶ୍ୱରଙ୍କ ପୁତ୍ର ତାହା ବିଶ୍ୱାସ କରନ୍ତି ଏବଂ ଆପଣଙ୍କ ପାଇଁ ଯେ ତା'ଙ୍କର ମହାନ ଯୋଜନା ଅଛି ତାହା ବିଶ୍ୱାସ କରି ଆପଣଙ୍କ ସମସ୍ତ ନିବେଦନ ତା'ଙ୍କ ନିକଟକୁ ଆଣନ୍ତୁ । ଆପଣଙ୍କ ହୃଦୟରେ ଜାଣନ୍ତ ଯେ ସେ ଆମର ଈଶ୍ୱର, ଆମର ସୁସ୍ଥକାରୀ, ଆମର ମୁକ୍ତିକର୍ତ୍ତା, ଆମର ବନ୍ଧୁ ଏବଂ ଆମର ଉଦ୍ଧାରକର୍ତ୍ତା ଅଟନ୍ତି ।

ଈଶ୍ୱରଙ୍କ ଉପସ୍ଥିତି ଓ ପ୍ରାର୍ଥନାରେ ପ୍ରତ୍ୟେକ ଦିନ ସମୟ କଟାଇବା ପାଇଁ ଆପଣ ଦୈନନ୍ଦିନ ଜୀବନକୁ ଶୃଙ୍ଖଳିତ କରନ୍ତୁ ଏବଂ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯେପରି ସେ ଆପଣଙ୍କ ଜୀବନର ପ୍ରତ୍ୟେକଟି କ୍ଷେତ୍ରରେ ଚାଳନା ଦିଅନ୍ତି । ଆପଣ ଯାହା ପରିତ୍ୟାଗ କରିବାକୁ ଚାହାଁନ୍ତି ତାହା ତା'ଙ୍କୁ ପ୍ରାର୍ଥନାରେ ମାଗନ୍ତୁ ଏବଂ ତା'ଙ୍କୁ ପ୍ରାର୍ଥନା କରନ୍ତୁ ଯେପରି ସେ ଆପଣଙ୍କୁ ଚାଳନା ଦେବେ ଓ ଆପଣଙ୍କ ଜୀବନକୁ ସବୁଦିନ ପାଇଁ ପରିବର୍ତ୍ତନ କରିବାକୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଆପଣଙ୍କୁ ସକ୍ଷମ କରିବେ ।

ଆପଣ ଖାଦ୍ୟ, ବସ୍ତ୍ର, ଗୃହ, ସଂସ୍କୃତି ବା ସେପରି ଯେ କୌଣସି ବିଷୟରେ ଆପଣଙ୍କ ଜୀବନ ଶୈଳୀକୁ ପରିତ୍ୟାଗ କରିବାର ଆବଶ୍ୟକ ନାହିଁ । ଆପଣଙ୍କ ହୃଦୟ ଓ ମନର ଅନ୍ତର୍ନିହିତ ପରିବର୍ତ୍ତନ ଉପରେ ମନୋନିବେଶ କରନ୍ତୁ ଓ ଆପଣଙ୍କୁ ପଥ ଦର୍ଶାଇବା ପାଇଁ ସୁଯୋଗ ଦେବା ପାଇଁ ଯୀଶୁଙ୍କୁ ଅନୁମତି ଦିଅନ୍ତୁ ।

**ମୁଁ ଯଦି ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରେ ତେବେ ମୋତେ କି କି ଧର୍ମୀୟ ବିଧି ପାଳନ କରିବାକୁ ହେବ ?**

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଈଶ୍ୱରଙ୍କ ସହ ଆମର ଘନିଷ୍ଠ ସଂପର୍କ । ଧର୍ମୀୟ ବିଧି ପରବର୍ତ୍ତୀ ବିଷୟ । ଈଶ୍ୱର ଆମର ଆବଶ୍ୟକତା ଜାଣନ୍ତି । ଈଶ୍ୱରଙ୍କ ଉପସ୍ଥିତି ଓ ପ୍ରାର୍ଥନାରେ ପ୍ରତ୍ୟେକ ଦିନ ସମୟ କଟାଇବା ପାଇଁ ଆପଣଙ୍କ ଦୈନନ୍ଦିନ ଜୀବନକୁ ଶୃଙ୍ଖଳିତ କରନ୍ତୁ । ପ୍ରାର୍ଥନା କରିବା ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ ପଦ୍ଧତି ନାହିଁ, ଯାହା ଆପଣଙ୍କୁ ଅନୁସରଣ କରିବାକୁ ହେବ । ଆପଣ ଈଶ୍ୱରଙ୍କ ଉପସ୍ଥିତିରେ ପ୍ରାର୍ଥନାରେ ସମୟ

ବିତାଇବାକୁ ଆରମ୍ଭ କଲେ, ସେ ଆପଣଙ୍କୁ ଚାଳନା ଦେବେ ଏବଂ ଆପଣ ତା'ଙ୍କ ସହ ଆପଣଙ୍କ ଯାତ୍ରାକୁ ଉପଭୋଗ କରିବାକୁ ଆରମ୍ଭ କରିବେ । ଯଦି ଆପଣ ଅଧିକ ବିଷୟ ଜାଣିବାକୁ ଚାହାଁନ୍ତି ବା ମନ ମଧ୍ୟରେ ନିର୍ଦ୍ଦିଷ୍ଟ ପ୍ରଶ୍ନ ଥାଏ ତେବେ ଆପଣ ଯୀଶୁଙ୍କର ଅନ୍ୟ ଅନୁଗାମୀମାନଙ୍କ ସହ ଆଲୋଚନା କରି ପାରନ୍ତି ।

**ମଣ୍ଡଳୀକୁ ଯିବା ଆବଶ୍ୟକ କି ?**

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି । ଆପଣ ଈଶ୍ୱରଙ୍କୁ ପ୍ରେମ କରନ୍ତି କି ? ଈଶ୍ୱରଙ୍କୁ ଜାଣିବାରେ ଆପଣଙ୍କ ଆତ୍ମିକ ଯାତ୍ରାରେ ଆପଣ ଯେତେ ଦୂର ଅଗ୍ରସର ହୋଇଛନ୍ତି ଆପଣ ସେଥିରେ ଖୁସି ଓ ସନ୍ତୁଷ୍ଟ କି ? ବା ଆପଣ ତା'ଙ୍କୁ ଅଧିକା ଜାଣିବା ପାଇଁ ଓ ପ୍ରେମ କରିବା ପାଇଁ ଚାହାଁନ୍ତି । ଆପଣ ତା'ଙ୍କର ଅଧିକ ନିକଟରେ ହେବା ପାଇଁ ଓ ଆପଣଙ୍କ ଜୀବନରେ ତା'ଙ୍କର ଅନୁଗ୍ରହ ଓ ଆଶୀର୍ବାଦ ଅନୁଭବ କରିବା ପାଇଁ ଚାହାଁନ୍ତି କି ? କେବଳ ଧର୍ମୀୟ ବିଧି ସକାଶେ ମଣ୍ଡଳୀକୁ ଯାଆନ୍ତୁ ନାହିଁ । ଈଶ୍ୱରଙ୍କ ପ୍ରେମ ଓ ଈଶ୍ୱରଙ୍କ ସହ ଆପଣଙ୍କ ବ୍ୟକ୍ତିଗତ ସଂପର୍କ ସକାଶେ ମଣ୍ଡଳୀକୁ ଯାଆନ୍ତୁ । ଆଉ ଆପଣ ଥରେ ଈଶ୍ୱରଙ୍କ ପ୍ରେମ ଅଧିକ ଭାବେ ଅନୁଭବ କଲେ, ତା'ଙ୍କ ସହ ଆପଣଙ୍କ ଯାତ୍ରାରେ ଆପଣଙ୍କୁ ନେତୃତ୍ୱ ଦେବା ପାଇଁ ଓ ଦିଗ୍ ଦର୍ଶନ ଦେବାପାଇଁ ତା'ଙ୍କୁ ସୁଯୋଗ ଦିଅନ୍ତୁ ।

**ମୂର୍ତ୍ତି ପୂଜା କ'ଣ ?**

ଜୀବନ୍ତ ଈଶ୍ୱରଙ୍କ ଠାରୁ ଯଦି କୌଣସି ବିଷୟ ବା ବ୍ୟକ୍ତିକୁ କେହି ଅଧିକ ଆରାଧନା ଓ ଉପାସନା କରେ ତେବେ ଏହାକୁ ମୂର୍ତ୍ତି ପୂଜା କୁହାଯାଏ ।

କୌଣସି ବ୍ୟକ୍ତି ଏକ ମୂର୍ତ୍ତି କୁ ଈଶ୍ୱର ଭାବି ଆରାଧନା ବା ଉପାସନା କରିପାରେ ବା କୌଣସି ବ୍ୟକ୍ତି ଏକ ବିଖ୍ୟାତ ଖ୍ୟାତନାମା ବ୍ୟକ୍ତିକୁ ଯେ କୌଣସି ବ୍ୟକ୍ତିଠାରୁ ଅଧିକ ଆରାଧନା ବା ପ୍ରଶଂସା କରି ପାରେ କେହି କେହି ବ୍ୟକ୍ତି ଅର୍ଥକୁ ଅନ୍ୟ ଯେ କୌଣସି ବିଷୟ ବା ବ୍ୟକ୍ତିଠାରୁ ଅଧିକ ପ୍ରେମ କରିପାରେ । ଏସବୁ ମୂର୍ତ୍ତିପୂଜାର ଉଦାହରଣ ଅଟେ ।

ଆମର ଈଶ୍ବର, ଯେ କି ଆକାଶମଣ୍ଡଳ ଓ ପୃଥିବୀର ସୃଷ୍ଟିକର୍ତ୍ତା ତାଙ୍କୁ ପ୍ରେମ ଓ ଉପାସନା କରିବା ପାଇଁ ଆମେ ସୃଷ୍ଟି ହୋଇଅଛୁ । ସେ ଆମର ପ୍ରିୟତମ ପିତା ଓ ଆମେ ତା'ଙ୍କର ସନ୍ତାନ ଅଟୁ । ଯେ କୌଣସି ବିଷୟ ଏବଂ ବ୍ୟକ୍ତି ଠାରୁ ସେ ଆମ ଜୀବନରେ ପ୍ରଥମ ସ୍ଥାନ ପାଇବା ଉଚିତ୍ ।

**ଲୋକମାନେ ମୂର୍ତ୍ତି ନିକଟରେ କାହିଁକି ପ୍ରାର୍ଥନା କରନ୍ତି ? ଲୋକମାନେ ମୂର୍ତ୍ତି ନିକଟରେ ପ୍ରାର୍ଥନା କରିବା ଅନୁଚିତ କି ?**

ଲୋକମାନେ ସାଧାରଣତଃ ଅନ୍ୟମାନଙ୍କୁ ଯାହା କରିବାର ଦେଖନ୍ତି ବା ଯାହା ସେମାନେ ସେମାନଙ୍କ ପ୍ରାଚୀନମାନଙ୍କ ଠାରୁ ଶିଖିଛନ୍ତି ତାହାହିଁ ସେମାନେ ଅନୁକରଣ କରନ୍ତି । ଅଧିକ ସମୟରେ, ଲୋକମାନେ ଧର୍ମୀୟ ବିଧି ଉପରେ ଆଦୌ ପ୍ରଶ୍ନ କରନ୍ତି ନାହିଁ ଏବଂ ନିର୍ଦ୍ଦିଷ୍ଟ ଧର୍ମୀୟ ବିଧି ବା କ୍ରିୟାକଳାପ ପଛରେ କ'ଣ ଉଦ୍ଦେଶ୍ୟ ଅଛି ତାହା ବୁଝିବାକୁ ଚେଷ୍ଟା କରନ୍ତୁ ନାହିଁ । ଅନେକ ଲୋକଙ୍କ ଭ୍ରାନ୍ତ ଧାରଣା ଅଛି ଯେ ମୂର୍ତ୍ତୀ ଓ ଠାକୁରଗୁଡିକ ଈଶ୍ୱର ଅଟନ୍ତି । ତେଣୁ ଅନେକ ଲୋକ ପ୍ରତିମା ନିକଟରେ ପ୍ରର୍ଥନା କରିଥାଆନ୍ତି ।

ଆମେ ଯାହା କରୁ ଓ କାହିଁକି କରୁ ସେ ବିଷୟରେ ଆମେ ଥରେ ଅନୁସନ୍ଧିତ୍ସୁ ହୋଇ ପଡିଲେ ଆମେ ସତ୍ୟ ଅନୁସନ୍ଧାନ କରିବାର ପ୍ରଣାଳୀ ମଧ୍ୟରେ ପ୍ରବେଶ କରିଥାଉ । ଅନ୍ତିମ ସତ୍ୟ ଈଶ୍ୱରଙ୍କ ସହିତ ଅଛି । ଆମର ହୃଦୟ ସହ ଆମେ ଈଶ୍ୱରଙ୍କ ସତ୍ୟ ଅନୁସନ୍ଧାନ କଲେ, ଈଶ୍ୱର ନିଜକୁ ଓ ତା'ଙ୍କର ପ୍ରେମକୁ ଅଧିକରୁ ଅଧିକ ଭାବେ ପ୍ରକାଶ କରିବାକୁ ଆରମ୍ଭ କରନ୍ତି ଏବଂ ତା'ଙ୍କର ସତ୍ୟ ଆମକୁ ମୁକ୍ତ କରେ ।

ଆମେ ଯେତେବେଳେ ଆମର ପିତା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରି ପାରିବୁ ସେତେବେଳେ ପ୍ରତିମା ନିକଟରେ ପ୍ରାର୍ଥନା କରିବାର କି କିଛି ଆବଶ୍ୟକତା ଅଛି ?

**ଅନେକ ଲୋକ ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ ଓ ପ୍ରକୃତିକୁ ଉପାସନା କରନ୍ତି । ପ୍ରକୃତି ଉପାସନା କ'ଣ ଭୁଲ୍ ଅଟେ କି ?**

ଈଶ୍ୱର ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟି କଲେ । ଆକାଶମଣ୍ଡଳ ଓ ପୃଥିବୀରେ ଥିବା ପ୍ରତ୍ୟେକ ବିଷୟ ଈଶ୍ୱର ସୃଷ୍ଟି କରିଛନ୍ତି । ପ୍ରକୃତି, ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହଗୁଡିକ ତା'ଙ୍କର ସୃଷ୍ଟି । ଲୋକମାନେ ସୃଷ୍ଟି ନା ସୃଷ୍ଟିକର୍ତ୍ତାଙ୍କୁ ଉପାସନା କରିବା ଉଚିତ୍ ?

କେତେକ ଲୋକ ଭାବନ୍ତି ଯେ, ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହଗୁଡିକ ଈଶ୍ୱରଗଣ ବା ସେମାନେ ଭାବନ୍ତି ଏଗୁଡିକ ମଧ୍ୟରେ ଈଶ୍ୱର ଅଛନ୍ତି । ଆମେ କାହିଁକି ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଯେ କି ଆମର ପ୍ରେମମୟ ସ୍ୱର୍ଗୀୟ ପିତା ମଧ୍ୟ, ତାହାଙ୍କ ଉପରେ ଆମର ଦୃଷ୍ଟି ନ ରଖିବା ? ଆମେ କାହିଁକି ଆମର ପ୍ରେମମୟ ସ୍ୱର୍ଗୀୟ ପିତା ଯେ କି ଆମକୁ ସୃଷ୍ଟି କଲେ ଓ ଆମକୁ ପ୍ରେମ କରନ୍ତି ଓ ଆମର ପ୍ରେମ ଆଶା କରନ୍ତି ତାହାଙ୍କୁ ଉପାସନା ନ କରିବା ?

କେତେକ ଖ୍ରୀଷ୍ଟିୟାନମାନେ ସବୁବେଳେ ପାପ ବିଷୟରେ କହନ୍ତି । ସେମାନେ ଧର୍ମକାମୀ ବ୍ୟକ୍ତି । ପାପ ବିଷୟରେ ଜଣକୁ କାହିଁକି ଆଲୋଚନା କରିବାର ଆବଶ୍ୟକ ?

ଈଶ୍ୱର ଆମକୁ ତା'ଙ୍କର ସାଦୃଶ୍ୟରେ ସୃଷ୍ଟି କଲେ ମାତ୍ର ପାପ ଆମକୁ ଈଶ୍ୱରଙ୍କ ଠାରୁ ପୃଥକ କଲା । ତା'ଙ୍କ ଆଡ଼କୁ ଆମକୁ ଆକର୍ଷଣ କରିବା ପାଇଁ । ଈଶ୍ୱର ତା'ଙ୍କ ପୁତ୍ର, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଆମେ କରିଥିବା ସମସ୍ତ ପାପ ନିମନ୍ତେ କ୍ରୁଶ ଉପରେ ଏକ ବଳି ହିସାବରେ ମୃତ୍ୟୁ ଭୋଗ କରିବାକୁ ପଠାଇଲେ । ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରାୟଶ୍ଚିତ ମୃତ୍ୟୁ  ଓ ତାଙ୍କ ପୁନରୁତ୍ଥାନ ମାଧ୍ୟମରେ ଆମେ ଅନନ୍ତ ପାପ ଓ ମୃତ୍ୟୁରୁ ଉଦ୍ଧାର ପାଉ - ଯଦି ଆମେ ଯୀଶୁ, ଈଶ୍ୱରଙ୍କ ପୁତ୍ରଙ୍କୁ ଆମର ଉଦ୍ଧାରକର୍ତ୍ତା ଓ ପ୍ରଭୁ ରୂପେ ଗ୍ରହଣ କରୁ ।

ଯେଉଁ ଲୋକମାନେ ଏହି ସତ୍ୟକୁ ବୁଝନ୍ତି ସେମାନେ ଅନ୍ୟମାନଙ୍କୁ ଏହି ସତ୍ୟ ଜାଣିବାରେ ଅଂଶୀ କରିବାରେ ଉତ୍ସାହିତ ହୁଅନ୍ତି ଯେପରି ଅନ୍ୟମାନେ ମଧ୍ୟ ପରିତ୍ରାଣ ପାଆନ୍ତି । ତେଣୁ ଅନେକ ଲୋକ ପାପ ବିଷୟରେ, ଏହାର ଫଳାଫଳ ଓ ପାପରୁ ଉଦ୍ଧାର ପାଇବା ଉପାୟ ବିଷୟରେ କଥୋପକଥନ କରନ୍ତି ।

**ପ୍ରତ୍ୟେକ ପାପୀ ନୁହଁନ୍ତି । ପ୍ରତ୍ୟେକ ଜନ୍ମରୁ ପାପୀ ବୋଲି ଜଣେ କିପରି କହି ପାରିବ ?**

ଈଶ୍ୱର ନିଜ ସାଦୃଶ୍ୟରେ ସୃଷ୍ଟି କରିଥିବା ପ୍ରଥମ ମନୁଷ୍ୟମାନେ, ଆଦମ ଓ ହବା ଈଶ୍ୱରଙ୍କ ଅବାଧ ହେଲେ ଓ ସେମାନଙ୍କ ମାଧ୍ୟମରେ ପାପ ପୃଥିବୀରେ ପ୍ରବେଶ କଲା ।

ଆମର ପିଲାଦିନେ ଆମକୁ ଶିକ୍ଷା ଦିଆ ଯାଇଥିଲା ଯେପରି ଆମେ ସବୁବେଳେ ଅନ୍ୟମାନଙ୍କୁ ଆମ ସହ ଅଂଶୀ କରାଇବୁ ଓ ସେମାନଙ୍କର ଯତ୍ନ ନେବୁ । ଏବଂ କେବଳ ଆମ ପାଇଁ କିଛି ରଖି ଓ ଅନ୍ୟମାନଙ୍କୁ ସେଥିରେ ଅଂଶୀ ନ କରିବା ହେଉଛି ସ୍ୱାର୍ଥପରତା, ଲୋଭ ଏବଂ ଏହା ଭୁଲ୍ ଅଟେ ।

ଆପଣ ଛୋଟ ଶିଶୁମାନଙ୍କୁ ନିରୀକ୍ଷଣ କରଛନ୍ତି କି ? ଯେତେବେଳେ ଜଣେ ଶିଶୁକୁ ଗୋଟିଏ ଖେଳନା ଦେବେ ସେତେବେଳେ ଶିଶୁଟି ଖେଳନାଟିକୁ ଶକ୍ତ ଭାବେ ଧରି ରଖେ ଏବଂ ଆପଣ ଯେତେବେଳେ ଏହା ନେବାକୁ ଚେଷ୍ଟା କରିବେ, ଶିଶୁଟି ବାଧା ଦିଏ, ଟାଣି ନିଏ ଏବଂ କ୍ରନ୍ଦନ କରେ । ଶିଶୁଟି ସ୍ୱାର୍ଥପରତା ପ୍ରଦର୍ଶନ କରେ ନାହିଁ କି ? କିଏ ଶିଶୁଟିକୁ ଏହି ଅଭ୍ୟାସ ଶିଖାଇଲା ? କେହି ନୁହେଁ । ତେବେ ଶିଶୁଟି କିପରି ଏହି ଅଭ୍ୟାସ ଶିଖିଲା ? ଜନ୍ମ ପୂର୍ବରୁ କିପରି ପାପ ଆମ ଜୀବନରେ ପ୍ରବେଶ କରିଛି ଏହା ତା'ର ଏକ ଉଦାହରଣ ।

ପାପର ଧାରଣା ବିଷୟରେ ଆମର ଅନେକଙ୍କ ଅସୁବିଧା ଅଛି । ବେଳେ ବେଳେ ଏହା ଗ୍ରହଣ କରିବାକୁ କଷ୍ଟକର ହୁଏ ଯେ, ଆମେ ଯେତେବେଳେ ଭଲ ହେବାକୁ ଚେଷ୍ଟା କରୁ ସେତେବେଳେ ଆମ ଜୀବନ ଓ ପରିସ୍ଥିତିରେ ଏପରି କ୍ଷେତ୍ରସବୁ ଅଛି ଯେଉଁଥିରେ ଆମେ ମନ୍ଦଚିନ୍ତା, କ୍ରୋଧ, ଇର୍ଷା, କାମନା, ମିଥ୍ୟା କହିବା ବା ଆମର କଥା (ମନ୍ତବ୍ୟ) ଦ୍ୱାରା ଅନ୍ୟକୁ ଆଘାତ ଦେବାରେ ଶେଷ କରୁ ।

ତତ୍ପରେ ଆମେ ସମସ୍ତ ପାପରୁ ସବୁଦିନ ପାଇଁ ମୁକ୍ତ ହେବାର ଆବଶ୍ୟକତା ବିଷୟରେ ହୃଦୟଙ୍ଗମ କରୁ । ଏବଂ ଯୀଶୁ ଖ୍ରୀଷ୍ଟ ଙ୍କ ଦ୍ୱାରା ଈଶ୍ୱରଙ୍କ ଠାରୁ ଆମେ ଯେଉଁ ପାପ କ୍ଷମା ପାଇଁ ତାହା ଦ୍ୱାରା ଏହା କେବଳ ସମ୍ଭବପର ।

**ଆମେ କିପରି ପାପ ଠାରୁ ଦୂରେଇ ରହି ପାରିବା ?**

ଆମେ ଈଶ୍ୱରଙ୍କ ସହ ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଚାଲିବାକୁ ଲାଗିଲେ କ'ଣ ଠିକ୍ ଓ କ'ଣ ଭୁଲ ସେ ବିଷୟରେ ଆମେ ଅଧିକରୁ ଅଧିକ ସଚେତନ ହୋଇଥାଉ । ଏବଂ ଈଶ୍ୱରଙ୍କ ପବିତ୍ରତା ଆମକୁ ପାପରୁ ଦୂରେଇ ରହିବା ପାଇଁ ସାହାଯ୍ୟ କରେ ।

ଈଶ୍ୱରଙ୍କ ସହ ଏକ ଘନିଷ୍ଠ ସଂପର୍କ ବୃଦ୍ଧି କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

**ଆମେ ଆମର ପାପ କ୍ଷମା କିପରି ପାଇବା ?**

ଯୀଶୁ ଆମର ପାପ ପାଇଁ ମୃତ୍ୟୁ ଭୋଗ କଲେ । ଆମେ ଯେତେବେଳେ ବିଶ୍ୱାସ କରୁ ଯେ ସେ ଈଶ୍ୱରଙ୍କ ପୁତ୍ର ଏବଂ ତା'ଙ୍କୁ ଆମର ଉଦ୍ଧାରକର୍ତ୍ତା ରୂପେ ତା'ଙ୍କୁ ଗ୍ରହଣ କରୁ, ସେତେବେଳେ ତା'ଙ୍କ ନିକଟର ଆମର ପାପ ସ୍ୱୀକାର କରି ଅନୁତାପ କରିପାରିବା ଓ ତା'ଙ୍କଠାରୁ କ୍ଷମା ପ୍ରାର୍ଥନା କରିପାରିବା । ତତ୍ପରେ ସେ ଆମର ପାପ ଧୋଇ ଦିଅନ୍ତି ଓ କ୍ଷମା ଦିଅନ୍ତି । ଆମେ ତା'ଙ୍କଠାରେ ଏକ ନୂତନ ସୃଷ୍ଟି ହେଉ । ଈଶ୍ୱର ଆମର ସମସ୍ତ ଅତୀତ ପାପ କ୍ଷମା କରନ୍ତି ଓ ଭୁଲି ଯାଆନ୍ତି ।

ମୁଁ ସବୁବେଳେ ଅନ୍ୟମାନଙ୍କୁ ସାହାଯ୍ୟ କରେ ଓ ସେମାନଙ୍କର ଯତ୍ନ ନିଏ । ମୋ'ଠାରେ କିଛି ପାପ ନାହିଁ । ତେବେ କାହିଁକି ପାପ ବିଷୟରେ କହୁଛନ୍ତି ? ଉତ୍ତମ କାର୍ଯ୍ୟ କରିବା ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଅର୍ଥ ନୁହେଁ ଜଣଙ୍କଠାରେ ପାପ ନାହିଁ । ଚୋରୀ, ନରହତ୍ୟା, ଦସ୍ୟୁବୃତ୍ତି ବା ଏପରି ଅପରାଧ ଯେ କେବଳ ପାପ ତାହା ନୁହେଁ । ଆମେ ଯେତେବେଳେ କ୍ରୋଧ କରୁ, ଉଦ୍ଧତ ହେଉ, ଇର୍ଷା କରୁ, ଗର୍ବାଚରଣ କରୁ, ଅଭଦ୍ର ବ୍ୟବହାର କରୁ, ମିଥ୍ୟା କହୁ, କାମନାଳରେ ଦଗ୍ଧ ହେଉ ସେତେବେଳେ ମଧ୍ୟ ଆମେ ପାପ କରୁ ।

ବେଳେବେଳେ ଆମର ଦୁର୍ବଳତା ଓ ବିଫଳତାକୁ ଗ୍ରହଣ କରିବା କଷ୍ଟକର । ଏହାକୁ ସ୍ୱୀକାର କରିବା ଓ ଏ ବିଷୟରେ କଥା କହିବା ଅପେକ୍ଷାକୃତ ଅଧିକ କଷ୍ଟକର । ଈଶ୍ୱର ଚାହାଁନ୍ତି ଆମେ ପାପରୁ ମୁକ୍ତ ହେଉ । ସେ ଚାହାଁନ୍ତି ଯେପରି ଆମେ ଆମର ଭୁଲ୍ ଓ ପାପ ତା'ଙ୍କଠାରେ ସ୍ୱୀକାର କରୁ ଓ ଅନୁତାପ କରୁ ଯେପରି କି ସେ ଆମକୁ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୋଇ ପାରିବେ ଓ ପରିଷ୍କାର କରି ପାରିବେ ।

**ପାପ ସ୍ୱୀକାର କ'ଣ ? ମୁଁ କାହିଁକି ସ୍ୱୀକାର କରିବି ?**

ପାପ ସ୍ୱୀକାର ହେଉଛି ଆମ ଜୀବନରେ ଆମେ ଯେଉଁ ସବୁ ପାପ କରିଛୁ ସେ ବିଷୟରେ ସଚେତନ ହେବା ପ୍ରକ୍ରିୟା ଏବଂ ଆମେ ଯେ ଆମ ଜୀବନର ଏସବୁ ଭଲ୍ କରିଛୁ ସେ ବିଷୟ ଈଶ୍ୱରଙ୍କ ନିକଟରେ ମାନିବାର କାର୍ଯ୍ୟ । ଆମେ ଥରେ ଆମର ପାପ ସ୍ୱୀକାର କଲେ, ଆମକୁ ଅନୁତାପ କରିବାକୁ ଓ ତା'ଙ୍କଠାରୁ କ୍ଷମା ପାଇବା ପାଇଁ ତା'ଙ୍କୁ କହିବାକୁ ପଡ଼ିବ ।

ଈଶ୍ୱରଙ୍କ ବାକ୍ୟ ଆମକୁ ପ୍ରତିଜ୍ଞା ଦିଏ –"ଯଦି ଆମ୍ଭମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।"

**ଅନୁତାପ କ'ଣ ? ଜଣେ କିପରି ଅନୁତାପ କରିବ ?**

ପାପ ସ୍ୱୀକାର କରିବା ସହିତ, ଆମେ ମଧ୍ୟ ସେପରି ସେହି ପାପ ନିମନ୍ତେ ଓ ଆମର ଅତୀତର ଭୁଲ୍ କ୍ରିୟାକଳାପ ପାଇଁ ଅନୁତାପ କରୁ ତାହା ଈଶ୍ୱର ଚାହାଁନ୍ତି । ସେ ଚାହାଁନ୍ତି ଯେପରି ଆମେ ଆମର ପୁରୁଣା ପାପପୂର୍ଣ୍ଣ କ୍ରିୟାକଳାପରୁ ଫେରୁ ଓ ତା' ପରିବର୍ତ୍ତେ ତା'ଙ୍କର ଅନୁଗମନ କରୁ ।

ଭୁଲ୍ ଓ ପାପ କରିଥିବା ହେତୁ ଦୁଃଖ ବା ଭଗ୍ନ ହୃଦୟର ଅନୁଭୂତିକୁ ଅନୁତାପ କହନ୍ତି । ପ୍ରକୃତ ଅନୁତାପ ସେହି ପାପଗୁଡିକର ପୁନରାବୃତ୍ତି ନ କରିବା ପାଇଁ ଆମ ମଧ୍ୟରେ ଏକ ଇଚ୍ଛା ଜାଗ୍ରତ କରେ ।

ଆମେ ଯେତେବେଳେ କ୍ଷମା ପ୍ରାର୍ଥନା କରି ଈଶ୍ୱରଙ୍କ ପାଖକୁ ଆସୁ, ସେତେବେଳେ ଅପେକ୍ଷାକୃତ ଅଧିକ ଉତ୍ତମ ହେବା ନିମନ୍ତେ ଅମକୁ ତା'ଙ୍କରି ଶକ୍ତି ଦେବା ପାଇଁ ମଧ୍ୟ ତା'ଙ୍କଠାରେ ପ୍ରାର୍ଥନା କରୁ ।

ଅନୁତାପର ଅର୍ଥ ନୁହେଁ ଆମେ ସମ୍ପୂର୍ଣ୍ଣ ସିଦ୍ଧ ହୋଇଯାଉ । ଈଶ୍ୱର ଆମର ପ୍ରେମମୟ ସ୍ୱର୍ଗୀୟ ପିତା ବୁଝନ୍ତି ଯେ ଆମେ ସମୟ ସମୟରେ ପଛଘୁଞ୍ଚା ଦେଇଥାଉ । ଅବଶ୍ୟ, ଯେଉଁ ପ୍ରତ୍ୟେକ ସମୟରେ ଆମେ ଏକ ଭଗ୍ନ ହୃଦୟରେ ତା'ଙ୍କର କ୍ଷମା ପ୍ରାର୍ଥନା କରି ତା'ଙ୍କ ପାଖକୁ ଆସୁ, ଆମେ ତାହା ପାଇଥାଉ । ଏହି ପ୍ରକ୍ରିୟାରେ, ଈଶ୍ୱର ଆମକୁ ଉତ୍ତମରୁ ଉତ୍ତମ ହେବା ନିମନ୍ତେ ଗଢନ୍ତି । ଏବଂ ଈଶ୍ୱର ସହିତ ଆମର ସଂପର୍କ ଆହୁରି ଅଧିକ ଗଭୀର ହୁଏ ।

"ହେ ମୋହର ବତ୍ସଗଣ, ତୁମ୍ଭେମାନେ ଯେପରି ପାପ ନ କର, ଏଥିନିମନ୍ତେ ମୁଁ ଏହିସବୁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି । କିନ୍ତୁ କେହି ଯଦି ପାପ କରେ, ତାହାହେଲେ ପିତାଙ୍କ ଛାମୁରେ ଆମ୍ଭମାନଙ୍କର ଜଣେ ସପକ୍ଷବାଦୀ ଅଛନ୍ତି, ସେହି ଧାର୍ମିକ ଯୀଶୁ ଖ୍ରୀଷ୍ଟ ।"

ଆମକୁ ଈଶ୍ୱରଙ୍କ ସ୍ୱଭାବକୁ ଶିଖିବାକୁ ହେବ ଓ ଅତି ନିକଟରେ ରହି ତା'ଙ୍କର ଅନୁଗମନ କରିବାକୁ ହେବ । ଆମେ ପାପ କରୁ ଏବଂ ଈଶ୍ୱରଙ୍କ କ୍ଷମା ପ୍ରାର୍ଥନା କରୁ । ଏବଂ ପ୍ରତି ଥର ଈଶ୍ୱର ଆମକୁ କ୍ଷମା କରିଦିଅନ୍ତି । ଠିକ୍ ସେହିପରି, ଆମକୁ ଅନ୍ୟମାନଙ୍କୁ କ୍ଷମା କରିବାକୁ ହେବ । ବାଇବଲ ଆମକୁ ନିର୍ଦ୍ଦେଶ ଦିଏ,

"ଆଉ, ପରସ୍ପର ପ୍ରତି ସଦୟ ହୁଅ, କୋମଳ ହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର ।"

**ଈଶ୍ୱରଙ୍କ ଯୁଦ୍ଧାସ୍ତ୍ର କହିଲେ କ'ଣ ବୁଝାଯାଏ ?**

ଈଶ୍ୱରଙ୍କ ଯୁଦ୍ଧାସ୍ତ୍ର କହିଲେ ଆତ୍ମିକ ଯୁଦ୍ଧାସ୍ତ୍ରକୁ ବୁଝାଏ । ଯାହା ଉପରେ ଆମେ ନକାରାତ୍ମକ ଶକ୍ତି ବିରୁଦ୍ଧରେ ଆମର ଦୈନନ୍ଦିନ ଯୁଦ୍ଧରେ, ନିର୍ଭର କରି ପାରିବୁ । ଈଶ୍ୱରଙ୍କ ଯୁଦ୍ଧାସ୍ତ୍ର ପରିତ୍ରାଣ ରୂପ ଶିରସ୍ତ୍ରାଣ, ସତ୍ୟରୂପ ପଟିବନ୍ଧନୀ, ଧାର୍ମିକତାରୂପ ଉରସ୍ତ୍ରାଣ, ଶାନ୍ତିଦାୟକ ସୁସମାଚାରର ପାଦୁକା, ବିଶ୍ୱାସରୂପ ଢାଲ ଏବଂ ଆତ୍ମାଙ୍କ ଖଡ୍ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟକୁ ନେଇ ଗଠିତ ।

କିପରି ପ୍ରାର୍ଥନା କରିବାକୁ ହୁଏ ଓ ଆମ ଜୀବନରେ ଈଶ୍ୱରଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକ ଦିନ କିପରି ଈଶ୍ୱରଙ୍କ ଯୁଦ୍ଧାସ୍ତ୍ର ପରିଧାନ କିରବାକୁ ହୁଏ, ତାହା ଜାଣିବା ପାଇଁ ଦୟାକରି ଏହି ପୁସ୍ତକର ୩ୟ ଭାଗ (ପ୍ରର୍ଥନା ଉପରେ ଥିବା ଭାଗ) ର ସାହାଯ୍ୟ ନିଅନ୍ତୁ । ଏହି ପ୍ରାର୍ଥନାକୁ ଆପଣଙ୍କ ଦୈନିକ ସକାଳ କାର୍ଯ୍ୟକ୍ରମର ଏକ ଅଂଶ କରନ୍ତୁ ଓ ପ୍ରତ୍ୟେକ ସକାଳେ ଈଶ୍ୱରଙ୍କ ଯୁଦ୍ଧାସ୍ତ୍ର ପରିଧାନ କରନ୍ତୁ । ଏହି ପ୍ରାର୍ଥନା ଆପଣଙ୍କୁ ପ୍ରତ୍ୟେକ ଦିନର ଆତ୍ମିକ ଆହ୍ୱାନକୁ ଈଶ୍ୱର ଙ୍କ ଶକ୍ତି ଓ ସାମର୍ଥ୍ୟରେ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ କରିବ । ଈଶ୍ୱରଙ୍କ ଚିନ୍ତା ଓ ନକାରାତ୍ମକ ଭାବପ୍ରବଣତାରୁ ରକ୍ଷା କରେ ଓ ଆତ୍ମିକ ଆକ୍ରମଣ ବିରୁଦ୍ଧରେ ଦୃଢ ଭାବେ ଛିଡା ହେବା ପାଇଁ ଆମକୁ ସକ୍ଷମ କରେ ।

**ଖ୍ରୀଷ୍ଟଙ୍କଠାରେ ମୁକ୍ତ ହେବାର ଅର୍ଥ କ'ଣ ? ଖ୍ରୀଷ୍ଟଙ୍କଠାରେ ସ୍ୱାଧୀନତାର ଅର୍ଥ କ'ଣ ?**

ପ୍ରଥମ ପ୍ରଶ୍ନ ଜଣେ ପଚାରିବା ଉଚିତ୍ କେଉଁଠୁ ମୁକ୍ତ ହେବା ? ଆପଣଙ୍କ ଜୀବନ ଉପରେ ପ୍ରତିଫଳନ ପାଇଁ କିଛି ସମୟ ନିଅନ୍ତୁ । ଆପଣଙ୍କ ଜୀବନରେ ଭୟ, ଇର୍ଷା, ତିକ୍ତତା, କ୍ରୋଧ, ଅକ୍ଷମାଭାବ, ଅତୀତ ଆଘାତ, ଆସକ୍ତି, ଅଭିଳାଷ, ନିଜକୁ ତୁଚ୍ଛ ମଣିଷ ଭାବ, ଇତ୍ୟାଦି କଳି ସମାନ ମନୋଭାବକୁ ଓ କାର୍ଯ୍ୟର ଉପସ୍ଥିତି ବିଷୟରେ ଆପଣ ସଚେତନ କି ? ପ୍ରଥମେ ଏ ପ୍ରକାର ମନୋଭାବର ଉପସ୍ଥିତିକୁ ଅସ୍ୱୀକାର କରିବା ଏକ ସ୍ୱାଭାବିକ ପ୍ରବଣତା (ପ୍ରକୃତି) । ଅବଶ୍ୟ, ଯେତେବେଳ ଆମେ ବାସ୍ତବରେ ଆମର ହୃଦୟ ପରୀକ୍ଷା କରୁ, ଆମେ ଆମ ଜୀବନରେ ଏପରି କ୍ଷେତ୍ର ପାଉଁ ଯେଉଁଥିରେ ଆମେ ଉନ୍ନତି ସାଧନ କରି ଅପେକ୍ଷାକୃତ ଭଲ

ହେବା ପାଇଁ ଚାହୁଁ, ମାତ୍ର ଆମେ ଯେତେବେଳେ ନିଜ ଶକ୍ତିରେ ପରିବର୍ତ୍ତନ କରିବାକୁ ଚାହୁଁ, ଆମେ ବରମ୍ବାର ବିଫଳ ହୋଇଥାଉ । ଆଉ ଆମେ ପ୍ରଶ୍ନ କରୁ, ଆମେ କ'ଣ କେବେ ଏହି ନକାରାତ୍ମକ ଚିନ୍ତା, କାର୍ଯ୍ୟ ଓ ମନୋଭାବରୁ ମୁକ୍ତ ହୋଇ ପାରିବୁ ।

*ଯୀଶୁ ହିଁ କେବଳ ଜଣେ ବ୍ୟକ୍ତି ଯେ କି ଅମକୁ ମୁକ୍ତ କରି ପାରନ୍ତି । ଯୀଶୁ କହନ୍ତି,*

*"ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ  ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।"*

ଯୀଶୁଙ୍କୁ ଆମର ବ୍ୟକ୍ତିଗତ ଉଦ୍ଧାରକର୍ତ୍ତା ରୂପେ ଗ୍ରହଣ କରିବା ଦ୍ଵାରା, ଆମେ କରିଥିବା ପାପ ସ୍ୱୀକାର କରି ଏଥିପାଇଁ ଅନୁତାପ କରିବା ଦ୍ଵାରା, ଅପେକ୍ଷାକୃତ ଉତ୍ତମ ହେବା ନିମନ୍ତେ ତା'ଙ୍କର କ୍ଷମା ଓ ଶକ୍ତି ପାଇଁ ପ୍ରାର୍ଥନା କରିବା ଦ୍ଵାରା କ୍ରୁଶ ଉପରେ ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍‌ଥାନ ଯେ ଆମପାଇଁ ପାପ ମୁକ୍ତ ଜୀବନ କାଟିବାକୁ ସମ୍ଭବପର କରିଛି ଏହା ହୃଦୟରେ ବିଶ୍ୱାସ କରିବା ଦ୍ଵାରା, ଈଶ୍ୱରଙ୍କ ଉପସ୍ଥିତିରେ ସମୟ କଟାଇବା ଦ୍ଵାରା, ବାଇବଲ ପଠନ ଓ ପ୍ରାର୍ଥନାରେ ସମୟ କଟାଇବା ଆମକୁ ପାପଠାରୁ ଦୂରେଇ ନିଏ ଓ ଈଶ୍ୱରଙ୍କ ଆଡ଼କୁ କଢାଇ ନିଏ ।

## ୨ୟ ଭାଗ

## ଈଶ୍ୱରଙ୍କ ସଂପର୍କୀୟ ସାକ୍ଷ୍ୟ

ଆମ ନିମନ୍ତେ ଈଶ୍ୱରଙ୍କ ପ୍ରେମର ପ୍ରେରଣାଦାୟୀ ସାକ୍ଷ୍ୟସମୂହ

**ଏମେଲ୍‌ଡ଼ାଙ୍କ ସାକ୍ଷ୍ୟ – ଶିଶୁସୁଲଭ ପ୍ରାର୍ଥନା**

ଏମେଲ୍‌ଡ଼ାଙ୍କ କୌଣସି ଚାକିରୀ ନଥିଲା ଓ ଗୋଟିଏ ଚାକିରୀ ତା'ଙ୍କର ନିତାନ୍ତ ଆବଶ୍ୟକ ଥିଲା । ତା'ଙ୍କର ପରିବାରର ଯତ୍ନ ନେବାର ଥିଲା ଓ ଗୋଟିଏ ଚାକିରୀ ପାଇ ଅର୍ଥ ଉପାର୍ଜନ କରି ପରିବାରର ଯତ୍ନ ନେବା ଅତ୍ୟନ୍ତ ଜରୁରୀ ଥିଲା । ଦିନେ ରାତିରେ ସେ ନିଜ ଗୃହ ବାହାରକୁ ଯାଇ, ଉର୍ଦ୍ଧ୍ୱକୁ ମସ୍ତକ ଉତ୍ତୋଳନ କରି ନକ୍ଷତ୍ର ଆଲୋକରେ ଉଦ୍ଭାସିତ ଆକାଶକୁ ଚାହିଁଲେ ଓ ପ୍ରାର୍ଥନା କଲେ, "ପିତା, ମୁଁ ଗୋଟେ ଚାକିରୀ ଚାହେଁ । ମୋତେ ସାହାଯ୍ୟ କର ।"

ସେ ଏପର୍ଯ୍ୟନ୍ତ ଚାକିରୀ ପାଇଁ କୌଣସି କମ୍ପାନୀକୁ ଦରଖାସ୍ତ ଦେଇ ନଥିଲେ । ଅବଶ୍ୟ, ପରଦିନ, ଦୁଇଟି ଚାକିରୀର ନିମନ୍ତ୍ରଣ ପାଇଲେ – ଏହି ଚାକିରୀ ନିମନ୍ତ୍ରଣ ସେ ତା'ଙ୍କର ବନ୍ଧୁମାନଙ୍କ ସହଯୋଗରୁ ପାଇଥିଲେ । ସେ ତା'ଙ୍କର ପ୍ରାର୍ଥନା ଶୁଣି ଉତ୍ତର ଦେଇଥିବାରୁ ଈଶ୍ୱର, ଆମର ପ୍ରେମମୟ ସ୍ୱର୍ଗୀୟ ପିତାଙ୍କ ପ୍ରଶଂସା କଲେ ଓ ଧନ୍ୟବାଦ କଲେ ।

ବାସ୍ତବରେ ଆମର ପ୍ରେମମୟ ସ୍ୱର୍ଗୀୟ ପିତା ଆମର ହୃଦୟ ଓ ଆମର ମନ ଜାଣନ୍ତି । ଆମେ ସବୁବେଳେ ଛୋଟ ପିଲାଭଳି ତାଙ୍କ ନିକଟକୁ ଆସି ପାରିବା । ସେ ଆମର ଶିଶୁ ସୁଲଭ ପ୍ରାର୍ଥନା ଶୁଣନ୍ତି ।

**ମାଥିଉ ୧୮:୨-୪**

*ସେ ଗୋଟିଏ ସାନ ପିଲାକୁ ପାଖକୁ ଡ଼ାକି ସେମାନଙ୍କ ମଧ୍ୟରେ ଠିଆ କରାଇ କହିଲେ, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଫେରି ସାନ ପିଲାଙ୍କ ପରି ନ ହେଲେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ । ଅତଏବ, ଯେ କେହି ଏହି ସାନ ପିଲା ପରି ଆପଣାକୁ ନମ୍ର କରେ, ସେ ସ୍ୱର୍ଗରାଜ୍ୟରେ ଶ୍ରେଷ୍ଠ ।"*

**ପ୍ରୀତିଙ୍କ ସାକ୍ଷ୍ୟ** – ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ ମୁଁ ମୋର ସଂପର୍କ ଭଉଣୀ ସହ ଗୋଟିଏ ବହୁତ ଭିଡ଼ ଥିବା ବସ୍‌ରେ ଚଢ଼ିଲି ।  ବସିବା ପାଇଁ ଆଦୌ ସ୍ଥାନ ନ ଥିଲା । ହଠାତ୍ ମୋର ଗୋଡ଼ର ମାଂସ ପେଶୀରେ ଶିର ଟାଣିହେବା ଯୋଗୁଁ ଯନ୍ତ୍ରଣା ଅନୁଭବ କରିଲି । ତେଣୁ ବସିବା ପାଇଁ ଅତ୍ୟନ୍ତ ବ୍ୟାକୁଳ ହେଲି । ମାତ୍ର ସେଠାରେ କୌଣସି ଖାଲି ସିଟ୍ ନଥିଲା । ମୋତେ ସାହାଯ୍ୟ କରିବା ପାଇଁ ଯୀଶୁଙ୍କ ନିକଟରେ ପ୍ରାର୍ଥନା

କଲି । ଏପରିକି ମୁଁ ମୋର ପ୍ରାର୍ଥନା ଶେଷ କରିବା ପୂର୍ବରୁ ଦେଖିଲି ଜଣେ ଝିଅ ନିଜର ସିଟ୍ ଛାଡ଼ି ଓହ୍ଲାଇବା ପାଇଁ ଦ୍ୱାର ପାଖକୁ ଯାଉଥିଲା । ମୁଁ ସିଟରେ ବସି ପଡ଼ି ଯୀଶୁଙ୍କୁ ଧନ୍ୟବାଦ ଦେଲି ।

ଏହା କେବଳ ଗୋଟିଏ ଘଟଣା । ମୁଁ ଆହୁରି ଅନେକ ଘଟଣା ବର୍ଣ୍ଣନା କରି ଆପଣଙ୍କୁ କହି ପାରିବି । ମୁଁ ଯେଉଁ ପ୍ରତ୍ୟେକ ସମୟରେ ମୁଁ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରେ ସେ ମୋର ପ୍ରାର୍ଥନା ଶୁଣନ୍ତି । ମୁଁ ଇଶ୍ୱରଙ୍କୁ ଧନ୍ୟବାଦ ଦିଏ ।

**ମାଥିଉ ୭:୭-୧୧**

*"ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ, ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇଦିଆଯିବ । କାରଣ ଯେ କେହି ମାଗେ, ସେ ପାଏ; ଯେ ଖୋଜେ, ସେ ସନ୍ଧାନ ପାଏ; ଆଉ, ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯାଏ । କିମ୍ବା ତୁମ୍ଭମାନଙ୍କ ମଧ୍ୟରେ ଏପରି କେଉଁ ଲୋକ ଅଛି । ଯେ ନିଜ ପୁଅ ରୋଟୀ ମାଗିଲେ ତାହାକୁ ପଥର ଦେବ, କିଅବା ମାଛ ମାଗିଲେ ତାହାକୁ ସାପ ଦେବ ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ଉତ୍ତମ ଉତ୍ତମ ବିଷୟ ନ ଦେବେ !*

**ପୂର୍ଣ୍ଣିମାଙ୍କ ସାକ୍ଷ୍ୟ –** ଇଶ୍ୱରଙ୍କ ପାଇଁ କୌଣସି ବିଷୟ ଅସମ୍ଭବ ନୁହେଁ ମୋର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲା । ବିଭିନ୍ନ ପ୍ରକାର ଅସୁସ୍ଥତା ପାଇଁ ମୋତେ ଔଷଧ ସେବନ କରିବାକୁ ପଡୁଥିଲା । ମୋର ସ୍ୱାସ୍ଥ୍ୟ ବିଷୟରେ ଅତ୍ୟନ୍ତ ଚିନ୍ତାଗ୍ରସ୍ତ ହୋଇପଡୁଥିଲି । ମୁଁ ମୋର ଜୀବନ ଯୀଶୁଙ୍କୁ ସମର୍ପଣ କରି ତା'ଙ୍କ ନିକଟରେ ନିୟମିତ ଓ ବିଶ୍ୱସ୍ତ ଭାବେ ପ୍ରାର୍ଥନା କରିବାକୁ ଆରମ୍ଭ କଲି । ଯୀଶୁ ମୋତେ ସବୁ ସମସ୍ୟାରୁ ସୁସ୍ଥତା ଦେଇଛନ୍ତି ଓ ମୁଁ ଔଷଧ ସେବନ କରିବା ବନ୍ଦ କରିଦେଇଛି । ବର୍ତ୍ତମାନ ମୁଁ କେବଳ ରକ୍ତଚାପ ପାଇଁ ଗୋଟିଏ ଔଷଧ ବ୍ୟବହାର କରୁଛି । କେବଳ ଏତିକି । ମୋ ଜୀବନରେ ଆଶ୍ଚର୍ଯ୍ୟକର୍ମ ନିମନ୍ତେ ମୁଁ ଯୀଶୁଙ୍କୁ ଧନ୍ୟବାଦ ଦିଏ ଓ ତାଙ୍କର ପ୍ରଶଂସା କରେ ।

ପୂର୍ବରୁ ମୁଁ ସନ୍ଧ୍ୟା ସମୟରେ ଅତ୍ୟନ୍ତ ଅଧୈର୍ଯ୍ୟ ଓ ଉଦ୍‌ବିଗ୍ନ ହେଉଥିଲି । ସନ୍ଧ୍ୟା ଓ ରାତ୍ରିରେ ମୁଁ ଏକୁଟିଆ ରହିବା ବିଷୟ ଅନୁମାନ ମଧ୍ୟ କରି ପାରୁନଥିଲି । ମୁଁ ଅନ୍ଧାରକୁ ଭୟ କରୁଥିଲି । ପ୍ରଭୁ ମୋତେ ତାଙ୍କ ଶକ୍ତିରେ ଶକ୍ତିଯୁକ୍ତ କରିଛନ୍ତି । ମୁଁ ବର୍ତ୍ତମାନ ଗଭୀର ରାତିରେ ମଧ୍ୟ ଏକୁଟିଆ ରହିପାରିବ । ବିଜୁଳି ଆଲୁଅ ନ ଥିଲେ ମହମବତୀ ଆଲୁଅରେ ମଧ୍ୟ ମୁଁ ଶାନ୍ତିରେ ରହିପାରେ ।

ମୋତେ ଈଶ୍ୱର ମୋ ଜୀବନର ପ୍ରତି କ୍ଷେତ୍ରରେ ଅନେକ ଆଶୀର୍ବାଦରେ ଆଶୀର୍ବାଦ କରିଛନ୍ତି । ସେ ମୋର ବୃତ୍ତିରେ ସୁଖ୍ୟାତି ଓ ସଫଳତା ଦେଇ ଆଶୀର୍ବାଦ କରିଛନ୍ତି । ସବୁ ଗୌରବ ଓ ସମ୍ଭ୍ରମ ତାହାଙ୍କର ଅଟେ ।

ପ୍ରତ୍ୟେକ ଦିନ ସକାଳେ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରି ଓ ସମ୍ପୂର୍ଣ୍ଣ ଭାବେ ନିଜକୁ ତାଙ୍କଠାରେ ସମର୍ପଣ କରି ମୋର ଦିନ ଆରମ୍ଭ କରେ । ମୁଁ ପ୍ରତ୍ୟେକ ଦିନ ରାତିରେ ବିଛଣାକୁ ଯିବା ପୂର୍ବରୁ ତାଙ୍କର ଆଶୀର୍ବାଦ ପାଇଁ ତାଙ୍କୁ ଧନ୍ୟବାଦ ଦିଏ । ଦିନ ମଧ୍ୟରେ ମୁଁ ଯେତେବେଳେ ସମୟ ପାଏ, ମୁଁ ତାଙ୍କୁ ସ୍ମରଣ କରେ, ତାଙ୍କର ପ୍ରଶଂସା କରେ ଓ ମୋର ଏବଂ ମୋର ପ୍ରିୟଜନମାନଙ୍କ ଉପରେ ତାଙ୍କର ଆଶୀର୍ବାଦ ଓ ଅନୁଗ୍ରହ ପାଇଁ ମୁଁ ତାଙ୍କୁ ଧନ୍ୟବାଦ ଦିଏ ।

ଯିରିମିୟ ୩୨ :୨୭

*"ଦେଖ ଆମ୍ଭେ ସଦାପ୍ରଭୁ ସମଗ୍ର ମର୍ତ୍ତ୍ୟର ପରମେଶ୍ୱର; ଆମ୍ଭର ଅସାଧ୍ୟ କି କିଛି ଅଛି ?"*

**ଫିଲିପ୍‌ପୀୟ ୪ :୧୩**

*"ମୋହର ଶକ୍ତିଦାତାଙ୍କ ସାହାଯ୍ୟରେ ମୁଁ ସମସ୍ତ କରିପାରେ ।"*

**ଆଲଫନ୍‌ସାଙ୍କ ସାକ୍ଷ୍ୟ - ପ୍ରଭୁ ଆମର ଯୋଗାଣକାରୀ, ଆମର ଆଉ ଅଧିକ କିଛି ଆବଶ୍ୟକ ନାହିଁ ।**

ଫ୍ରାନ୍ସରେ ଗୋଟିଏ ବର୍ଷ ଗୋଟିଏ କାର୍ଯ୍ୟ କରିବା ପାଇଁ ମୋତେ କୁହାଗଲା । ମୁଁ ପ୍ରାର୍ଥନା କରି ତାହା କରିବା ନିମନ୍ତେ ମୋର ସମ୍ମତି ଦେଲି । ଯେହେତୁ ଅଧିକାଂଶ ଲୋକ ଇଂରାଜୀ ବୁଝନ୍ତି ନାହିଁ ଓ ଜଣେ ଫରାସୀ ଭାଷା ନ ଜାଣିଲେ ପ୍ରତ୍ୟେକ ଦିନ ତାଙ୍କୁ ଏକ ବିରାଟ ଆହ୍ୱାନରେ ସମ୍ମୁଖୀନ ହେବାକୁ ହୁଏ ସେଥିପାଇଁ ମୋର ସହକର୍ମୀମାନେ ମୋତେ ସତର୍କ କରାଇ ଦେଇଥିଲେ ଯେ ଫ୍ରାନ୍ସରେ ରହିବା ଅତ୍ୟନ୍ତ କଷ୍ଟକର ବିଷୟ ।

ସେମାନେ ମୋତେ କହିଲେ ଯେ ଗ୍ରାହକ କର୍ମକ୍ଷେତ୍ରରେ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ନ ଥାଏ । ସେମାନେ ଆହୁରି ମଧ୍ୟ ମୋତେ କହିଲେ ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ସଂସ୍କୃତି ଏବଂ ଫ୍ରାନ୍ସର ସେହି ସହରରେ ଅଧିକ ସଂଖ୍ୟକ ଭାରତୀୟ ରହନ୍ତି ନାହିଁ । ତେଣୁ ଜୀବନ ସେଠାରେ ନିରୁତ୍ସାହପ୍ରଦ ଓ କଷ୍ଟକର ହେବ ।

ମୁଁ ଯୀଶୁଙ୍କ ନିକଟରେ ପ୍ରାର୍ଥନାରେ ଏସବୁ ମନ୍ତବ୍ୟ ରଖିଲି । ମୁଁ ଯେଉଁ ସ୍ଥାନକୁ ଯାଉଥିଲି ସେହି ସ୍ଥାନ ନିମନ୍ତେ ଓ ଯେଉଁ ଲୋକମାନଙ୍କୁ ମୁଁ ସେଠାରେ ଭେଟିବି ସେମାନଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ ଇଚ୍ଛା ପ୍ରଭୁ ମୋ ହୃଦୟରେ ଦେଲେ । ତେଣୁ ପରବର୍ତ୍ତୀ କେତେକ ମାସ, ଯେତେବେଳେ ମୋର କାର୍ଯ୍ୟ ପାଇଁ କାଗଜ ପତ୍ର

ପ୍ରସ୍ତୁତ ହେଉଥିଲା ସେତେବେଳେ ମୁଁ ସେହି ସ୍ଥାନ ନିମନ୍ତେ ନିୟମିତ ପ୍ରାର୍ଥନା କରିବାକୁ ଆରମ୍ଭ କଲି । ମୁଁ ମଧ୍ୟ ମୋର ଭବିଷ୍ୟତ ସହକର୍ମୀ ଓ ଭବିଷ୍ୟତ କର୍ମକ୍ଷେତ୍ର ପାଇଁ ପ୍ରାର୍ଥନା କରିଲି ।

ଆମର ପ୍ରଭୁ ତାଙ୍କର ପ୍ରତିଜ୍ଞା ପାଇଁ ଅତ୍ୟନ୍ତ ବିଶ୍ୱସ୍ତ । ସେ ମୋର ସବୁଠାରୁ କ୍ଷୁଦ୍ର ଆବଶ୍ୟକତାର ମଧ୍ୟ ଯତ୍ନ ନେଲେ । ମୋର ଉଡ଼ାଜାହାଜ ଯାତ୍ରାରେ ମାରସେଲି (ଫ୍ରାନ୍ସର) ଯିବାବେଳେ ଉତ୍ତମ ଭାବେ ଇଂରାଜୀ କହୁଥିବା ଜଣେ ଫାରସୀ ମହିଳାଙ୍କୁ ଭେଟିଲି । ସେ ମୋତେ କେତେକ ସୂଚନା ଓ ପରାମର୍ଶ ଦେଲେ, ଯାହା ମୋ' ନିମନ୍ତେ ଅତ୍ୟନ୍ତ ସାହାଯ୍ୟପ୍ରଦ ଥିଲା । ମୁଁ ବିମାନବନ୍ଦରରୁ ବାହାରି ଟେକ୍ସିରେ ବସିଲି । ମୁଁ ଆନନ୍ଦରେ ଆଶ୍ଚର୍ଯ୍ୟ ହେଲି ଯେ ଟେକ୍ସିଚାଳକ ଇଂରାଜୀ କହିପାରୁଥିଲେ । ହୋଟେଲରେ ପହଞ୍ଚିବା ପାଇଁ ମୋ' ନିମନ୍ତେ ଅତ୍ୟନ୍ତ ସହଜ ହେଲା । ବିଭିନ୍ନ ଉପାୟରେ ବିଭିନ୍ନ ପରିସ୍ଥିତିରେ ପ୍ରଭୁ ମୋତେ କଢାଇ ନେଲେ । ଫ୍ରାନ୍ସରେ ମୋର ରହଣୀ ସମୟରେ ଉତ୍ତମ ବନ୍ଧୁମାନଙ୍କୁ ଯୋଗାଇ ମୋତେ ଆଶୀର୍ବାଦ କଲେ । ମୁଁ ମୋର କର୍ମକ୍ଷେତ୍ରରେ ବା ମୋର ଗ୍ରାହକମାନଙ୍କ ସହ କାର୍ଯ୍ୟ କରିବା ବେଳେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନଥିଲି । ବାସ୍ତବରେ ମୋର ଗ୍ରାହକ ସେବା ସ୍ଥାନରେ ମୁଁ କେତେକ ଉତ୍ତମ ବନ୍ଧୁମାନଙ୍କୁ ପାଇଥିଲି । ମୁଁ ଗୋଟିଏ ମଣ୍ଡଳୀ ପାଇଲି ଯେଉଁଥିରେ ପ୍ରତ୍ୟେକ ରବିବାର ଗୋଟିଏ ଇଂରାଜୀ ଉପାସନା ହେଉଥିଲା । ମୁଁ ଗୋଟିଏ କ୍ଷୁଦ୍ର ବାସଗୃହ ପାଇଲି, ଯାହା ମୋର ରହଣୀ ନିମନ୍ତେ ସମ୍ପୂର୍ଣ୍ଣ ଉପଯୁକ୍ତ ଥିଲା ।

ଫ୍ରାନ୍ସରେ ସମସ୍ୟାପୂର୍ଣ୍ଣ କାର୍ଯ୍ୟ କରିବା ପରିବର୍ତ୍ତେ, ଈଶ୍ୱରଙ୍କ ଅନୁଗ୍ରହରେ ମୋର ରହଣୀ ଯେ ଆଶୀର୍ବାଦଯୁକ୍ତ ହେଲା ତାହା ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଭାଷା ନାହିଁ । ଫ୍ରାନ୍ସର ମୋର ସେହି ଆଶ୍ଚର୍ଯ୍ୟଜନକ ଦିନଗୁଡିକୁ ମୁଁ ବହୁତ ସ୍ମରଣ କରେ ଏବଂ ସେହି ସ୍ଥାନକୁ ପୁନର୍ବାର ଯିବା ପାଇଁ ଆଶା କରେ । ମୁଁ ସେଠାରେ ବହୁତ ସୁନ୍ଦର ବନ୍ଧୁମାନଙ୍କୁ ପାଇ ପାରିଥିଲି । ମୋର ଅତିରିକ୍ତ ଆଶୀର୍ବାଦ ହେଉଛି ଈଶ୍ୱର ତାଙ୍କର ପ୍ରେମକୁ ଅନେକଙ୍କ ନିକଟରେ ପ୍ରକାଶ କରିବା ପାଇଁ ମୋତେ ତାଙ୍କର ଅସ୍ତ୍ରରୂପେ ବ୍ୟବହାର କରିଥିଲେ । ମୁଁ ଯୀଶୁଙ୍କର ପ୍ରଶଂସା କରେ ।

**ଫିଲିପ୍ପୀୟ ୪:୧୬-୨୦**

ପୁଣି, ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ । ଆମ୍ଭମାନଙ୍କର ଈଶ୍ୱର ଓ ପିତାଙ୍କ ପ୍ରତି ଯୁଗେ ଯୁଗେ ଗୌରବ ହେଉ । ଆମେନ୍ ।

**ହୀଗ୍‌ବତୀଙ୍କ ସାକ୍ଷ୍ୟ -** ପ୍ରଭୁ ଯୀଶୁ ଆମର ସୁସ୍ଥକାରୀ ଅଟନ୍ତି ମୁଁ ମୋର ସ୍ୱାମୀଙ୍କ ସହ ପ୍ରତ୍ୟେକ ସକାଳ ପ୍ରାତଃ ଭ୍ରମଣରେ ଯାଏ । ଦିନେ ରବିବାର ପ୍ରାତଃ କାଳରେ ମୁଁ ଚାଲୁଥିବା ବେଳେ, ମୁଁ ବହୁତ ଦୁର୍ବଳତା ଅନୁଭବ କଲି । ମୁଁ ଚାଲି ପାରି ନ ଥିଲି । ମୋର ସ୍ୱାମୀ ମୋତେ ଧିରେ ଧିରେ ଚାଲି ଫେରିବା ପାଇଁ ସାହାଯ୍ୟ କଲେ । ମୁଁ ବିଛଣାରେ ଶୋଇ ରହିଲି । ମୁଁ ପୂର୍ବରୁ ଏପରି କେବେ ଅନୁଭବ କରିନଥିଲି । କ'ଣ ଘଟୁଛି ମୁଁ ଜାଣିପାରିଲି ନାହିଁ । ବିଛଣା ପଡ଼ିଥିବା ବେଳେ ମୁଁ ଯୀଶୁଙ୍କ ବିଷୟ ଚିନ୍ତା କଲି । ମୁଁ ହଠାତ୍ ହୃଦୟଙ୍ଗମ କଲି ଯେ ମୋର ଝିଅ ମଣ୍ଡଳୀରେ ଉପାସନାରେ ଥିବା । ମୁଁ ମୋର ସେଲ୍ ଫୋନ୍‌ରେ ତାକୁ ଲେଖି ଜଣାଇଲି ମୋ ତରଫରୁ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରି ଜଣାଇବାକୁ ଯେ ମୁଁ ଦୁର୍ବଳତା ଅନୁଭବ କରୁଛି ।

ମୋର ଝିଅ ମୋତେ ଫୋନ୍ କରିବାରୁ ଆମେ ଉଭୟ ମୋର ସୁସ୍ଥତା ପାଇଁ ଯୀଶୁଙ୍କ ନିକଟରେ ପ୍ରାର୍ଥନା କଲୁ । ଯୀଶୁ ଆମ ପାଇଁ କ୍ରୁଶ ଉପରେ ମୃତ୍ୟୁ ଭୋଗ କଲେ ଓ ଆମର ପାପ ଓ ରୋଗ ନେଲେ । ତାଙ୍କ ପ୍ରତିଜ୍ଞା ଦାବି କରି କହିଲୁ ଯେ ମୁଁ ଯୀଶୁଙ୍କ ପ୍ରହାରରେ ସୁସ୍ଥ ହୋଇସାରିଛି । ମୁଁ ମୋର ମନରେ ଭାବିଲି ଯେ ମୁଁ ସୁସ୍ଥ ହୋଇସାରିଛି । ଅଳ୍ପ ସମୟ ପରେ ମୁଁ ନିଜକୁ ଶକ୍ତିଶାଳୀ ଓ ସ୍ୱାଭାବିକ ବୋଲି ଅନୁଭବ କରୁଥିବାର ହୃଦୟଙ୍ଗମ କଲି । ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞାଗୁଡ଼ିକ ସତ୍ୟ ବୋଲି ମୁଁ ତାଙ୍କର ପ୍ରଶଂସା କରେ ! ଧନ୍ୟବାଦ, ଯୀଶୁ ! ତୁମେ ମୋତେ ସୁସ୍ଥ କଲ ।

**ଗୀତସଂହିତା ୧୦୩:୧-୫**

*ହେ ମୋହର ମନ, ସଦାପ୍ରଭୁଙ୍କ ଧନ୍ୟବାଦ କର;*

*ହେ ମୋର ଅନ୍ତରସ୍ଥ ସମସ୍ତ, ତାହାଙ୍କ ପବିତ୍ର ନାମର ଧନ୍ୟବାଦ କର ।*

*ହେ ମୋହର ମନ, ସଦାପ୍ରଭୁଙ୍କ ଧନ୍ୟବାଦ କର*

*ଓ ତାହାଙ୍କ ମଙ୍ଗଳଦାନ ସବୁ ପାସୋର ନାହିଁ;*

*ସେ ତୁମ୍ଭର ରୋଗସବୁ ସୁସ୍ଥ କରନ୍ତି;*

*ସେ ବିନାଶରୁ ତୁମ୍ଭ ଜୀବନ ମୁକ୍ତ କରନ୍ତି;*

*ସେ ସ୍ନେହପୂର୍ଣ୍ଣ କରୁଣା ଓ ଦୟାରୂପ ମୁକୁଟରେ ତୁମ୍ଭକୁ ଭୂଷିତ କରନ୍ତି;*

*ସେ ଉତ୍ତମ ବସ୍ତୁରେ ତୁମ୍ଭର ମୁଖତୃପ୍ତ କରନ୍ତି;*

*ତହୁଁ ଉତ୍କ୍ରୋଶ ପକ୍ଷୀ ନ୍ୟାୟ ତୁମ୍ଭର ନୂତନ ଯୌବନ ହୁଏ ।*

**ଯିଶାଇୟ ୫୩:୫**

*ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କ ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ; ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ ।*

**ଆମେଲିଆଙ୍କ ସୁସ୍ଥ ହେବାର ଘଟଣା - ପ୍ରାର୍ଥନାରେ ଲାଗି ରହିବା**

ଏକ ବାଳିକା ହିସାବରେ ଆମେଲିଆଙ୍କ କାନରେ ପ୍ରାୟ ସଂକ୍ରମଣ ଦେଖା ଯାଉଥିଲା । ଫଳରେ କାନ ବିଶେଷଜ୍ଞଙ୍କୁ ତା'ଙ୍କର କାନରେ ତିନୋଟି ସେଟ୍ ନଳୀ ଲଗାଇବାକୁ ପଡ଼ିଲା । ଶେଷ ସେଟ୍ ନଳୀ ଗୋଟିଏ କାନର ପରଦାରେ ଗୋଟିଏ କଣା କରିଦେଲା । ଯଦିଓ ଅସ୍ତ୍ରୋପଚାର ଦ୍ୱାରା ଏହାକୁ ବନ୍ଦ କରିବା ପାଇଁ ବିଶେଷଜ୍ଞ ପରାମର୍ଶ ଦେଇଥିଲେ, ତଥାପି ଆମେଲିଆଙ୍କ ପିତାମାତା ବିଶ୍ୱାସରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଯେପରି ଈଶ୍ୱର ତାଙ୍କର କାନକୁ ସୁସ୍ଥ କରନ୍ତି ।  କିଛି ବର୍ଷ ପରେ କାନର ସଂକ୍ରମଣ ବନ୍ଦ ହୋଇଗଲା, ଆମେଲିଆ ଏକ ଅଦ୍ଭୁତଧରଣର ଶବ୍ଦ କାନରେ ଅନୁଭବ କଲେ । ଆମେଲିଆଙ୍କ ପିତାମାତା ଈଶ୍ୱରଙ୍କଠାରେ ପ୍ରାର୍ଥନା କଲେ ଏବଂ ଈଶ୍ୱର ଦର୍ଶାଇଲେ ଯେ ସେ ଆମେଲିଆଙ୍କ କାନକୁ ସୁସ୍ଥ କରୁଛନ୍ତି ।

ତାଙ୍କୁ ଯେତେବେଳେ ପରବର୍ତ୍ତୀ ସମୟରେ ଶିଶୁ ବିଶେଷଜ୍ଞ ଦେଖିଲେ, ସେତେବେଳେ ଆମେଲିଆଙ୍କ ପିତାମାତା ଆଶା କରୁଥିଲେ ଯେ ଡାକ୍ତର ଘୋଷଣା କରିବେ ଯେ ଆମେଲିଆଙ୍କ କାନ ସୁସ୍ଥ ହୋଇଯାଇଛି । ମାତ୍ର ସେମାନେ ଶୁଣି ଆଶ୍ଚର୍ଯ୍ୟ ହେଲେ ଯେ କଣାଟିର କିଛି ପରବର୍ତ୍ତନ ହୋଇ ନାହିଁ ।

କ'ଣ ହେଉଥିଲା ? ପିତାମାତା ପ୍ରାର୍ଥନାରେ ଲାଗିରହିଲେ ଓ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ପ୍ରତ୍ୟେକ ବର୍ଷ ଶିଶୁ ବିଶେଷଜ୍ଞ ବାରମ୍ବାର ଚିହ୍ନଟ ଘୋଷଣା ସତ୍ତ୍ୱେ, ସେମାନେ କାନ ପାଇଁ ସୁସ୍ଥତା ଘୋଷଣା କରୁଥିଲେ ।

ଚାରିବର୍ଷ ପରେ, କର୍ଣ୍ଣ ରୋଗ ବିଶେଷଜ୍ଞଙ୍କ ପାଖକୁ ଅନ୍ୟ କାରଣ ପାଇଁ ଯାଇଥିଲେ । ସେ ଆମେଲିଆଙ୍କ କାନ ପରୀକ୍ଷା କରି ଘୋଷଣା କଲେ ଯେ କଣାଟି ସୁସ୍ଥ ହୋଇଯାଇଛି !

ଆମେ ପ୍ରାୟ ଦେଖୁ ଯେ ଈଶ୍ୱରଙ୍କ ପ୍ରତିଜ୍ଞାସମୂହ ତତ୍‌କ୍ଷଣାତ୍ ପ୍ରକାଶିତ ହୁଏ ।  ଅବଶ୍ୟ କେତେକ ସମୟରେ ଈଶ୍ୱର ଚାହାଁନ୍ତି ଯେପରି ଆମେ ପ୍ରାର୍ଥନାରେ ଲାଗି ରହୁ । ଏବଂ ଆମର ଈଶ୍ୱର ଯେ ବିଶ୍ୱସ୍ତ ଓ

ତାଙ୍କର ସମସ୍ତ ପ୍ରତିଜ୍ଞା ରକ୍ଷା କରନ୍ତି ଏହା ସମ୍ପୂର୍ଣ୍ଣ ବିଶ୍ୱାସ କରି ଈଶ୍ୱରଙ୍କ ପ୍ରତିଜ୍ଞାସମୂହକୁ ଧରି ରଖିବା ଆମର କର୍ତ୍ତବ୍ୟ ଅଟେ ।

**ଥେସଲନୀକୀୟ ୫:୧୬-୧୮**

*ସର୍ବଦା ଆନନ୍ଦ କର; ନିରନ୍ତର ପ୍ରାର୍ଥନା କର; ସବୁ ଅବସ୍ଥାରେ ଧନ୍ୟବାଦ ଦିଅ; କାରଣ ତୁମ୍ଭମାନଙ୍କ ବିଷୟରେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଏହା ଈଶ୍ୱରଙ୍କ ଅଭିମତ ।*

**ଗୀତ ସଂହିତା ୩୦:୨**

ହେ ସଦାପ୍ରଭୋ, ମୋହର ପରମେଶ୍ୱର, ମୁଁ ତୁମ୍ଭ ନିକଟରେ ଆର୍ତ୍ତନାଦ କଲି, ପୁଣି ତୁମ୍ଭେ ମୋତେ ସୁସ୍ଥ କରିଅଛ ।

**ଲୂକ ୧୭:୧୯**

ପୁଣି, ସେ (ଯୀଶୁ) ତାହାକୁ କହିଲେ, "ଉଠି ପ୍ରସ୍ଥାନ କର, ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ କରିଅଛି ।"

**ସରସ୍ୱତୀଙ୍କ ସାକ୍ଷ୍ୟ -** ଆମେ ଆମର ଆବଶ୍ୟକତା କ'ଣ ଜାଣି ନଥିଲେ ମଧ୍ୟ ଈଶ୍ୱର ଆମର ଆବଶ୍ୟକତା ଜାଣନ୍ତି

**ଗୀତା ସଂହିତା ୪୨:୧**

ହରିଣୀ ଯେ ରୂପ ଜଳସ୍ରୋତ ପାଇଁ ଧକାଏ, ସେ ରୂପ ହେ ପରମେଶ୍ୱର, ମୋ' ପ୍ରାଣ ତୁମ୍ଭ ପାଇଁ ଧକାଏ ।

ଈଶ୍ୱର ମୋତେ ଯେତେବେଳେ ଗୋଟିଏ ବଡ଼ ଧରଣର ଅସୁସ୍ଥତାରୁ ସୁସ୍ଥ କଲେ ସେତେବେଳେ ପ୍ରଭୁ ଯୀଶୁଙ୍କ ସହିତ ମୋର ଗୋଟିଏ ଅନୁଭୂତି ହୋଇଥିଲା । ସେହି ଦିନ ଠାରୁ, ମୁଁ ଈଶ୍ୱରଙ୍କ ପ୍ରେମ ଓ ତାଙ୍କର ପଥ (ଉପାୟ) ବିଷୟ ଅଧିକ ଜାଣିବା ପାଇଁ ଆତ୍ମିକଭାବେ ତୃଷିତ ଓ କ୍ଷୁଧିତ ହେଲି । ମୋର ହୃଦୟରେ ଏକ ଗଭୀର ଇଚ୍ଛା ଜାତ ହେଲା ଯେପରି ମୁଁ ଜଣେ ଉପଦେଷ୍ଟା (ଗୁରୁ) ଙ୍କୁ ପାଏ, ଯେ କି ଈଶ୍ୱରଙ୍କ ବିଷୟରେ ଓ ଆତ୍ମିକ ବିଷୟରେ ମୋତେ ଚାଳନା ଦେବେ ଓ ଅଧିକ ବିଷୟ ଶିଖାଇବେ । ମୁଁ ପ୍ରଭୁଙ୍କଠାରେ ପ୍ରାର୍ଥନା କଲି । ମୁଁ ଚାଳନା ନିମନ୍ତେ କେତେକ ପ୍ରାଚୀନମାନଙ୍କ ସାହାଯ୍ୟ ଅପେକ୍ଷା କଲି ମାତ୍ର ପ୍ରାୟ ସବୁବେଳେ ସେମାନେ ବ୍ୟସ୍ତ ରହୁଥିଲେ । ମୁଁ ଜଣେ ଉପଦେଷ୍ଟାଙ୍କ ପାଇଁ ପ୍ରାର୍ଥନାରେ ଲାଗି ରହିଲି, ଯାହାଙ୍କ ସହିତ ମୁଁ କଥା କହି ପାରିବି,

ଆଲୋଚନା କରିପାରିବି, ଏକତ୍ର ଈଶ୍ୱରଙ୍କ ଉପାସନା କରିପାରିବି ଓ ସଦାବେଳେ ତା'ଙ୍କର ନାମକୁ ଗୌରବାନ୍ୱିତ କରିପାରିବି । ଏହି ସମୟରେ ମୁଁ ବାଇବଲ ଅଧ୍ୟୟନ, ପ୍ରାର୍ଥନା ଓ ଈଶ୍ୱରଙ୍କ ଉପସ୍ଥିତିରେ ସମୟ କଟାଇବାରେ ସମୟ ଅତିବାହିତ କରିବାକୁ ଆରମ୍ଭ କଲି ।

ଈଶ୍ୱର ବହୁବିଧ ଭାବେ ମୋତେ ଆଶୀର୍ବାଦ କରିବାକୁ ଲାଗିଲେ । ତା'ପରେ କିଛି ସମୟ ପାଇଁ ଜଣେ ଉପଦେଷ୍ଟାଙ୍କ ନିମନ୍ତେ ପ୍ରାର୍ଥନା କରିବା ବନ୍ଦ କଲି । ଅନ୍ୟାନ୍ୟ ଅଗ୍ରାଧିକାର ବିଷୟ ମୋର ଦୃଷ୍ଟି ଆକର୍ଷଣ କଲା ଏବଂ ମୁଁ ଅନ୍ୟାନ୍ୟ ବିଷୟ ପାଇଁ ପ୍ରର୍ଥାନା କରିବାକୁ ଆରମ୍ଭ କଲି ।

ଦୁଇବର୍ଷ ବିତିଗଲା । ମୁଁ ଗୋଟିଏ ଖ୍ରୀଷ୍ଟିୟ ନେତୃତ୍ୱ ସମ୍ମିଳନୀରେ ଯୋଗ ଦେଇଥିଲି । ଆମକୁ ତାଲିମ ଦେଉଥିବା ଜଣେ ସଭ୍ୟାଙ୍କୁ ମୁଁ ଭେଟିଲି ଓ ତା'ଙ୍କ ସହ କଥାବାର୍ତ୍ତା କରିବା ପାଇଁ ପବିତ୍ର ଆତ୍ମାଙ୍କଠାରୁ ଦୃଢ଼ ଅଭିଷେକ ଅନୁଭବ କଲି । ତା'ଙ୍କ ସହ ଏକ ଦୃଢ ସଂପର୍କରେ ଅନୁଭବ କଲି, ମାତ୍ର ତାହା କ'ଣ ମୁଁ ବୁଝିପାରି ନଥିଲି । ତା'ଙ୍କ ପାଖକୁ ଯାଇ ତାଙ୍କ ସହ କଥାବାର୍ତ୍ତା କରିବା ପାଇଁ ପବିତ୍ର ଆତ୍ମାଙ୍କ ଚାଳନା ପାଇଲି, ମାତ୍ର ମୁଁ ଗଲି ନାହିଁ । ମୁଁ ନୀରବ ରହିଲି ।

ତାଙ୍କର ଅଧିବେଶନ ଆରମ୍ଭ ହେଲା ଓ ସେ ଯାହାସବୁ ଆମର ଶ୍ରେଣୀରେ ପଢ଼ାଇଲେ ମୁଁ ସବୁକିଛି ମନୋଯୋଗ ସହକାରେ ଶୁଣିଲି । ସେ ଶିକ୍ଷା ଦେଲେ କିପରି ପ୍ରଭୁଙ୍କଠାରେ ଅପେକ୍ଷା କରିବାକୁ ହେବ, କିପରି ତା'ଙ୍କର ଅଧିକରୁ ଅଧିକ ନିକଟକୁ ଆସି ହେବ ଏବଂ ତା'ଙ୍କର ଇଚ୍ଛା ଅନ୍ୱେଷଣ କରି ହେବ । କିଛି ଦିନ ପରେ ତା'ଙ୍କର ଶିକ୍ଷା ଦେବା ସମୟ ଶେଷ ହେଲା ଓ ସେ ସମ୍ମିଳନୀ ସ୍ଥାନ ଛାଡ଼ି ଯିବା ପାଇଁ ପ୍ରସ୍ତୁତ ହେଲେ । ପବିତ୍ର ଆତ୍ମାଙ୍କଠାରୁ ମୁଁ ଦୃଢ ଚାଳନା ପାଇଲି ତା'ଙ୍କ ସହ କଥାବାର୍ତ୍ତା କରିବାକୁ ମାତ୍ର; ତଥାପି ମୁଁ ଦ୍ୱିଧା ବୋଧ କଲି । ମୁଁ ତାଙ୍କ ସହ ଗାଡ଼ି ପାଖକୁ ଗଲି ଓ ସେ ଚାଲିଗଲେ । ମୁଁ ଭାବିଲି ଏହି ଅନୁଭୂତି ଅଳ୍ପଦିନ ପରେ ଚାଲିଯିବ । ମାତ୍ର ଏହା ଗଲା ନାହିଁ ।

ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲି । ଦୁଇ ଦିନ ପରେ ମୁଁ ତାଙ୍କ ପାଖକୁ ଏକ ଇ-ମେଲ୍ ପଠାଇଲି ଓ ସେ ତା'ର ପ୍ରତ୍ୟୁତ୍ତର ଦେଲେ । ମୁଁ ଦ୍ୱନ୍ଦ୍ୱରେ ଥିଲି ଯେ ସେ ମୋର ଉପଦେଷ୍ଟା ହେବେ କି ନାହିଁ ? ମାତ୍ର ମୋର ଉପଦେଷ୍ଟା ହେବା ପାଇଁ ମୁଁ କିପରି ତାଙ୍କୁ କହିବି ? ସେ ମୋତେ ପ୍ରାୟ ଜାଣନ୍ତି ନାହିଁ । ମୋ ପାଇଁ କ'ଣ ତାଙ୍କର ସମୟ ହେବ ? ସେ କ'ଣ ପାଇଁ ମୋଠାରେ ସମୟ ବିନିଯୋଗ କରିବେ ? ମୁଁ ପ୍ରାର୍ଥନା କଲି ଏବଂ ଶେଷରେ ତା'ଙ୍କୁ ପଚାରିଲି ସେ ମୋର ଉପଦେଷ୍ଟା ହେବେ କି । ସେ ରାଜି ହେଲେ ।

ମୁଁ ଈଶ୍ୱରଙ୍କ ପ୍ରଶଂସା କରେ ! ସେ ପ୍ରକୃତରେ ଏକ ପ୍ରେମମୟ ଈଶ୍ୱର । ସେ ମୋର ପ୍ରାର୍ଥନାର ଉତ୍ତର ଦେଲେ ! କିଛି ସମୟ ପାଇଁ ମୁଁ ଏ ବିଷୟ ପାଇଁ ପ୍ରାର୍ଥନା କରିବାକୁ ଭୁଲି ଯାଇଥିଲି ମାତ୍ର ଈଶ୍ୱର ମୋର ପ୍ରାର୍ଥନା ଅନୁରୋଧ ସ୍ମରଣ କଲେ ଓ ମୋର ପ୍ରାର୍ଥନାର ଉତ୍ତର ଦେଲେ । ସେ ଏତେ ବିଶ୍ୱସ୍ତ ।

ମୁଁ ଜଣେ ଉପଦେଷ୍ଟା ଚାହୁଁଥିଲି ମାତ୍ର ଈଶ୍ୱର ତା' ପରିବର୍ତ୍ତେ ଅତିରିକ୍ତ ଆଶୀର୍ବାଦ ଦେଲେ । ସେ ମୋତେ ଜଣେ ଉପଦେଷ୍ଟା, ଜଣେ ତାଲିମଦାତା, ଜଣେ ପ୍ରେମୀ ବଡ଼ ଭଉଣୀ (ମୋର ଜଣେ ବଡ଼ଭାଇ ଅଛନ୍ତି, ମାତ୍ର କେହି ଭଉଣୀ ନ ଥିଲେ) ଦେଇ ଆଶୀର୍ବାଦ କଲେ, ଯିଏ କି ସବୁ ସମ୍ଭାବ୍ୟ ଉପାୟରେ ମୋର ଯତ୍ନ ନିଅନ୍ତି । ଈଶ୍ୱର ଏହା ନିଶ୍ଚିତ କଲେ ଯେ ସେ ଯାହାଙ୍କୁ ମୋର ଦାୟିତ୍ୱ ଦେଇଅଛନ୍ତି ସେ ମୋ ପୃଷ୍ଠଭୂମି ଓ ମୋର କାର୍ଯ୍ୟ ବୁଝନ୍ତି ପୁଣି ମୋତେ ଜଣେ ବ୍ୟକ୍ତି ହିସାବରେ ବୁଝନ୍ତି ଓ ଈଶ୍ୱରଙ୍କ ଅନୁଗ୍ରହ ଓ ଆଶୀର୍ବାଦରେ ମୋତେ ମୋ ଜୀବନର ସବୁକ୍ଷେତ୍ରରେ ଦିଗ୍‌ଦର୍ଶନ ଦେଇ ପାରିବେ । ଏପରି ଜଣେ ସୁନ୍ଦର ଓ ପ୍ରେମୀ ବଡ଼ ଭଉଣୀଙ୍କୁ ଦେଇ ମୋତେ ଆଶୀର୍ବାଦ କରିଥିବାରୁ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ ।

ଈଶ୍ୱର ଆଶ୍ଚର୍ଯ୍ୟଜନକ ଉପାୟରେ କାର୍ଯ୍ୟ କରନ୍ତି । ମୁଁ ମୋର ଉପଦେଷ୍ଟାଙ୍କ (ବଡ଼ ଭଉଣୀ) ସହ କେତେକ ବିଷୟ ଆଲୋଚନା କରିବି ଏବଂ ନୂତନ ବିଷୟ ଶିଖିବି । ଆଉ ପରବର୍ତ୍ତୀ କିଛି ଦିନ ପରେ ଈଶ୍ୱର ଅନ୍ୟମାନଙ୍କୁ ମୋ ପାଖକୁ ଆଣିବେ ଯେଉଁମାନେ ମୁଁ ଯାହାସବୁ ଶିଖିଛି ସେଥିରୁ ଲାଭ ପାଇବେ । ଅନ୍ୟମାନଙ୍କୁ ମୋ ଦ୍ୱାରା ସାହାଯ୍ୟ କରି ପ୍ରଭୁ ମୋତେ ତାଙ୍କର ଅସ୍ତ୍ରରୂପେ ବ୍ୟବହାର କରିବାକୁ ଆରମ୍ଭ କଲେ ।

ଧନ୍ୟବାଦ, ପ୍ରଭୁ । ତୁମର ପ୍ରେମ ଓ ବିଶ୍ୱସ୍ତତା ମହାନ ! ଆମର ବିଶ୍ୱସ୍ତ ପ୍ରଭୁ ଓ ମୋର ବଡ଼ ଭଉଣୀ (ଦିଦି) ଙ୍କ ସହ ମୁଁ ବିଶ୍ୱାସର ଯେଉଁ ଯାତ୍ରା ଆରମ୍ଭ କରିଛି ତାହା ଉପଭୋଗ କରୁଛି ।

**ମାଥିଉ ୭:୭-୧୧**

*"ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ; ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇଦିଆଯିବ । କାରଣ ଯେକେହି ମାଗେ, ସେ ପାଏ; ଯେ ଖୋଜେ ସେ ସନ୍ଧାନ ପାଏ; ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇଦିଆଯାଏ । କିମ୍ବା ତୁମ୍ଭମାନଙ୍କ ମଧ୍ୟରେ ଏପରି କେଉଁ ଲୋକ ଅଛି, ଯେ ନିଜ ପୁଅ ରୋଟୀ ମାଗଲେ ତାହାକୁ ପଥର ଦେବ, କିଅବା ମାଛ ମାଗିଲେ ତାହାକୁ ସାପ ଦେବ ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ*

*ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କ କେତେ ଅଧିକ ରୂପେ ଉତ୍ତମ ଉତ୍ତମ ବିଷୟ ନ ଦେବେ !"*

**ହିତୋପଦେଶ ୩:୫-*୬***

ତୁମ୍ଭେ ସର୍ବାନ୍ତକରଣ ସହିତ ସଦାପ୍ରଭୁଙ୍କଠାରେ ବିଶ୍ୱାସ କର ଓ

ନିଜ ସୁବିବେଚନାରେ ଆଉ ଜି ପଡ ନାହିଁ

ଆପଣାର ସବୁ ଗତିରେ ତାହାଙ୍କୁ ସ୍ୱୀକାର କର,

ତହିଁରେ ସେ ତୁମ୍ଭର ପଥସବୁ ସରଳ କରିବେ ।

**ପରମପିତାଙ୍କ ସାକ୍ଷ୍ୟ - ଆମର ପ୍ରଭୁ ଆମର ସୁରକ୍ଷାକାରୀ (ଗୀତା ସଂହିତା ୯୧)**

ମୁଁ ଏକ ସଭାରେ ଥିବାବେଳେ ମୋର ଲ୍ୟାପ୍‌ଟପ୍‌ର ଚାଟ୍ ଉଇନ୍‌ଡ଼ରେ ମୋର ଭଉଣୀ ପାଖରୁ ଏକ ବେଦନା ଦାୟକ ସମ୍ବାଦ ଆସିଲା । ଏଥିରେ ମୋର ଭଉଣୀ ମୋତେ କହିଥିଲେ ଯେ ମୁଁ ଯେପରି ତା'ର ଫୋନକୁ ଧରେ, କାରଣ ମା' ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଡ଼ାକ୍ତରଖାନାକୁ ନିଆ ଯାଉଥିଲେ । ମୁଁ ସଭା ପ୍ରକୋଷ୍ଠରୁ ବାହାରି ଆସି ବେଲକନୀକୁ ଯାଇ ତା'ର ସହିତ କଥା କହିଲି । ମୋର ମାମୁଁ ମୋର ଭଉଣୀକୁ କହିଥିଲେ ଯେ ମୋର ମା'ଙ୍କ ମୁଣ୍ଡରେ ଗୋଟିଏ ନଡ଼ିଆ ପଡ଼ି ଯାଇଥିଲା ଓ ସେ ଡ଼ାକ୍ତରଖାନା ନିଆଗଲେ । ମୋର ମା' ଆମ ନିଜ ସହରରେ (ଦେଶର ଅନ୍ୟ ସ୍ଥାନ) ଥିଲେ, କିନ୍ତୁ ମୋର ଭଉଣୀ, ଭାଇ ଓ ମୁଁ ବାଙ୍ଗାଲୋରରେ ରହୁ ଯାହା ଆମ ନିଜ ସହରଠାରୁ ବହୁ ଦୂରରେ ଅଛି । ଅଳ୍ପ ସମୟ ପାଇଁ ମୁଁ ଅତ୍ୟନ୍ତ ଚିନ୍ତାଗ୍ରସ୍ତ ହୋଇଯାଇଥିଲି । ମୁଁ ମାମୁଁଙ୍କ ସହ ସଂପର୍କ ସ୍ଥାପନ କରିବାକୁ ଚେଷ୍ଟା କଲି ମାତ୍ର ତାଙ୍କ ସହ କଥା ହୋଇ ପାରିନଥିଲି । ମୁଁ ମାଇଁଙ୍କ ସହ କଥା କହିଲି । ତା'ଙ୍କ ପାଖରେ ମୋ ପାଇଁ କୌଣସି ଅତିରିକ୍ତ ତଥ୍ୟ ନଥିଲା । ସେ ଆମ ଘରକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ । ସେ କହିଲେ ସେ ସେଠାରେ ପହଞ୍ଚିଲା ପରେ ମୋ ସହିତ କଥା ହେବେ । ମୁଁ ଅସ୍ଥିର ହୋଇ ପଡ଼ିଲି । ମୋତେ କିଏ ବର୍ତ୍ତମାନର ତଥ୍ୟ ଜଣାଇବ ? ମୋର ମା' କେଉଁଠାରେ ଥିଲେ ଓ ସେହି ମୁହୂର୍ତ୍ତରେ ସେ କିପରି ଥିଲେ ? ମୁଁ ମୋର ଆଉ ଜଣେ ମାମୁଁଙ୍କ ସହ କଥା କହିବାକୁ ଚେଷ୍ଟା କଲି । ତତ୍ପରେ ମୁଁ ନୀରବ ରହିଲି । ମୁଁ କ'ଣ କରୁଥିଲି ? ଯେଉଁ ବ୍ୟକ୍ତିଙ୍କ ନିକଟରେ ଆମ ପାଇଁ ସମସ୍ତ ଉତ୍ତର ଏବଂ ସମସ୍ତ ପ୍ରତିଜ୍ଞା ଅଛି ମୁଁ ତା'ଙ୍କ ନିକଟକୁ ଯାଉ ନାହିଁ କାହିଁକି ?

**ମୁଁ ଯୀଶୁଙ୍କ ନିକଟରେ ପ୍ରାର୍ଥନା କଲି ।**

ପ୍ରତ୍ୟେକ ସକାଳେ ଯେତେବେଳେ ମୁଁ ବିଛଣା ଛାଡ଼େ ଓ ପ୍ରତ୍ୟେକ ରାତ୍ରି ବିଛଣାକୁ ଯିବା ପୂର୍ବରୁ ମୁଁ ଗୀତ ସଂହିତା ୯୧ ଅଧ୍ୟାୟକୁ ପ୍ରାର୍ଥନାରେ ବ୍ୟବହାର କରେ । ସୁରକ୍ଷା ନିମନ୍ତେ ଈଶ୍ୱରଙ୍କ ପ୍ରତିଜ୍ଞା ସମୂହ ମୋର ପ୍ରିୟଜନ ଓ ମୋ ନିମନ୍ତେ ଦାବି କରେ । କାର୍ଯ୍ୟାଳୟର ଦେଲକନୀ ଉପରେ ଛିଡ଼ା ହୋଇ ମୁଁ ଗୀତ ସଂହିତା ୯୧କୁ ପ୍ରାର୍ଥନାରେ ବ୍ୟବହାର କରି ମୋ ମାଆଙ୍କ ନିମନ୍ତେ ପ୍ରତିଜ୍ଞାଗୁଡ଼ିକ ଦାବି କରିଲି । ମୋର ମା'ଙ୍କୁ ପ୍ରଭୁଙ୍କ ହାତରେ ସମର୍ପଣ କରି କହିଲି ଯେ ମୁଁ ତା'ଙ୍କ ପ୍ରତିଜ୍ଞାସବୁରେ ବିଶ୍ୱାସ କରେ । ମୋ ମଧ୍ୟରେ ଶାନ୍ତି ବିରଜମାନ କଲା । ଏହା ଖ୍ରୀଷ୍ଟଙ୍କ ଶାନ୍ତି ଥିଲା । ମୁଁ ସେହି ଶାନ୍ତି ପାଇ ଆଶ୍ଚର୍ଯ୍ୟ ହୋଇଗଲି । ମୋର ମାଆଙ୍କୁ ଡ଼ାକ୍ତରଖାନା ନିଆ ଯାଉଥିଲା । ଏ ପ୍ରକାର ଶାନ୍ତି ମୁଁ କିପରି  ପାଇପାରୁଛି ? ଅବଶ୍ୟ ଏହା ଆଶ୍ଚର୍ଯ୍ୟ ବିଷୟ ନୁହେଁ ଯେ ଖ୍ରୀଷ୍ଟଙ୍କ ଶାନ୍ତି ସମସ୍ତ ବୋଧର ଅଗମ୍ୟ ଅଟେ । ମୁଁ ମୋର ଭଉଣୀଙ୍କ ସହ କଥା କହିଲି ଓ ତାଙ୍କୁ ପୁଣି ଆଶ୍ୱାସନା ଦେଲି ଯେ ଆମର ମାଆ ସୁରକ୍ଷିତ ରହିବେ । ମୁଁ ତାଙ୍କୁ କହିଲି ଯୀଶୁ ସବୁ ଦାୟିତ୍ୱ ନେଇଛନ୍ତି । ମୁଁ ସଭାସ୍ଥଳକୁ ଫେରିଗଲି ।

ସଭା ଶେଷ ହେବା ପରେ, ମୋର ଯେଉଁ ମାମୁଁ ମାଆଙ୍କୁ ଡ଼ାକ୍ତରଖାନା ନେଇଥିଲେ ତା'ଙ୍କ ସହ କଥାବାର୍ତ୍ତା କଲି । ତା'ଙ୍କ ସହ କଥାବାର୍ତ୍ତା କରି ସାରିବା ପରେ ମା'ଙ୍କ ସହ କଥା କହିଲି । ମା'ଙ୍କ ସ୍ୱରରୁ ଜାଣିଲି ତାଙ୍କ ଦୃଢ଼ ବିଶ୍ୱାସ ଥିଲା ଏବଂ ସେ ସାମାନ୍ୟ ଦୋଦୁଲ୍ୟମାନ ଥିଲେ । ଡାକ୍ତର ସ୍କାନ ପାଇଁ ପରାମର୍ଶ ଦେଇଥିଲେ ଓ ପରେ ସନ୍ଧ୍ୟାରେ ଏହାର ଫଳାଫଳ ଆଶା କରାଯାଉଥିଲା ।

ମୁଁ ପରେ ସ୍କାନ୍‌ର ଫଳାଫଳ ଜାଣିବା ପାଇଁ ସନ୍ଧ୍ୟାରେ ଫୋନ୍‌ରେ କଥାକହିଲି । ଈଶ୍ୱରଙ୍କ ପ୍ରଶଂସା ହେଉ । ଯୀଶୁଙ୍କ ପ୍ରଶଂସା ହେଉ ! କ୍ଷତର କୌଣସି ଚିହ୍ନ ନ ଥିଲା । ମୋର ମା'ଙ୍କ ମୁଣ୍ଡରେ ଗୋଟିଏ ନଡ଼ିଆ ପଡ଼ିଥିଲା ମାତ୍ର କୌଣସି କ୍ଷତ ହୋଇ ନଥିଲା ! ଗୋଟିଏ ପାଖରେ ସାମାନ୍ୟ ଏକ ଫୁଲାଥିବାରୁ ମା'ଙ୍କୁ ଯନ୍ତ୍ରଣା ଉପଶମ ପାଇଁ କେବଳ ଗୋଟିଏ ଔଷଧ ଦିଆ ଯାଇଥିଲା । ଆଉ କୌଣସି ଔଷଧ ଦିଆ ଯାଇନଥିଲା । ପରେ, ମୋର ମା' କହିଲେ ଯେ ତାଙ୍କୁ ଡାକ୍ତରଖାନା ନେଉଥିବା ବେଳେ ତାଙ୍କର ଯତ୍ନ ନେବା ପାଇଁ ସେ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରି ଚାଲିଥିଲେ ।

ମା' ଦେଖିଲେ ଯେ ନଡ଼ିଆ ପଡ଼ିବା ଘଟଣା ପରେ, ତା'ଙ୍କର ପୂର୍ବରୁ ଥିବା ସ୍ୱଣ୍ଡିଲାଇଟିସ୍ ସମସ୍ୟା ଉଭେଇ ଯାଇଛି । ହୁଏତ ନଡ଼ିଆର ଆଘାତ ଯୋଗୁ ! ଅନ୍ୟଦିଗରୁ ଆଉ ଏକ ଆଶୀର୍ବାଦ ! ଈଶ୍ୱରଙ୍କ ପ୍ରଶଂସା ହେଉ !

ଗୀତ ସଂହିତା ୯୧ ଆମ ନିମନ୍ତେ ଆମ ପ୍ରଭୁଙ୍କର ସୁରକ୍ଷାର ଏକ ଶକ୍ତିଯୁକ୍ତ ପ୍ରତିଜ୍ଞା ଅଟେ । ପ୍ରତ୍ୟେକ ସକାଳ ଓ ପ୍ରତ୍ୟେକ ରାତିରେ ମୁଁ ଗୀତ ସଂହିତା ୯୧ କୁ ପ୍ରାର୍ଥନାରେ ବ୍ୟବହାର କରେ । ଗୀତ ସଂହିତା ୯୧ କୁ ପ୍ରାର୍ଥନାରେ ବ୍ୟବହାର କରି ଈଶ୍ୱରଙ୍କ ସୁରକ୍ଷା ପାଇଥିବା ବିଷୟରେ ଅନେକ ଲୋକଙ୍କ ସାକ୍ଷ୍ୟ ଅଛି । ମୁଁ ପ୍ରାର୍ଥନା କରେ ଯେ ଗୀତସଂହିତା ୯୧ ର ଶକ୍ତି ଓ ପ୍ରତିଜ୍ଞା ପୃଥିବୀର ପ୍ରତ୍ୟେକ ଦେଶ ଓ ଲୋକଙ୍କ ନିକଟରେ ପହଞ୍ଚିବ ।

**ଗୀତସଂହିତା ୯୧:୯-୧୩**

*କାରଣ, ହେ ସଦାପ୍ରଭୋ, ତୁମ୍ଭେ ମୋହର ଆଶ୍ରୟ ।*

*ସର୍ବୋପରିସ୍ଥଙ୍କୁ ତୁମ୍ଭେ ଆପଣା ବାସସ୍ଥାନ କରିଅଛ ।*

*ତୁମ୍ଭକୁ କୌଣସି ବିପଦ ଘଟିବ ନାହିଁ,*

*କିଅବା କୌଣସି ମାରୀ ତୁମ୍ଭ ତମ୍ବୁ ନିକଟକୁ ଆସିବ ନାହିଁ ।*

*କାରଣ ସେ ତୁମ୍ଭର ସବୁ ଗତିରେ ତୁମ୍ଭକୁ ରକ୍ଷା କରିବା ପାଇଁ*

*ଆପଣା ଦୂତଗଣଙ୍କୁ ତୁମ୍ଭ ବିଷୟରେ ଆଜ୍ଞା ଦେବେ ।*

*ତୁମ୍ଭ ଚରଣ ଯେପରି ପଥରରେ ନ ବାଜିବ,*

*ଏଥିପାଇଁ ସେମାନେ ସ୍ୱହସ୍ତରେ ତୁମ୍ଭକୁ ବହିବେ ।*

*ତୁମ୍ଭେ ସିଂହ ଓ କାଳସର୍ପ ଉପରେ ଚାଲିବ;*

*ତୁମ୍ଭେ ଯୁବାସିଂହ ଓ ସର୍ପକୁ ପାଦ ତଳେ ଦଳିବ ।*

**ଗୀତସଂହିତା ୯୧:୧୫-୧୬**

*ସେ ଆମ୍ଭ ନିକଟରେ ପ୍ରାର୍ଥନା କଲେ, ଆମ୍ଭେ ତାହାକୁ*

*ଉତ୍ତର ଦେବା;*

*ଦୁଃଖ ବେଳେ ଆମ୍ଭେ ତାହାର ସହବର୍ତ୍ତୀ ହେବା;*

*ଆମ୍ଭେ ତାହାଙ୍କୁ ରକ୍ଷା କରିବା ଓ ତାହାଙ୍କୁ ସମ୍ଭ୍ରମ କରିବା ।*

*ଆମ୍ଭେ ଦୀର୍ଘାୟୁ ଦେଇ ତାହାଙ୍କୁ  ତୃପ୍ତ କରିବ ।*

*ଓ ଆମ୍ଭର ପରିତ୍ରାଣ ତାହାଙ୍କୁ ଦେଖାଇବା ।*

**ଅମିତେଷ୍‌ଙ୍କ ସାକ୍ଷ୍ୟ – ଈଶ୍ୱରଙ୍କ ବୁଦ୍ଧିକୁ ବିଶ୍ୱାସ କରିବା**

ମୁଁ ମୋର ଏମ୍‌ବିଏ ଶେଷ କରି ବାଙ୍ଗାଲୋରରେ ଏକ କାର୍ଯ୍ୟ (ଚାକିରୀ) ଖୋଜିବି ବୋଲି ସ୍ଥିର କଲି । ମୁଁ ବାଙ୍ଗାଲୋରରେ ପହଞ୍ଚି ମୋର ଚାକିରୀ ଅନ୍ୱେଷଣ ଆରମ୍ଭ କଲି । ମୁଁ ଅନେକ କମ୍ପାନୀରେ ଦରଖାସ୍ତ ଦେଲି । ସପ୍ତାହ ସପ୍ତାହ ଧରି ମୁଁ ଯଥାସାଧ୍ୟ ଚେଷ୍ଟା କଲି ମାତ୍ର କୌଣସି ଚାକିରୀ ପାଇଁ ସୁଯୋଗ ପାଇଲି ନାହିଁ । ମୁଁ ହତୋତ୍ସାହିତ ଓ ନିରାଶ ହୋଇପଡ଼ିଲି । ନିଜଗୃହ କଥା ବହୁତ  ମନେପଡ଼ିଲା । ମୁଁ ମା'ଙ୍କ ସହିତ କଥା କହିଲି ସେ ମଧ୍ୟ ମୋତେ ବହୁତ ମନେ କରୁଥିଲେ । ସେ ମୋତେ କହିଲେ ଚାକିରୀ ଅନ୍ୱେଷଣରୁ କିଛି ସମୟ ବିରତ ରହି ଅଳ୍ପ ଦିନ ପାଇଁ ଗୃହକୁ ଆସିବା ପାଇଁ । ମୁଁ ଉଡ଼ାଜାହାଜରେ ଯାତ୍ରା ପାଇଁ ଟିକଟ ସଂରକ୍ଷଣ କଲି । ମୁଁ ମୋର ଜିନିଷ ପତ୍ର ସଜାଡ଼ି ଗୃହକୁ ଯିବା ପାଇଁ ପ୍ରସ୍ତୁତ ହେଲି । ସେହି ଦିନଗୁଡ଼ିକରେ ମୁଁ ବାଙ୍ଗାଲୋରରେ ମୋର ବନ୍ଧୁ ଗୃହରେ ରହୁଥିଲି । ଠିକ୍ ମୁଁ ମୋ ବନ୍ଧୁଙ୍କ ଗୃହରୁ ଗୋଡ଼ କାଢିବା ପୂର୍ବରୁ, ମୁଁ ଗୋଟିଏ କମ୍ପାନୀରୁ ଫୋନ ପାଇଲି । ସାକ୍ଷାତକାର ପାଇଁ ପରବର୍ତ୍ତୀ ଦିନ ସେମାନଙ୍କ ସହ ସାକ୍ଷାତ କରିବାକୁ ମୋତେ ସେମାନେ ଚାହୁଁଥିଲେ । ମୁଁ ସେମାନଙ୍କୁ କହିଲି ଯେ ଅଳ୍ପ କେତେ ଦିନ ପାଇଁ ମୁଁ ଗୃହକୁ ଯିବି । ମୁଁ ସେମାନଙ୍କୁ ଅନୁରୋଧ କଲି ମୁଁ ଯେପରି ଫେରିଆସିଲେ ସେମାନଙ୍କ ସହ ସାକ୍ଷାତ କରିବାକୁ ସୁଯୋଗ ପାଏ । ମୋତେ କୁହାଗଲା ଯେ ସେମାନେ ପରବର୍ତ୍ତୀ ଦିନ ସାକ୍ଷାତକାର ରଖିଛନ୍ତି ଓ ମନୋନୟନ ପରେ ସଂଗେ ସଂଗେ ମୋତେ ଯୋଗ ଦେବାକୁ ପଡ଼ିବ । ସେମାନେ କହିଲେ ଯେ ଯଦି ମୁଁ ପରବର୍ତ୍ତୀ ଦିନ ସେମାନଙ୍କ ସହ ସାକ୍ଷାତ ନ କରେ, ମୁଁ ଏହି ସୁଯୋଗ ହରାଇବି । ତେଣୁ ମୋତେ ଏକ ସିଦ୍ଧାନ୍ତ ନେବାକୁ ପଡ଼ିଲା, ଯେ ମୁଁ ଗୃହକୁ ଯିବି ନା ମୋର ଯାତ୍ରା ବାତିଲ କରି ଏହି ଚାକିରୀର ସାକ୍ଷାତକାରରେ ଉପସ୍ଥିତ ହେବି ।

ଏହି ଚାକରୀ ସାକ୍ଷାତକାର ଗୋଟିଏ କଲ୍ ସେଣ୍ଟର୍ ଚାକିରୀ ପାଇଁ ଥିଲା ଯେଉଁଠାରେ ରାତିରେ କାର୍ଯ୍ୟ କରିବାର ଆବଶ୍ୟକ ପଡ଼ିବ । ମୁଁ କେତେ ସପ୍ତାହ ଧରି ଗୋଟିଏ ଚାକିରୀ ପାଇଁ ଚେଷ୍ଟା କରୁଥିଲି ଏବଂ ଚାକିରୀ ଆରମ୍ଭ କରି ଅର୍ଥ ଉପାର୍ଜନ କରିବା ମୋର ଅତ୍ୟନ୍ତ ଆବଶ୍ୟକ ଥିଲା । ମୁଁ ଯଦି ଗୃହକୁ ଯିବା ବାତିଲ କରେ ମୁଁ ମୋର ପିତାମାତାଙ୍କୁ ଭେଟିବାକୁ ସକ୍ଷମ ହେବି ନାହିଁ । ମୁଁ ଜାଣିଥିଲି ମୋର ମା' ମୋତେ ବହୁତ ମନେ କରୁଛନ୍ତି । ମୁଁ ଜାଣି ନଥିଲି କ'ଣ କରିବାକୁ ହେବ । ଗୋଟିଏ ପକ୍ଷରେ ମୋର ବୃତ୍ତି ଏବଂ ଅନ୍ୟପକ୍ଷରେ

ଅନେକ ଦିନ ଭଡାରେ ମୋର ପିତାମାତାଙ୍କୁ ସାକ୍ଷାତ କରିବା ବିଷୟ । ମୁଁ ଜାଣିଥିଲି ସେମାନେ ମୋତେ ସାକ୍ଷାତ କରିବାକୁ ଉତ୍କଣ୍ଠା ସହ ଅପେକ୍ଷା କରୁଥିଲେ ଏବଂ ଠିକ୍ ସେହିଭଳି ମଧ୍ୟ ସେମାନେ ଆନ୍ତରିକ ଭାବେ ଇଚ୍ଛା କରୁଥିଲେ ଯେ ମୁଁ ଗୋଟିଏ ଉତ୍ତମ ଚାକିରୀ ପାଇ ସଂସାର ଆରମ୍ଭ କରେ । ମୁଁ ଜାଣି ନଥିଲି ମୁଁ କ'ଣ କରିବି ।

ମୁଁ ମୋର ବଡ଼ ଭଉଣୀଙ୍କ ସହଫୋନ୍‌ରେ କଥା କହି ତା'ଙ୍କୁ ମୋର ପରିସ୍ଥିତି ବିଷୟରେ ଜଣାଇଲି । ସେ ମୋତେ ପଚାରିଲେ ମୁଁ କେଉଁଠି ଅଛି । ମୁଁ କହିଲି ମୁଁ ମୋର ବନ୍ଧୁଙ୍କ ଗୃହର ଦ୍ୱାରରେ ଅଛି ଓ ମୋର ନିଜ ସହରକୁ ଯିବା ପାଇଁ ପ୍ରସ୍ତୁତ । ମୁଁ ଗୋଟିଏ ପାଦରେ ଜୋତା ପିନ୍ଧିଥାଏ, ଆଉ ଗୋଟିଏ ଜୋତା ଗୋଟିଏ ହାତରେ ଓ ଅନ୍ୟ ହାତରେ ଫୋନ ଧରି ତାଙ୍କ ସହ  କଥା କହୁଥାଏ । ମୁଁ ଜାଣି ନଥିଲି ଗୃହ ଭିତରୁ ଯିବି ନା ଅନ୍ୟ ଜୋତାଟି ପିନ୍ଧି ଗୃହ ବାହାରକୁ ଯିବି ।

ମୋର ଭଉଣୀ ବାଇବଲରୁ କେତେକ ପ୍ରତିଜ୍ଞାଗୁଡ଼ିକୁ ମୋତେ ଦେଲେ ଏବଂ ଯୀଶୁଙ୍କ ନିକଟରେ କିପରି ପ୍ରାର୍ଥନା କରିବାକୁ ହେବ ତାହା କହିଲେ :

**ହିତୋପଦେଶ ୩:୫-୬**

*ତୁମ୍ଭେ ସର୍ବାନ୍ତଃକରଣ ସହିତ ସଦାପ୍ରଭୁଙ୍କଠାରେ ବିଶ୍ୱାସ କର ଓ*

*ନିଜ ସୁବିବେଚନାରେ ଆଉଜି ପଡ଼ ନାହିଁ ।*

*ଆପଣାର ସବୁ ଗତିରେ ତାହାଙ୍କୁ ସ୍ୱୀକାର କର;*

*ତହିଁରେ ସେ ତୁମ୍ଭର ପଥସବୁ ସରଳ କରିବେ ।*

ସେ ମୋତେ କହିଲେ ଗୋଟିଏ ନିରୋଳା ସ୍ଥାନ ଖୋଜି ଏହି ଶାସ୍ତ୍ରାଂଶ (ହିତୋପଦେଶ ୩:୫-୬) ବ୍ୟବହାର କରି ପ୍ରଭୁ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରିବା ପାଇଁ । ସେ ମୋତେ କହିଲେ ମୋର ପରିସ୍ଥିତିକୁ ଯୀଶୁଙ୍କୁ ସମର୍ପଣ କରିବା ପାଇଁ ଓ ମୋତେ ଚାଳନା ଦେବା ନିମନ୍ତେ ତାଙ୍କୁ ନିବେଦନ କରିବାକୁ । ମୁଁ ବସି ପଡ଼ିଲି, ମୋର ଚକ୍ଷୁ ବନ୍ଦ କଲି ଓ ସେ ମୋତେ ଦେଇଥିବା ବାଇବାଲ ପଦ ବ୍ୟବହାର କରି ପ୍ରଭୁ ଯୀଶୁଙ୍କ ପାଖରେ ପ୍ରାର୍ଥନା କଲି । ମୁଁ ପ୍ରଭୁ ଯୀଶୁଙ୍କୁ କହିଲି ମୁଁ ତାଙ୍କ ବୁଦ୍ଧିରେ ବିଶ୍ୱାସ କରେ । ମୋର ପରିସ୍ଥିତି ଯୀଶୁଙ୍କୁ

ସମର୍ପଣ କଲି ଓ ମୋତେ ଚାଳନା ଦେବା ପାଇଁ ତାଙ୍କୁ କହିଲି । ଏକ କୋମଳ ଶାନ୍ତ ସ୍ୱର ମୋତେ କହିଲା, "ଗୃହକୁ ଯାଅ ।" ହଠାତ୍ ମୋ ହୃଦୟରେ ଏକ ଶାନ୍ତି ଅନୁଭବ କଲି ।

ମୁଁ ଗୃହକୁ ଯିବା ପାଇଁ ସ୍ଥିର କଲି । ମୁଁ ଜାଣେ ଅନେକ ଲୋକ ଭାବି ପାରନ୍ତି ଯେ ମୁଁ ଗୋଟିଏ ଭୁଲ୍ ସିଦ୍ଧାନ୍ତ ନେଉଥିଲି, ଯେହେତୁ ଗୋଟିଏ ଚାକିରୀ ପାଇବା ମୋର ପ୍ରଥମ ଅଗ୍ରାଧିକାର ବିଷୟ ହେବା ଉଚିତ । କିନ୍ତୁ ମୋ ମଧ୍ୟରେ ଶାନ୍ତି ଥିଲା କାରଣ ମୁଁ ଜାଣିଥିଲି ଯେ ମୁଁ ଈଶ୍ୱରଙ୍କ ନିର୍ଦ୍ଦେଶ ମାନୁଛି । ମୁଁ ଗୃହକୁ ଗଲି ଓ ମୋର ପିତାମାତା ଏବଂ ବନ୍ଧୁମାନଙ୍କ ସହ ଉତ୍ତମ ସମୟ କଟାଇଲି । ଅତିଶୀଘ୍ର, ମୁଁ ତିନୋଟି ଭିନ୍ନ ଭିନ୍ନ କମ୍ପାନୀରୁ ଚାକିରୀ ପାଇଁ ନିମନ୍ତ୍ରଣ ପାଇଲି । ମୁଁ ଜାଣି ନଥିଲି କେଉଁଟିକୁ ବାଛିବା ପାଇଁ ହେବ ଯେହେତୁ ବିଭିନ୍ନ ବିକଳ୍ପରୁ ମୋତେ ବାଛିବାକୁ ହେବ । ମୁଁ ଅତ୍ୟନ୍ତ ଖୁସି ଥିଲି । ମୁଁ ଜାଣି ନ ଥିଲି ଏ ସମସ୍ତ ଚାକିରୀଠାରୁ ଉତ୍ତମ କୌଣସି ବିଷୟ ପଥରେ ଥିଲା ।

ମୁଁ ଗୋଟିଏ ଭଲ ସରକାରୀ ସଂସ୍ଥାରେ ଏକ ଅତି ଭଲ ଦରମାର ଏକ ପରିଚାଳକ ଚାକିରୀ ପାଇଁ ସୁଯୋଗ ପାଇଲି । ମୁଁ ଆନନ୍ଦରେ ଆଶ୍ଚର୍ଯ୍ୟ ହୋଇଗଲି ଯେ ସେମାନେ ମୋତେ ଏତେ ଭଲ ଦରମା ଦେବେ ଯେହେତୁ ଏହା ମୋର ପ୍ରଥମ ଚାକିରୀ ଥିଲା ମୁଁ ଯେଉଁ ଦରମା ପାଇବାକୁ ଯାଉଥିଲି ତାହା ମୁଁ ବାଙ୍ଗାଲୋର କଲ୍ ସେଣ୍ଟରରେ ରାତିରେ କାର୍ଯ୍ୟ କରି ଯାହା ଉପାର୍ଜନ କରିଥାନ୍ତି ତା'ର ଚାରିଗୁଣ ଥିଲା ।

ଏହା ହିଁ ମୋର ପରିସ୍ଥିତି ! ପ୍ରଭୁ ଯୀଶୁ ମୋତେ ଏକ ଭଲ ଚାକିରୀ, କମ୍ପାନୀରେ ଏକ ଭଲ ପଦବୀ, ଏକ ସୁନ୍ଦର ଦରମା ଦେଲେ ଓ ସୁନ୍ଦର ପ୍ରାକୃତିକ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ସ୍ଥାନରେ ଅବସ୍ଥାପିତ କଲେ । ପ୍ରକୃତରେ ତାଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ ତାହା ଯଥେଷ୍ଟ ହେବ ନାହିଁ ।

**ଗୀତ ସଂହିତା *୬୬*:୧୯-୨୦**

ମାତ୍ର ନିଶ୍ଚୟ ପରମେଶ୍ୱର ମୋ କଥା ଶୁଣିଅଛନ୍ତି,

ସେ ମୋ ପ୍ରାର୍ଥନାର ରବରେ ମନୋଯୋଗ କରିଅଛନ୍ତି ।

ପରମେଶ୍ୱର ଧନ୍ୟ ହେଉନ୍ତୁ, ସେ ମୋହର ପ୍ରାର୍ଥନା

କିଅବା ମୋ'ଠାରୁ ଆପଣା ଦୟାଦୂର କରି ନାହାନ୍ତି ।

**ସୁବ୍ରତଙ୍କ ସାକ୍ଷ୍ୟ-ଯୀଶୁ ମୋର ଆଶ୍ରୟ ଓ ମୋର ଦୁର୍ଗ**

*ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, "ସେ ମୋହର ଆଶ୍ରୟ ଓ ମୋହର ଦୁର୍ଗ;*

*ମୋହର ପରମେଶ୍ୱର, ମୁଁ ତାହାଙ୍କଠାରେ ନିର୍ଭର ରଖେ ।" (ଗୀତ ୬୧ :୨)*

ମୁଁ ନିକଟ ଅତୀତରେ ମୋର ଗୃହ ନିର୍ମାଣ ଶେଷ କଲି ଓ ତଳ ମହଲା ଭଡ଼ାରେ ଦେବା ପାଇଁ ଚାହିଁଲି । ଭଡ଼ାରୁ ଯେଉଁ ଅର୍ଥ ଆସିବ ମୁଁ ତାହା ଆବଶ୍ୟକ କରୁଥିଲି । ମୋର ପୁଅର ଶରୀର ସୁସ୍ଥ ରହୁ ନଥିଲା ଓ ତାକୁ ଚିକିତ୍ସା ପାଇଁ ବର୍ଷରେ ଦୁଇଥର ବାଙ୍ଗାଲୋର ନେବାକୁ ପଡୁଥିଲା । ଆମେ ତଳ ମହଲାର ଭଡ଼ାରୁ ଆମେ ଯେଉଁ ଅର୍ଥ ପାଇଥାଆନ୍ତୁ ତାହା କାର୍ଯ୍ୟରେ ଲାଗିଯାଆନ୍ତା । ମୁଁ ସେପରି କୌଣସି ଭଡ଼ାଟିଆଙ୍କୁ ପାଉ ନଥିଲି ଯେ କି ସେହି ସ୍ଥାନକୁ ଭଡ଼ାରେ ନେବେ । ମୁଁ ଚିନ୍ତାଗ୍ରସ୍ତ ଥିଲି ।

ମୋର ସ୍ତ୍ରୀ ନିକଟ ଅତୀତରେ ହେଉଥିବା ଏକ ପାଞ୍ଚଦିନିଆ ଆତ୍ମିକ ରିଟ୍ରିଟ୍‌ରୁ ଫେରିଥିଲେ ଏବଂ କିପରି ପ୍ରଭୁ ଯୀଶୁ ତାଙ୍କୁ ଓ ଯେତେ ଜଣ ଏଥିରେ ଯୋଗ ଦେଇଥିଲେ ସମସ୍ତଙ୍କୁ ପ୍ରଭୁ ଯୀଶୁ କିପରି ସ୍ପର୍ଶ କରିଥିଲେ ଲୋକମାନେ କିପରି ଯୀଶୁଙ୍କ ନିକଟରେ ପ୍ରାର୍ଥନା କରନ୍ତି, ସେମାନେ କିପରି ଯୀଶୁଙ୍କର ପ୍ରଶଂସା କରନ୍ତି ଓ ଯୀଶୁଙ୍କୁ ଉପାସନା କରନ୍ତି । ମୁଁ ଉତ୍ସାହିତ ହେଲି ଓ ଆମ ଘର ପାଇଁ ଜଣେ ଭଡ଼ାଟିଆ ପାଇବା ପାଇଁ ସାହାଯ୍ୟ କରିବାରେ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରିବାକୁ ସ୍ଥିର କଲି ।

ମୋର ସ୍ତ୍ରୀଙ୍କ ଭଉଣୀ ବାଇବଲରେ ଉଲ୍ଲେଖିତ ଈଶ୍ୱରଙ୍କ ପ୍ରତିଜ୍ଞାର ଶକ୍ତି ଓ ଆମକୁ ବିଶ୍ୱାସରେ କିପରି ଯୀଶୁଙ୍କ ପାଖରେ ପ୍ରାର୍ଥନା କରିବାକୁ ହେବ ସେ ବିଷୟରେ ମୋତେ କହିଥିଲେ । ମୁଁ ବିଶ୍ୱସ୍ତ ଭାବେ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରିବାକୁ ଆରମ୍ଭ କଲି । ମୁଁ ଗୀତ ସଂହିତା ୯୧ କୁ ପ୍ରତ୍ୟେକ ଦିନ ପ୍ରାର୍ଥନାରେ ବ୍ୟବହାର କଲି । ଅଳ୍ପଦିନ ମଧ୍ୟରେ, ମୁଁ ଜଣେ ଭଡ଼ାଟିଆକୁ ପାଇଲି ଯିଏ ମୋର ଆବଶ୍ୟକତା ଯେତିକି ଥିଲା ସେତିକି ଭଡ଼ା ଦେବା ପାଇଁ ରାଜି ହେଲେ । ତଥାପି ମୁଁ ଦ୍ୱିଧା ବୋଧ କରୁଥିଲି, ମୁଁ ଭାବୁଥିଲି ଭଡ଼ାଟିଆ ଜଣ ଭଲ ହେବେ ନା ଖରାପ ଏବଂ ମୁଁ ଆଉ ଜଣକ ନିମନ୍ତେ ଅପେକ୍ଷା କରିବି କି ନାହିଁ । ତତ୍ପରେ ସମ୍ପୂର୍ଣ୍ଣ ପରିସ୍ଥିତିକୁ ଯୀଶୁଙ୍କ ନିକଟରେ ସମର୍ପଣ କରିବାକୁ ମନସ୍ଥ କଲି । ଯୀଶୁ ଆମର ଯୋଗାଣକାରୀ ଓ ଆମେ ଯେତେବେଳେ ନିଜକୁ ଓ ଆମର ପରିସ୍ଥିତିକୁ ତାଙ୍କୁ ସମର୍ପଣ କରୁ, ସେ ପ୍ରତ୍ୟେକ ବିଷୟର ଯତ୍ନ ନିଅନ୍ତି । ଆଉ ଯୀଶୁ ପ୍ରତ୍ୟେକ ବିଷୟର ଯତ୍ନ ନେଲେ ! ସେ ଏତେ ବିଶ୍ୱସ୍ତ ! ମୁଁ ଜଣେ ସୁନ୍ଦର ଭଡ଼ାଟିଆଙ୍କୁ ପାଇଲି । ଭଡ଼ା ଭଲ ଥିଲା । ଅତିରିକ୍ତ ଆୟଦ୍ୱାରା ମୁଁ ମୋର ପୁଅର ଚିକିତ୍ସା ଖର୍ଚ୍ଚ ସହଜରେ ତୁଲାଇ ପାରିଲି । ମୋର ଆର୍ଥିକ ସମସ୍ୟାର

ସମାଧାନ ହେଲା । ମୋର ପୁଅ ମଧ୍ୟ ଅସୁସ୍ଥତାର ସୁସ୍ଥତା ଆଡ଼କୁ ଯାଉଛି । ମୁଁ ଈଶ୍ୱରଙ୍କର ପ୍ରଶଂସା କରେ । ସେ ଏତେ ପ୍ରେମମୟ ! ପ୍ରକୃତରେ ତା'ଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ହେତୁ ଆମେ ସମସ୍ତେ ତାଙ୍କର ସନ୍ତାନ ।

**ଗୀତସଂହିତା ୯୧:୧୪-୧୫**

"ସେ ଆମ୍ଭ ଉପରେ ଆପଣା ସ୍ନେହ ରଖିଅଛି, ଏ ହେତୁ ଆମ୍ଭେ

ତାହାକୁ ଉଦ୍ଧାର କରିବା;

ସେ ଆମ୍ଭ ନାମ ଜାଣିଅଛି, ଏ ହେତୁ ଆମ୍ଭେ ତାହାକୁ ଉଚ୍ଚରେ ରଖିବା ।

ସେ ଆମ୍ଭ ନିକଟରେ ପ୍ରାର୍ଥନା କଲେ, ଆମ୍ଭେ ତାହାକୁ ଉତ୍ତର ଦେବା;

ଦୁଃଖ ବେଳେ ଆମ୍ଭେ ତାହାର ସହବର୍ତ୍ତୀ ହେବା;

ଆମ୍ଭେ ତାହାକୁ ରକ୍ଷା କରିବା ଓ ତାହାକୁ ସମ୍ଭ୍ରମ କରିବା ।

# ୩ୟ ଭାଗ – ଈଶ୍ୱରଙ୍କ ସହିତ ସମୟ

## ଉପାସନା ଓ ପ୍ରାର୍ଥନାରେ ଈଶ୍ୱରଙ୍କ ପବିତ୍ର ଉପସ୍ଥିତିରେ ସମୟ କ୍ଷେପଣ

**ଈଶ୍ୱରଙ୍କ ଯୁଦ୍ଧାସ୍ତ୍ର ପରିଧାନ କରିବା**

*"ଏହି ପ୍ରାର୍ଥନାକୁ ଆପଣଙ୍କ ପ୍ରତ୍ୟେକ ଦିନ ସକାଳ କାର୍ଯ୍ୟକ୍ରମର ଏକ ଅଂଶ କରନ୍ତୁ । ଏହି ପ୍ରାର୍ଥନା ଆପଣଙ୍କୁ ଈଶ୍ୱରଙ୍କ ଶକ୍ତି ଓ ସାମର୍ଥ୍ୟରେ ପ୍ରତ୍ୟେକ ଦିନର ଆତ୍ମିକ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ କରିବା"*

ପ୍ରିୟ ପ୍ରଭୁ, ମୁଁ ଜାଣେ ଯେ ଆଜି ମୁଁ ବିଛଣାରୁ ଉଠି ଏକ ଯୁଦ୍ଧ କ୍ଷେତ୍ର ମଧ୍ୟରେ ପ୍ରବେଶ କରୁଛି । ମାତ୍ର ମୁଁ ମଧ୍ୟ ଜାଣେ ଯେ ଦୃଢ ଭାବେ ଛିଡ଼ା ହେବା ପାଇଁ ତୁମେ ମୋତେ ସବୁ କିଛି ଦେଇଅଛ । ତେଣୁ ତୁମର ପବିତ୍ର ଆତ୍ମାଙ୍କ ଶକ୍ତିରେ ମୁଁ ଈଶ୍ୱରଙ୍କ ଯୁଦ୍ଧାସ୍ତ୍ର ପରିଧାନ କରୁଛି :

ପ୍ରଥମରେ ମୁଁ ମୋର ମସ୍ତକରେ ପରିତ୍ରାଣର ଶିରସ୍ତ୍ରାଣ ପିନ୍ଧୁଛି । ଦୟା କରି ମୋର ମନ ଓ ଚିନ୍ତାକୁ ରକ୍ଷା କର । ଦୟାକରି ମୋର ଚକ୍ଷୁ ରକ୍ଷାକର ଯେପରି କୌଣସି ପାପ ପ୍ରବେଶ ନ କରେ । ଈଶ୍ୱରଙ୍କ ବିଷୟ ଉପରେ ମୋର ମନକୁ ସ୍ଥିର କରି ରଖ । ଧାର୍ମିକତାର ବୁକୁପଟା ମୋର ହୃଦୟ ଓ ଭାବ ପ୍ରବଣତାକୁ ସୁରକ୍ଷିତ ରଖୁ । ମୁଁ ପ୍ରାର୍ଥନା କରେ ଯେପରି ମୁଁ ମୋର ଅନୁଭୂତି ଦ୍ୱାରା ପରିଚାଳିତ ନ ହୋଇ ସତ୍ୟ ଦ୍ୱାରା ପରିଚାଳିତ ହୁଏ । ମୁଁ ତୁମର ବାକ୍ୟ କଟିବନ୍ଧନୀ ରୂପେ ପିନ୍ଧେ । ମୋତେ ଭୁଲ୍‌ରୁ ସୁରକ୍ଷିତ ରଖ । ମୁଁ ଶାନ୍ତିର ପାଦୁକା ପିନ୍ଧେ ମୋର ପଦକ୍ଷେପକୁ ଦିଗ୍‌ଦର୍ଶନ ଦେବା ପାଇଁ । ତୁମ ସତ୍ୟରେ ମୋ ଗୋଡ଼କୁ ରୋପଣ କର । ଆକ୍ରମଣ ବିରୁଦ୍ଧରେ ଛିଡ଼ା ହେବା ପାଇଁ ମୋତେ ଶକ୍ତିଯୁକ୍ତ କର ।

ତତ୍ପରେ, ମୁଁ ବିଶ୍ୱାସର ଢାଲ ଧରେ । ପ୍ରଭୁ ଦୟା କରି ଶୟତାନର ଅଗ୍ନିବାଣରୁ ମୋତେ ରକ୍ଷା କର । ଶୟତାନର କୌଶଳକୁ ପ୍ରତିରୋଧ କରିବା ପାଇଁ ତୁମର ସୈନ୍ୟ ବାହିନୀ ସହ କାନ୍ଧକୁ କାନ୍ଧ ମିଳାଇବାରେ ମୋତେ ସାହାଯ୍ୟ କର । ଅନ୍ତିମରେ ମୁଁ ଆତ୍ମାଙ୍କ ଖଡ୍ଗ ତୁମର ପବିତ୍ର ବାକ୍ୟ ନିଏ । ପ୍ରଭୁ ତୁମ ବାକ୍ୟକୁ ନିୟମିତ ଆଗ୍ରହ ସହକାରେ ପଢିବାକୁ ସାହଯ୍ୟ କର ଯେପରି ମୁଁ ସବୁବେଳେ ଆକ୍ରମଣକୁ ପଥଚ୍ୟୁତି କରିପାରେ ଓ ତୁମର ସତ୍ୟ ଅନ୍ୟମାନଙ୍କୁ ଜଣାଇପାରେ । ମୁଁ ଜାଣେ ପ୍ରଭୁ, ଆଜି ମୁଁ ଆକ୍ରମଣର ସମ୍ମୁଖୀନ ହେବି । ମାତ୍ର ତୁମେ ଶକ୍ତିଯୁକ୍ତ କରିଛ ଦୃଢରୂପେ ଛିଡ଼ା ହେବା ପାଇଁ । ପ୍ରଭୁ, ଆଜି ଯୁଦ୍ଧ ପାଇଁ ଦୟା କରି ମୋତେ ଶକ୍ତି ଦିଅ । ପ୍ରଭୁଙ୍କ ଆନନ୍ଦ ମୋର ବଳ । ଯୀଶୁଙ୍କ ନାମରେ, ମୁଁ ମାଗେ । ଆମେନ୍

*ଶାସ୍ତ୍ରାଂଶ (ଏଫିସୀୟ ୬:୧୩-୧୮)*

**ପ୍ରଭୁ ଶିଖାଇଥିବା ପ୍ରାର୍ଥନା**

ହେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା,

ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ ।

ତୁମ୍ଭର ରାଜ୍ୟ ଆସୁ ।

ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ

ତୁମ୍ଭର ଇଚ୍ଛା ସଫଳ ହେଉ ।

ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ ।

ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧିମାନଙ୍କୁ କ୍ଷମା କରିଅଛୁ

ସେପରି ଆମ୍ଭମାନଙ୍କ ଅପରାଧସବୁ କ୍ଷମା କର ।

ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ,

ମାତ୍ର ମନ୍ଦରୁ ରକ୍ଷା କର ।

ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ

ଯୁଗେ ଯୁଗେ ତୁମ୍ଭର ।

ଆମେନ୍ ।

*ଶାସ୍ତ୍ରାଂଶ (ମାଥିଉ ୬:୯-୧୩)*

ପ୍ରଭୁଙ୍କଠାରୁ ସୁରକ୍ଷା ପାଇଁ ପ୍ରାର୍ଥନା

ଆମେ, ଯେଉଁମାନେ ସର୍ବୋପରିସ୍ଥଙ୍କ ଆବୃତ ସ୍ଥାନରେ ବାସ କରୁ,

ସର୍ବଶକ୍ତିମାନଙ୍କ ଛାୟା ତଳେ ବସତି କରବା ।

ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, "ତୁମେ ମୋର ଆଶ୍ରୟ ଏବଂ ମୋହର ଦୁର୍ଗ;

ମୋହର ପରମେଶ୍ୱର, ମୁଁ ତୁମଠାରେ ନିର୍ଭର ରଖେ ।

ନିଶ୍ଚିତଭାବେ ତୁମେ ବ୍ୟାଧର ଫାନ୍ଦରୁ

ଓ ସର୍ବନାଶକ ମହାମାରୀକୁ ଆମକୁ ରକ୍ଷା କରିବ ।

ତୁମ୍ଭେ ଆପଣା ପକ୍ଷରେ ଆମକୁ ଆବୋରିବ

ଓ ତୁମର ଡେଣା ତଳେ ଆମେ ଆଶ୍ରୟ ନେବୁ;

ତୁମର ସତ୍ୟତା ଢାଲ ଓ ଫଳକ ସ୍ୱରୂପ ଅଟେ ।

ଆମେ ରାତ୍ରିର ତ୍ରାସ, କିଅବା ଦିବସର ଉଡ଼ନ୍ତା ତୀର,

ଅନ୍ଧକାରଗାମୀ ମହାମାରୀ, କିଅବା ମଧ୍ୟାହ୍ନରେ

ବିନାଶକ ସଂହାରକ ବିଷୟରେ ଭୀତ ହେବୁ ନାହିଁ ।

ଆମ ପାର୍ଶ୍ୱରେ ସହସ୍ର ଓ ଆମ ଦକ୍ଷିଣ ପାଖରେ

ଆୟୁତ ଲୋକ ପଡ଼ିବେ; ମାତ୍ର ତାହା ଆମ କତିକି ଆସିବ ନାହିଁ ।

ଆମେ କେବଳ ସ୍ୱଚକ୍ଷୁରେ ନିରୀକ୍ଷଣ କରିବା

ଓ ଦୁଷ୍ଟମାନଙ୍କର ପ୍ରତିଫଳ ଦେଖିବା ।

କାରଣ, ହେ ସଦାପ୍ରଭୋ ତୁମ୍ଭେ ଆମର ଆଶ୍ରୟ ।

ସର୍ବୋପରିସ୍ଥଙ୍କୁ ଆମେ ଆପଣା ବାସସ୍ଥାନ କରିଅଛୁ ।

ଆମକୁ କୌଣସି ବିପଦ ଘଟିବ ନାହିଁ,

କିଅବା କୌଣସି ମାରୀ ଆମ ତମ୍ବୁ ନିକଟକୁ ଆସିବ ନାହିଁ ।

କାରଣ ତୁମେ ଆମର ସବୁ ଗତିରେ ଆମକୁ ରକ୍ଷା କରିବା ପାଇଁ

ଆପଣା ଦୂତଗଣକୁ ଆମ ବିଷୟରେ ଆଜ୍ଞା ଦେବେ ।

ଆମ ଚରଣ ଯେପରି ପଥରରେ ନ ବାଜିବ,

ଏଥିପାଇଁ ସେମାନେ ସ୍ୱହସ୍ତରେ ଆମକୁ ବହିବେ ।

ଆମେ ସିଂହ ଓ କାଳସର୍ପ ଉପରେ ଚାଲିବା;

ଆମେ ଯୁବାସିଂହ ଓ ସର୍ପକୁ ପାଦ ତଳେ ଦଳିବା ।

ଆମେ ତୁମ ଉପରେ ଆମର ସ୍ନେହ ରଖିଅଛୁ,

ଏ ହେତୁ ତୁମେ ଆମକୁ ଉଦ୍ଧାର କରିବ;

ଆମେ ତୁମ ନାମ ଜାଣିଅଛୁ,  ଏ ହେତୁ ଆମକୁ ଉଚ୍ଚରେ ରଖିବ ।

ଆମେ ତୁମ ନିକଟରେ ପ୍ରାର୍ଥନା କଲେ, ତୁମେ ଆମକୁ ଉତ୍ତର ଦେବ;

ଦୁଃଖ ବେଳେ ତୁମେ ଆମର ସହବର୍ତ୍ତୀ ହେବ;

ତୁମେ ଆମକୁ ରକ୍ଷା କରିବ ଓ ଆମକୁ ସମ୍ଭ୍ରମ କରିବ ।

ତୁମେ ଦୀର୍ଘାୟୁ ଦେଇ ଆମକୁ ତୃପ୍ତ କରିବ

ଓ ତୁମର ପରିତ୍ରାଣ ଆମକୁ ଦେଖାଇବ ।

*ଶାସ୍ତ୍ରାଂଶ (ଗୀତ ସଂହିତା ୯୧)*

**ପ୍ରଭୁ ଆମର ଯୋଗାଣକାରୀ (ସେ ଆମର ସମସ୍ତ ଆବଶ୍ୟକତାର ଯତ୍ନ ନିଅନ୍ତି)**

ପ୍ରଭୁ, ତୁମେ ମୋର ପ୍ରତିପାଳକ; ମୋର ଅଭାବ ହେବ ନାହିଁ ।

ତୁମେ କୋମଳ ତୃଣମୟ ସ୍ଥାନରେ ମୋତେ ଶୟନ କରାଅ ।

ତୁମେ ସ୍ଥିର ଜଳ ପାଖେ ପାଖେ ମୋତେ କଢାଇ ନିଅ ।

ତୁମେ ମୋ ପ୍ରାଣକୁ ସୁସ୍ଥ କର, ତୁମେ ତୁମ ନାମ ସକାଶୁ ଧର୍ମପଥରେ

ମୋତେ କଢାଇ ନିଅ ।

ଏଣୁ ମୁଁ ମୃତ୍ୟୁଚ୍ଛାୟାରୂପ ଉପତ୍ୟକା ଦେଇ ଗଗନ କଲେ ହେଁ

କୌଣସି ଆପଦକୁ ଭୟ କରିବି ନାହିଁ;

କାରଣ ତୁମେ ମୋହର ସବବର୍ତ୍ତୀ, ତୁମର ପାଞ୍ଚଣ ଓ ତୁମ୍ଭର ବାଡ଼ି ମୋତେ ସାନ୍ତ୍ୱନା ଦିଏ ।

ତୁମେ ମୋ ଶତ୍ରୁଗଣଙ୍କ ସାକ୍ଷାତରେ ମୋ ସମ୍ମୁଖରେ ମେଜ ସଜାଅ ।

ତୁମେ ତୈଳରେ ମୋ ମସ୍ତକ ସିକ୍ତ କର;

ମୋ ପାନପାତ୍ର ଉଚ୍ଛୁଳି ପଡ଼େ ।

ନିଶ୍ଚୟ ମଙ୍ଗଳ ଓ ଦୟା ମୋହର ଜୀବନଯାଏ ପଶ୍ଚାଦ୍‌ଗାମୀ ହେବ;

ପୁଣି ମୁଁ ସର୍ବଦା ତୁମ ଗୃହରେ ବାସ କରିବି ।

*ଶାସ୍ତ୍ରାଂଶ (ଗୀତ ସଂହିତା ୨୩)*

**୩ ଟା ସମୟର ପ୍ରାର୍ଥନା**

ତୁମେ ମୃତ୍ୟୁ ଭୋଗ କରିଲ, ଯୀଶୁ, ମାତ୍ର ଜୀବନର ଉତ୍ସ ପ୍ରାଣଗୁଡ଼ିକ ନିମନ୍ତେ

ପ୍ରବଳ ବେଗରେ ପ୍ରବାହିତ ହେଲା

ଏବଂ ଦୟାର ମହାସାଗର ସମଗ୍ର ଜଗତ ନିମନ୍ତେ ଉନ୍ମୁକ୍ତ ହେଲା ।

ହେ ଜୀବନର ଉତ୍ସ, ଅପରିମେୟ ସର୍ଗୀୟ ଦୟା,

ସମଗ୍ର ଜଗତକୁ ଆବୋରି ନିଅ ଏବଂ ଆମ ଉପରେ ନିଜକୁ ଶୂନ୍ୟ କର ।

ହେ ରକ୍ତ ଓ ଜଳ,

ଯାହା ଯୀଶୁଙ୍କ ହୃଦୟରୁ ପ୍ରବହିତ ହେଲା ।

ଆମ ନିମନ୍ତେ ଦୟାର ଉତ୍ସ ସ୍ୱରୂପ,

ଆମେ ତୁମକୁ ବିଶ୍ୱାସ କରୁ

ପବିତ୍ର ଈଶ୍ୱର, ପବିତ୍ର ସର୍ବଶକ୍ତିମାନ, ପବିତ୍ର ଅନନ୍ତଜୀବୀ (ଅମର),

ଆମ ପ୍ରତି ଓ ସମଗ୍ର ଜଗତ ପ୍ରତି ଦୟା କର (୩ଥର)

ପ୍ରଭୁ ଯୀଶୁ, ଦୟାର ରାଜା, ଆମେ ତୁମକୁ ବିଶ୍ୱାସ କରୁ !

ଆମେନ୍

**ଈଶ୍ୱରଙ୍କ ଚାଳନା ଅନ୍ୱେଷଣ କରିବା**

ପ୍ରଭୁ, ଯେଉଁ ସିଦ୍ଧାନ୍ତ ମୋତେ ନେବାକୁ ହେବ ସେଥିପାଇଁ ମୁଁ ତୁମର ଚାଳନା ଅନ୍ୱେଷଣ କରେ । ମୁଁ ମୋ' ଜୀବନ ପାଇଁ ତୁମର ଇଚ୍ଛା ଅନ୍ୱେଷଣ କରେ । ପ୍ରଭୁ, ମୁଁ ସମସ୍ତ ଅନ୍ତଃକରଣ ସହ ତୁମକୁ ବିଶ୍ୱାସ କରେ । ମୁଁ ନିଜ ସୁବିବେଚନାରେ ଆଉଜି ପଡ଼େ ନାହିଁ । ମୋର ସବୁ ଗତିରେ ତୁମର ଇଚ୍ଛା ଲୋଡ଼େ । ଏବଂ ପ୍ରଭୁ ମୁଁ ଜାଣେ କେଉଁ ପଥରେ ଯିବାକୁ ହେବ ତାହା ତୁମେ ମୋତେ ଦେଖାଇବ ।

ପ୍ରଭୁ, ତୁମର ପବିତ୍ର ଉପସ୍ଥିତିରେ ସ୍ଥିର ରହିବା ପାଇଁ ଦୟା କରି ମୋତେ ଶିକ୍ଷା ଦିଅ । ତୁମର ମୃଦୁ (ନମ୍ର) ସ୍ୱର ଶୁଣିବା ପାଇଁ ସକ୍ଷମ ହେବାକୁ ମୋତେ ଶିକ୍ଷା ଦିଅ । ମୋତେ ଆଶୀର୍ବାଦ କର ଯେପରି ମୁଁ ତୁମର ବାଧ୍ୟ ହେବି ଏବଂ ତୁମର ନିର୍ଦ୍ଦେଶ ଅନୁସରଣ କରିବି । ପ୍ରଭୁ, ତୁମର ବାକ୍ୟ ଓ ତୁମର ଇଚ୍ଛା ଅନୁଯାୟୀ ମୋ' ପ୍ରତି ଘଟୁ ।

ପିତା, ଯୀଶୁଙ୍କ ନାମରେ, ମୁଁ ପ୍ରାର୍ଥନା କରୁଛି ।

*ଶାସ୍ତ୍ରାଂଶ (ହିତୋପଦେଶ ୩:୫-୬)*

**ଉତ୍କଣ୍ଠା, ମାନସିକ ଚାପ, ଉଦ୍‌ବିଗ୍ନତାକୁ ଜୟ କରିବା ପାଇଁ ପ୍ରାର୍ଥନା**

ସର୍ବଶକ୍ତିମାନ ଈଶ୍ୱର, ମୁଁ ପ୍ରାର୍ଥନାପୂର୍ବକ ତୁମ ନିକଟକୁ ଆସୁଛି । ମୁଁ କ'ଣ ଭିତର ଦେଇ ଯାଉଛି ତୁମେ ଜାଣ । ମୁଁ ଉଦ୍‌ବିଗ୍ନ ଓ ମାନସିକ ଚାପଗ୍ରସ୍ତ । ପ୍ରଭୁ ମୁଁ ଜାଣେ ଯଦି ମୁଁ ଉଦ୍‌ବିଘ୍ନ ହୁଏ ବା ଉତ୍କଣ୍ଠିତ ହୁଏ ତେବେ କିଛି

ଲାଭ ହେବ ନାହିଁ । ମୁଁ ଜାଣେ ଯେ ତୁମେ ସର୍ବଶକ୍ତିମାନ, ଶକ୍ତିଶାଳୀ ଏବଂ ପ୍ରେମମୟ । ମୁଁ ତୁମର ଆଶୀର୍ବାଦ ଓ ଶାନ୍ତି ଅନ୍ୱେଷଣ କରି ତୁମ ପାଖକୁ ଆସିଚି । ପ୍ରଭୁ, ମୁଁ ଜାଣେ ତୁମେ ତୁମର ସମସ୍ତ ପିଲାମାନଙ୍କୁ ତୁମର ଉପସ୍ଥିତିକୁ ଆସିବା ପାଇଁ ନିମନ୍ତ୍ରଣ କରିଥାଅ, ମୋ ଭଳି ଯେଉଁମାନେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ସେମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିଥାଅ । ଏବଂ ମୁଁ ଜାଣେ ତୁମଠାରେ ମୋତେ ବିଶ୍ରାମର ପ୍ରତିଜ୍ଞା ଦେଇଅଛ । ଯେହେତୁ ତୁମେ ମୋର ଯତ୍ନ ନିଅ ସେଥିପାଇଁ ପ୍ରଭୁ, ମୁଁ ମୋର ସମସ୍ତ ଉଦ୍‌ବିଗ୍ନତା ଓ ଉତ୍କଣ୍ଠା (ଚିନ୍ତାର ଭାର) ତୁମକୁ ଦେଉଛି । ଧନ୍ୟବାଦ, ପ୍ରଭୁ । ତୁମେ ଅତ୍ୟନ୍ତ ମୃଦୁଶୀଳ ଓ ନମ୍ରଚିତ୍ତ । ମୁଁ ତୁମଠାରେ ବିଶ୍ରାମ ପାଇବି ।

ମୁଁ ମଧ୍ୟ ମୋ ଭଳି ପରିସ୍ଥିତି ସମୂହ ସମ୍ମୁଖୀନ ହେଉଥିବା ଏହି ଜଗତରେ ଥିବା ତୁମର ସମସ୍ତ ପ୍ରିୟ ସନ୍ତାନମାନଙ୍କୁ ପ୍ରାର୍ଥନାରେ ଟୋଳି ଧରୁଛି । ତୁମର ଶାନ୍ତିରେ ଆମକୁ ଆଶୀର୍ବାଦ କର । ପିତା, ମୁଁ ଏହି ପ୍ରାର୍ଥନା ଯୀଶୁଙ୍କ ଶକ୍ତିଶାଳୀ ନାମରେ ମାଗୁଛି । ଆମେନ୍

*ଶାସ୍ତ୍ରାଂଶ (ମାଥିଉ ୧୧:୨୮-୩୦, ୧ ପିତର ୫:୭)*

**ସୁସ୍ଥତା ପାଇଁ ପ୍ରାର୍ଥନା**

ସର୍ବଶକ୍ତିମାନ ଈଶ୍ୱର, ତୁମେ ପବିତ୍ର ଓ ଧାର୍ମିକ । ତୁମେ ଶକ୍ତିଶାଳୀ ଏବଂ ଦୟାରେ ପୂର୍ଣ୍ଣ । ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ତୁମର ।

ପ୍ରେମମୟ ଈଶ୍ୱର, ତୁମେ ଅନୁଗ୍ରହର ଈଶ୍ୱର। । ତୁମେ ଆମ ସମସ୍ତଙ୍କୁ ଜୀବନ ଦେଲ । ତୁମେ ଆମର ଉଦ୍ଧାରକର୍ତ୍ତା । ତୁମ ହାତରେ ଓ ତୁମ ଅଧିକାରରେ ରୋଗ ଓ ଉଦ୍‌ବିଗ୍ନତା ଉପରେ ସୁସ୍ଥକାରୀ ଶକ୍ତି ଅଛି ।

ତୁମେ କେତେ ପ୍ରେମମୟ ଓ ଦୟାମୟ ଅଟ । ତୁମେ ଆମକୁ ତୁମର ପ୍ରିୟ ପୁତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଆମର ଉଦ୍ଧାରକର୍ତ୍ତା ରୂପେ ଦେଲ । ଆମର ସମସ୍ତ ପାପ ଓ ରୋଗ କ୍ରୁଶ ଉପରେ ଯୀଶୁଙ୍କ ସୁସ୍ଥକାରୀ ପ୍ରହାର ଓ ତାଙ୍କର ପବିତ୍ର ରକ୍ତ ଦ୍ୱାରା ଧୋଇ ହୋଇଯାଇଛି । ଆମେ ସୁସ୍ଥତା ପାଇଛୁ !

ମୁଁ ମୋ ସବୁ ଦୁର୍ବଳତା ଓ ପାପ ତୁମଠାରେ ସ୍ୱୀକାର କରୁଛି । ପ୍ରଭୁ, ମୋତେ କ୍ଷମା କର । ତୁମ ବିନା ମୁଁ କିଛି ନୁହେଁ ଏବଂ କେବଳ ତୁମର ଅନୁଗ୍ରହରେ ମୁଁ ସୁସ୍ଥ ହୋଇଅଛି । ତୁମେ ସମସ୍ତ ଆଶ୍ଚର୍ଯ୍ୟ କର୍ମର ଈଶ୍ୱର ଅଟ । ମୁଁ ତୁମର ଶକ୍ତିଶାଳୀ, ପ୍ରେମମୟ ଏବଂ ଦୟାମୟ ଶକ୍ତିରେ ବିଶ୍ୱାସ କରେ । ତୁମେ ମୋତେ କ୍ଷମା କରିଛ ଓ ସୁସ୍ଥ କରିଛ । ପ୍ରଭୁ, ମୋତେ ଏକ ଶୁଚି ଓ ନୂତନ ହୃଦୟ ଦେଇଥିବା ହେତୁ ତୁମକୁ ମୁଁ ଧନ୍ୟବାଦ ଦିଏ ।

ପ୍ରଭୁ, ମୋତେ ତୁମର ଶାନ୍ତି ଦେଇଥିବା ହେତୁ ତୁମକୁ ଧନ୍ୟବାଦ ଦିଏ । ଦୟାକରି ମୋ ସହିତ ସଦାବେଳେ ରୁହ । ତୁମେ ଇମ୍ମାନୁୟେଲ (ଆମ ସହିତ ଈଶ୍ୱର) ।

ତୁମେ ପଥ, ସତ୍ୟ ଓ ଜୀବନ । ତୁମେ ମୋ ଜୀବନର ଆଲୋକ । ମୁଁ ମୋ ନିମନ୍ତେ ତୁମ ପ୍ରେମ ଦ୍ୱାରା ଉଦ୍ଧାରପ୍ରାପ୍ତ । ହେ ପ୍ରଭୁ, ତୁମର ବହୁମୂଲ୍ୟ ଓ ପବିତ୍ର ରକ୍ତରେ ମୋତେ ଆଚ୍ଛାଦନ କର ।

ପ୍ରଭୁ ଯୀଶୁ, ତୁମର ନିକଟକୁ ମୋତେ ଆକର୍ଷଣ କର । ମୁଁ ତୁମର ମହାନ ଶକ୍ତିରେ ବିଶ୍ୱାସ କରେ । ତୁମେ ମୋର ଉଦ୍ଧାରକର୍ତ୍ତା, ସୁସ୍ଥକାରୀ, ସୁରକ୍ଷାକାରୀ ଏବଂ ଆଶ୍ରୟ । ତୁମେ ମୋର ଈଶ୍ୱର ।

ପ୍ରଭୁ, ଯୀଶୁ, ତୁମେ ମୋ ବିଷୟରେ, ମୋର ଆବଶ୍ୟକତା ଓ ମୋର ଇଚ୍ଛା ବିଷୟରେ ପ୍ରତ୍ୟେକ ବିଷୟ ଜାଣ । ତୁମର ଶକ୍ତିଶାଳୀ ପବିତ୍ର ହସ୍ତରେ, ମୁଁ ନିଜକୁ ସମର୍ପଣ କରେ । ତୁମର ଇଚ୍ଛାନୁଯାୟୀ ମୋ ପ୍ରତି ଘଟୁ । ମୁଁ ତୁମର । ମୁଁ ପରିତ୍ରାଣ ପାଇଛି ଓ ସୁସ୍ଥତା ପାଇଛି ।

ପିତା, ମୁଁ ମଧ୍ୟ ମୋର ସମସ୍ତ ଭାଇ ଓ ଭଉଣୀଙ୍କ ପାଇଁ ପ୍ରାର୍ଥନା କରେ ଯେଉଁମାନେ ତୁମର ଅନୁଗ୍ରହ ଓ ଆଶୀର୍ବାଦ ଆବଶ୍ୟକ କରନ୍ତି । ମୁଁ ମୋର ସମସ୍ତ ପ୍ରାର୍ଥନା ଯୀଶୁଙ୍କ ଶକ୍ତିଶାଳୀ ନାମରେ ମାଗୁଅଛି । ଆମେନ୍ ।

*ଶାସ୍ତ୍ରାଂଶ (ଯିଶାଇୟ ୫୩:୫; ଗୀତ ସଂହିତା ୧୦୩:୧-୫; ଯୋହନ ୧୪:୬)*

**ଈଶ୍ୱରଙ୍କ ଶକ୍ତି ଓ ଅଧିକାରରେ ମନ୍ଦ ଚିନ୍ତା ଓ ଅଭ୍ୟାସ ବାହାର କରିବା (ଦୂର କରିବା)**

ପ୍ରିୟ ପ୍ରଭୁ, ମୁଁ ଜାଣେ ତୁମର ଆଶୀର୍ବାଦ ଓ ଅନୁଗ୍ରହ ମୋ' ଉପରେ ଅଛି । ତୁମ ଦୃଷ୍ଟିରେ ଯାହା ଯୋଗ୍ୟ ନୁହେଁ ସେହି ପ୍ରକାର ମନ୍ଦ ଚିନ୍ତା ଓ ଅଭ୍ୟାସ ସହ ମୁଁ ଯେ ସଂଗ୍ରାମ କରୁଛି ତାହା ମୁଁ ଜାଣେ । ମୁଁ ଏସବୁ ମନ୍ଦ ଚିନ୍ତା ଓ ଅଭ୍ୟାସ ବାହାର କରି ଦେବା ପାଇଁ ଚାହେଁ । ମୁଁ ତୁମକୁ ଧନ୍ୟବାଦ ଦିଏ ଯେ ତୁମେ ମୋତେ ସାପ ଓ ବିଛା ଉପରେ ଚାଲିବାକୁ ପୁଣି ଶତ୍ରୁର ସମସ୍ତ ଶକ୍ତି ଉପରେ କ୍ଷମତା ଦେଇଅଛ, ଏବଂ ଆଉ କିଛି ହିଁ କୌଣସି ପ୍ରକାରେ ମୋର କ୍ଷତି  କରିବ ନାହିଁ । ତେଣୁ ଯୀଶୁଙ୍କ ଶକ୍ତିଶାଳୀ ନାମରେ, ମୁଁ ଏ ସମସ୍ତ ମନ୍ଦ ଚିନ୍ତା ଏବଂ ଅଭ୍ୟାସକୁ ବର୍ତ୍ତମାନ ହିଁ ମୋତେ ଛାଡ଼ିଯିବା ପାଇଁ ଆଜ୍ଞା ଦେଉଛି । ପ୍ରଭୁ, ଦୟାକରି ମୋତେ ତୁମର ବହୁମୂଲ୍ୟ ରକ୍ତରେ ଧୋଇ ଦିଅ ଓ ମୋର ସମସ୍ତ ପାପରୁ ମୋତେ ପରିଷ୍କାର କର । ତୁମର ଅନୁଗ୍ରହ ଓ ଦୟାରେ ମୋତେ ପୂର୍ଣ୍ଣ କର । ତୁମର ପବିତ୍ର ନାମକୁ ଉଚ୍ଚୀକୃତ ଓ ଗୌରବାନ୍ୱିତ କରିବା ପାଇଁ ଯେପରି ମୁଁ ବଞ୍ଚି ରୁହେ । ମୁଁ ଯୀଶୁଙ୍କ ଶକ୍ତିଶାଳୀ ନାମରେ ପ୍ରାର୍ଥନା କରୁଛି । ଆମେନ୍ ।

*ଶାସ୍ତ୍ରାଂଶ (ଲୂକ ୧୦:୧୯)*

**ଶାନ୍ତି ପାଇଁ ପ୍ରାର୍ଥନା**

ପ୍ରଭୁ, ମୋର ହୃଦୟ ଉଦ୍‌ବିଗ୍ନ ଅଟେ । ମୋର ଶାନ୍ତି ନାହିଁ । ମୁଁ ମୋର ମନକୁ ଅନ୍ୟ ଦିଗକୁ ନେବାକୁ ଚେଷ୍ଟା କରେ ମାତ୍ର ଦୁର୍ଶ୍ଚିନ୍ତା (ଶାନ୍ତି ଭଗ୍ନକାରୀ ଚିନ୍ତା) ଅବିରତ ଆସେ । ପ୍ରଭୁ ଯୀଶୁ, ତୁମେ ତୁମର ସମସ୍ତ ସନ୍ତାନମାନଙ୍କ ନିମନ୍ତେ ତୁମର ଶାନ୍ତି ପ୍ରତିଜ୍ଞା କରିଛ । ତୁମେ କହିଲ, "ମୁଁ ତୁମ୍ଭମାନଙ୍କୁ ଶାନ୍ତି ଦାନ କରି ଯାଉଅଛି, ମୋହର ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଅଛି; ଜଗତ ଯେପରି ଦାନ କରେ, ମୁଁ ତୁମ୍ଭମାନଙ୍କୁ ସେପରି ଦାନ କରୁ ନାହିଁ । ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ କି ଭୟଗ୍ରସ୍ତ ନ ହେଉ ।"

ପ୍ରଭୁ ଯୀଶୁ, ମୁଁ ତୁମର ପ୍ରତିଜ୍ଞାରେ ବିଶ୍ୱାସ କରେ । ମୁଁ ତୁମକୁ ବିଶ୍ୱାସ କରେ । ମୋ ସହିତ ରହିଥିବା ହେତୁ ପ୍ରଭୁ ତୁମକୁ ଧନ୍ୟବାଦ ଦିଏ । ମୁଁ ତୁମର ପବିତ୍ର ନାମର ପ୍ରଶଂସା କରେ । ତୁମେ ମୋର ଯତ୍ନ ନେଉଥିବା ଯୋଗୁ ମୋର ସମସ୍ତ ଚିନ୍ତା ଭାର ତୁମକୁ ସମର୍ପଣ କରୁଛି । ମୁଁ ବିଶ୍ୱାସ କରେ ତୁମର ଶାନ୍ତି ମୋ'ଠାରେ ଅଛି । ତୁମର ଶାନ୍ତି ମୋ' ମଧ୍ୟରେ କାର୍ଯ୍ୟ କରୁଛି । ତୁମର ଶାନ୍ତି ମନୁଷ୍ୟ ସମସ୍ତ ବୋଧର ଅଗମ୍ୟ । ଧନ୍ୟବାଦ, ପ୍ରଭୁ ।

ପ୍ରଭୁ, ମୁଁ ଜାଣେ ଯେ ଯେଉଁମାନେ ତୁମକୁ ବିଶ୍ୱାସ କରନ୍ତି ଏବଂ ଯେଉଁମାନଙ୍କ ମନ ତୁମଠାରେ ସ୍ଥିର ଥାଏ, ସେମାନଙ୍କୁ ସମସ୍ତଙ୍କୁ ତୁମେ ସମ୍ପୂର୍ଣ୍ଣ ଶାନ୍ତିରେ ରଖିବ । ମୁଁ ତୁମକୁ ବିଶ୍ୱାସ କରେ, ପ୍ରଭୁ । ତୁମେ ଅନନ୍ତ କାଳସ୍ଥାୟୀ ଶୈଳ ଏବଂ ଆମର ଅନନ୍ତକାଳୀନ ଶକ୍ତି । ମୁଁ ଶାନ୍ତିରେ ଶୟନ କରିବି ଓ ନିଦ୍ରା ଯିବି, କାରଣ ତୁମେ ମୋତେ ନିରାପଦରେ ବାସ କରାଉଅଛ ।

ମୁଁ ମଧ୍ୟ ତୁମର ସମସ୍ତ ସନ୍ତାନ, ଯେଉଁମାନଙ୍କ ହୃଦୟରେ ଶାନ୍ତି ନାହିଁ, ସେମାନଙ୍କ ସମସ୍ତଙ୍କ ପାଇଁ ପ୍ରାର୍ଥନା କରେ । ତୁମର ଶାନ୍ତି ସେମାନଙ୍କ ହୃଦୟକୁ ସ୍ପର୍ଶ କରୁ ଓ ସାନ୍ତ୍ୱନା ଦେଉ ମଧ୍ୟ । ପିତା, ମୁଁ ଯୀଶୁଙ୍କ ଶକ୍ତିଶାଳୀ ନାମରେ ଏହି ପ୍ରାର୍ଥନା କରେ । ଆମେନ୍ ।

*ଶାସ୍ତ୍ରାଂଶ (ଯୋହନ ୧୪:୨୭; ଗୀତ ସଂହିତା ୪:୮; ଯିଶାଇୟ ୨୬:୩-୪; ୧ ପିତର ୫:୭; ଫିଲିପ୍ପୀୟ ୪:୬-୭)*

**ଜଣକର ନିଜର ଭୁଲ ଓ ପାପ ପାଇଁ ଈଶ୍ୱରଙ୍କ କ୍ଷମା ଅନ୍ୱେଷଣ କରିବା ପାଇଁ ପ୍ରାର୍ଥନା**

ପ୍ରେମମୟ ସ୍ୱର୍ଗୀୟ ପିତା, ତୁମର ପବିତ୍ର ଉପସ୍ଥିତିକୁ ଆସିବାକୁ ଓ ତୁମ ପାଦତଳେ ବସିବାକୁ ମୋତେ ଅନୁମତି ଦିଅ । ମୁଁ ମୋର ଚିନ୍ତା, ମୋର ବାକ୍ୟ ଓ ମୋର କାର୍ଯ୍ୟରେ କରିଥିବା ସମସ୍ତ ପାପ କ୍ଷମା ନିମନ୍ତେ ତୁମର କ୍ଷମା ଚାହେଁ ।

*ଆପଣ କରିଥିବା ସମସ୍ତ ପାପ ଓ ଭୁଲ୍ ପାଇଁ କ୍ଷମା ମାଗନ୍ତୁ :*

*ଆପଣଙ୍କ ପିଲାବେଳେ*

*ଏକ ଯୁବକ ହିସାବରେ*

*ଆପଣଙ୍କ କର୍ମକ୍ଷେତ୍ର / ବିଦ୍ୟାଳୟ / କାର୍ଯ୍ୟାଳୟ*

*ପରିବାରର ସଦସ୍ୟମାନଙ୍କ ସହ ଥିବା ଆପଣଙ୍କ ସଂପର୍କରେ*

*ସଂପର୍କୀୟମାନଙ୍କ ସହ ଓ ବନ୍ଧୁବର୍ଗଙ୍କ ସହ ଥିବା ଆପଣଙ୍କ ସଂପର୍କରେ*

*ଅନ୍ୟମାନଙ୍କ ସହଥିବା ଆପଣଙ୍କ ସଂପର୍କରେ*

*ଆପଣ ଯାହା କିଛି ଭୁଲ୍ କରିଛନ୍ତି ସେ ସବୁ ପ୍ରଭୁଙ୍କ ପାଖକୁ ଆଣନ୍ତୁ ଏବଂ ତାଙ୍କର କ୍ଷମା ପାଇଁ ପ୍ରାର୍ଥନା କରନ୍ତୁ ।*

ପ୍ରଭୁ, ମୋ ହୃଦୟରେ ଯେଉଁ ସବୁ ପାପ ଲୁଚି ରହିଅଛି ତାହା ମୁଁ କିପରି ଜାଣିବି ? ଆପଣା ଭ୍ରାନ୍ତିସବୁ କିଏ ବୁଝିପାରେ ? ମୋର ଗୁପ୍ତଦୋଷ ଦୟାକରି କ୍ଷମାକର । ଏହିସବୁ ଗୁପ୍ତଦୋଷରୁ ମୋତେ ପରିଷ୍କାର କର । ଦୁଃସାହସଜନିତ ପାପରୁ ମୋତେ ଅଟକାଇ ରଖ ।  ତାହାସବୁ ମୋ ଉପରେ କର୍ତ୍ତୃତ୍ୱ ନ କରୁ । ତେବେ ମୁଁ ଦୋଷୀକୃତ ବିବେକରୁ ମୁକ୍ତ ହେବି ଓ ମହାପରାଧରୁ ପରିଷ୍କୃତ ହେବି ।

ମୁଁ ପାପ କରିଛି ଏବଂ କେବଳ ତୁମର ଅନୁଗ୍ରହରେ ମୋର ପାପସବୁ ଧୌତ ହୋଇଅଛି କାରଣ ମୁଁ ସ୍ୱୀକାର କରେ ଯେ ଯୀଶୁ ଖ୍ରୀଷ୍ଟ ମୋର ଉଦ୍ଧାର କର୍ତ୍ତା । ସେ ମୋର ପାପ ଓ ମୋର ରୋଗରୁ ମୋତେ ମୁକ୍ତ କରିବା ପାଇଁ ଏହି ଜଗତକୁ ଆସିଲେ । ତାହାଙ୍କ ଅନୁଗ୍ରହ ଏବଂ ଆମ ନିମନ୍ତେ କ୍ରୁଶରେ ତାହାଙ୍କ ମୃତ୍ୟୁ ଦ୍ୱାରା, ମୁଁ ତୁମକୁ ମୋର ପିତା ବୋଲି ସମ୍ବୋଧନ କରିବାକୁ ସକ୍ଷମ ଅଟେ ।

ପ୍ରଭୁ, ତୁମେ କେଡ଼େ ଶକ୍ତିଶାଳୀ ଓ ପ୍ରେମମୟ । ତୁମେ ନୀନିବୀ ସହରକୁ ରକ୍ଷାକଲ ଓ ସେଠାରେ ଥିବା ସବୁ ଲୋକମାନଙ୍କୁ ଉଦ୍ଧାର କଲ ଯେତେବେଳେ ସେମାନେ ସେମାନଙ୍କ ପାପ ପାଇଁ ଅନୁତାପ କଲେ । ପ୍ରଭୁ, ତୁମେ ସ୍ନେହଶୀଳ ଓ କୃପାମୟ, କ୍ରୋଧରେ ଧୀର, ଦୟା ଓ ସତ୍ୟତାରେ ପରିପୂର୍ଣ୍ଣ ।

ଦୟା କରି ମୋତେ ପବିତ୍ର କର ଓ ମୋର ହୃଦୟ ଓ ମନକୁ ପରିଷ୍କାର କର । ମୁଁ ଯେଉଁ ପାପସବୁ କରିଛି ତାହା କ୍ଷମା କର । ଯୀଶୁଙ୍କ ବହୁମୂଲ୍ୟ ରକ୍ତରେ ମୋତେ ପରିଷ୍କାର କର ଏବଂ ପବିତ୍ର କର । ମୁଁ ତୁମକୁ ଧନ୍ୟବାଦ ଦିଏ ଏବଂ ମୁଁ ତୁମର ପବିତ୍ର ଓ ଶକ୍ତିଶାଳୀ ନାମରେ ପ୍ରଶଂସା କରେ ।

ତୁମ୍ଭ ଦୃଷ୍ଟିରେ ମୋ' ମୁଖର ବାକ୍ୟ ଓ ମୋ' ଅନ୍ତଃକରଣର ଧ୍ୟାନ ସୁଗ୍ରହ୍ୟ ହେଉ । ହେ ପ୍ରଭୁ, ତୁମେ ମୋର ଶକ୍ତି, ତୁମେ ମୋର ମୁକ୍ତିକର୍ତ୍ତା । ଦୟାକରି ମୋତେ କ୍ଷମା କର ଓ ତୁମର ଶାନ୍ତି, ପ୍ରେମ ଓ ଆନନ୍ଦରେ ଆଶୀର୍ବାଦ କର । ମୋର ପରିବାରକୁ ମଧ୍ୟ ଆଶୀର୍ବାଦ କର ।

ପିତା, ମୁଁ ଯୀଶୁଙ୍କ ଶକ୍ତିଶାଳୀ ଓ ପବିତ୍ର ନାମରେ ପ୍ରାର୍ଥନା କରୁଛି । ଆମେନ୍ ।

*ଶାସ୍ତ୍ରାଂଶ (ଗୀତ ସଂହିତା ୧୯:୧୨-୧୪)*

**ଅନ୍ୟମାନଙ୍କୁ କ୍ଷମା ଦେବାକୁ ସକ୍ଷମ ହେବା ପାଇଁ ପ୍ରାର୍ଥନା**

ପ୍ରେମମୟ ସ୍ୱର୍ଗୀୟ ପିତା, ମୁଁ ଆଘାତ ପାଇଛି । ମୁଁ ଅନୁଭବ କରୁଛି ମୁଁ "ଯେଉଁ ବ୍ୟକ୍ତିଙ୍କୁ ଆପଣ କ୍ଷମା କରିବା କଷ୍ଟକର ବୋଲି ଭାବୁଛନ୍ତି ତାଙ୍କର ନାମ ଲେଖନ୍ତୁ" ଙ୍କୁ କ୍ଷମା କରିବାକୁ ସକ୍ଷମ ହେବି ନାହିଁ । ଏହି ଘଟଣାକୁ ଭୁଲିବା ମୋ ପକ୍ଷରେ କଷ୍ଟକର । ମାତ୍ର ପ୍ରଭୁ, ମୁଁ ଜାଣେ ଯେ ତୁମେ ଚାହଁ ଯେପରି ମୁଁ ହୃଦୟରେ କ୍ଷମାଭାବ ବହନ କରେ । ତୁମଠାରୁ ମୋର ଯଥେଷ୍ଟ ଶିଖିବାର ଅଛି । ମୋ' ନିମନ୍ତେ କ୍ରୁଶରେ ମୃତ୍ୟୁ ଭୋଗ କରି ମୋର ପାପ ଓ ରୋଗ ନେବା ନିମନ୍ତେ ତୁମେ ତୁମର ଏକମାତ୍ର (ଅଦ୍ୱିତୀୟ) ପୁତ୍ର, ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଏହି ଜଗତକୁ ପଠାଇଲ । ତାଙ୍କର ବହୁମୂଲ୍ୟ ରକ୍ତରେ ମୋର ପାପସବୁ କ୍ଷମା ହୋଇଅଛି ଓ ମୋର ପାପସବୁ ସବୁଦିନ ପାଇଁ ଧୌତ ହୋଇଅଛି । ଏବଂ ପିତା ତୁମେ କହିଅଛ ଯେ ତୁମେ ମୋର ଅତୀତ ପାପ ଆଉ କେବେ ହେଁ ସ୍ମରଣ କରିବ ନାହିଁ । ପ୍ରଭୁ ଅନ୍ୟମାନଙ୍କ ପ୍ରତି ସଦୟ ଓ କୋମଳହୃଦୟ ହେବା ପାଇଁ ମୋତେ ଶିଖାଅ । ଈଶ୍ୱର ଖ୍ରୀଷ୍ଟଙ୍କଠାରେ ମୋତେ ଯେପରି କ୍ଷମା କଲେ, ସେହିପରି ଅନ୍ୟମାନଙ୍କୁ କ୍ଷମା କରିବା ପାଇଁ ମୋତେ ଶିଖାଅ । ପିତା, ମୁଁ ଯୀଶୁଙ୍କ ଶକ୍ତିଶାଳୀ ନାମରେ ମାଗୁଛି । ଆମେନ୍

*ଶାସ୍ତ୍ରାଂଶ (ଏଫିସୀୟ ୪:୩୨; ଏବ୍ରୀ ୧୦:୧୭)*

**ଭୟକୁ ଜୟ କରିବା ପାଇଁ ପ୍ରାର୍ଥନା**

ପ୍ରେମମୟ ସ୍ୱର୍ଗୀୟ ପିତା, ତୁମର ପବିତ୍ର ନାମ ଏକ ଦୃଢ ଗଡ଼ । ମୁଁ ତୁମ ପାଖକୁ ପଳାଏ ଓ ରକ୍ଷା ପାଏ । ତୁମେ ମୋର ପ୍ରଭୁ ଏବଂ ମୋ'ର ଈଶ୍ୱର । ତୁମେ ଇମ୍ମାନୁଏଲ, ଆମ୍ଭମାନଙ୍କ ସହିତ ଈଶ୍ୱର । ମୋ ପରେ ଯେ ଅଛନ୍ତି, ସେ, ଜଗତରେ ଯେ ଅଛି ତାହାଠାରୁ ମହାନ୍ । ମୁଁ ଭୟଭୀତ ନୁହେଁ ।

ପ୍ରଭୁ, ମୁଁ ତୁମର ସନ୍ତାନ ଏବଂ ମୁଁ ଆତ୍ମାଙ୍କ ଦ୍ୱାରା ଚାଳିତ । ମୋର ଭୟ କରିବାର କିଛି ବିଷୟ ନାହିଁ । ପବିତ୍ର ଆତ୍ମା; ମୋର ଆତ୍ମା ସହ ମିଶି ସାକ୍ଷ୍ୟ ଦିଅନ୍ତି ଯେ ମୁଁ ତୁମର ସନ୍ତାନ ।

ପ୍ରଭୁ, ତୁମେ ସବୁ ବିଷୟରେ ଦାୟୀତ୍ୱରେ ଅଛ ଓ ତୁମେ ସବୁ ବିଷୟ ନିୟନ୍ତ୍ରଣ କରୁଛ । ମୁଁ କୌଣସି ବିଷୟକୁ ଭୟ କରିବି ନାହିଁ, ଯେହେତୁ ତୁମେ ମୋର ଆବ୍ବା, ପିତା ।

ଧନ୍ୟବାଦ ପିତା ପ୍ରଭୁ । ଦୟାକରି ତୁମର ଶାନ୍ତିରେ ମୋତେ ଅବିରତ ଆଶୀର୍ବାଦ କର । ପିତା ଯେଉଁମାନେ ମଧ୍ୟ ଭୟ ଉପରେ ଜୟ କରିବା ପାଇଁ ତୁମର ଦୟା ଓ ଅନୁଗ୍ରହ ଆବଶ୍ୟକ କରନ୍ତି ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କରେ । ପିତା, ମୁଁ ଯୀଶୁଙ୍କ ଶକ୍ତିଶାଳୀ ନାମରେ ପ୍ରାର୍ଥନା କରେ । ଆମେନ୍ ।

*ଶାସ୍ତ୍ରାଂଶ (ହିତୋପଦେଶ ୧୮:୧୦; ୧ ଯୋହନ ୪:୪, ରୋମୀୟ ୮:୧୪-୧୬)*

**ଈଶ୍ୱରଙ୍କଠାରେ ବିଶ୍ୱାସ ଓ ଆଶା ନିମନ୍ତେ ପ୍ରାର୍ଥନା**

ପ୍ରଭୁ, ମୋର ପ୍ରାର୍ଥନା ଉଦ୍ଦେଶ୍ୟ ସମୂହ ସହ ତୁମ ପାଖକୁ ଆସୁଛି । ମୁଁ ଜାଣେ ଯେ ତୁମେ ମୋର ପ୍ରାର୍ଥନା ଶୁଣିଥାଅ । ପ୍ରଭୁ କେତେକ ସମୟରେ ମୁଁ ଦୁର୍ବଳ ହୋଇଯାଏ ଏବଂ ମୋ ମନରେ ସନ୍ଦେହ ଆସେ । ବେଳେବେଳେ ମୋର ବିଶ୍ୱାସ ଦୁର୍ବଳ ହୋଇଯାଏ । ଯେଉଁ ସମୟରେ ମୋର ବିଶ୍ୱାସ ଦୁର୍ବଳ ହୁଏ ସେହି ମୁହୂର୍ତ୍ତକୁ ଦୟା କରି କ୍ଷମା କର । ମୋର ଅବିଶ୍ୱାସକୁ ଦୟା କରି କ୍ଷମା କର ।

ବିଶ୍ୱାସ ଈଶ୍ୱରଙ୍କ ବାକ୍ୟ ଶ୍ରବଣରୁ ଆସେ । ମୋତେ ଆଶୀର୍ବାଦ କର ଯେପରି ତୁମର ପବିତ୍ର ବାକ୍ୟ, ବାଇବଲ ପଠନରେ ମୁଁ ଅଧିକ ସମୟ ବିତାଇପାରେ । ଦୟାକରି ମୋର ବିଶ୍ୱାସ ବଢାଇ ଦିଅ । ବିଶ୍ୱାସ ହେଉଛି ଆମେ ଯାହା ଆଶା କରୁଛୁ ତାହା ଯେ ପ୍ରକୃତରେ ଘଟିବ ସେ ବିଷୟରେ ନିର୍ଶ୍ଚିତ ଜ୍ଞାନ । ଏହା ଅଦୃଶ୍ୟ ବିଷୟରେ ଆମକୁ ନିଶ୍ଚୟତା ଦିଏ । ମୋତେ ଦୟାକରି ଆଶୀର୍ବାଦ କର ଯେପରି ତୁମଠାରେ ମୋର ବିଶ୍ୱାସ ବୃଦ୍ଧି  ପାଇବ ।

ମୁଁ ଜାଣେ ଯେ ତୁମେ ଆମର ପ୍ରାର୍ଥନାର ଉତ୍ତରଦାତା ଆମର ପ୍ରେମମୟ ଈଶ୍ୱର ଅଟ । ମୁଁ ଯେଉଁ ବିଷୟ ପାଇଁ ପ୍ରାର୍ଥନା କରେ ଯଦି ତାହା ମୋ' ପାଇଁ ଭଲ ହୋଇନଥାଏ, ତେବେ ମୋ' ପାଇଁ ଯାହା ସର୍ବୋତ୍ତମ ତାହା ଦ୍ୱାରା ମୋତେ ଆଶୀର୍ବାଦ କର । ପବିତ୍ର ପ୍ରଭୁ, ତୁମେ ପ୍ରତିଜ୍ଞା ଦେଇଛ ଯେ ମୋ' ନିମନ୍ତେ ଓ ମୋ' ଜୀବନ ନିମନ୍ତେ ତୁମର ମହାନ ଯୋଜନା ଅଛି, ଶାନ୍ତିର ଯୋଜନା ଓ ମୋତେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଓ ଆଶା ଦେବା ନିମନ୍ତେ ଯୋଜନା, ମୁଁ ବିଶ୍ୱାସ କରେ ଯେ ମୋ' ନିମନ୍ତେ ତୁମର ଯେଉଁ ଯୋଜନା ଅଛି ତାହା ସମସ୍ତ ସମ୍ଭାବ୍ୟ ଯୋଜନା ମଧ୍ୟରେ ସର୍ବୋତ୍ତମ ଅଟେ । ତୁମ ପ୍ରତି ବାଧ୍ୟତା ଆଚରଣ କରିବା ପାଇଁ ମୋତେ ଶିକ୍ଷା ଦିଅ ।

ତୁମେ ଆଶାର ଈଶ୍ୱର । ମୁଁ ପ୍ରାର୍ଥନା କରେ ଯେ ଯେହେତୁ ମୁଁ ତୁମକୁ ବିଶ୍ୱାସ କରେ ସେଥିପାଇଁ ତୁମେ ମୋତେ ଆନନ୍ଦ ଓ ଶାନ୍ତିରେ ସମ୍ପୂର୍ଣ୍ଣ ଭାବେ ପୂର୍ଣ୍ଣ କରିବ । ତତ୍ପରେ ମୁଁ ପବିତ୍ର ଆତ୍ମାଙ୍କ ଶକ୍ତିରେ ଭରସାର ପ୍ରଚୁରତା ଅନୁଭବ କରିବି ।

ମୁଁ ମଧ୍ୟ ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା କରେ ଯେଉଁମାନେ ସେମାନଙ୍କ ବିଶ୍ୱାସ ପାଇଁ ସଂଗ୍ରାମ କରୁଥିବେ ଏବଂ ତୁମଠାରେ ଥିବା ଆଶାର ଆଲୋକ ଅନୁଭବ କରିବା ପାଇଁ ଆବଶ୍ୟକ କରୁଥିବେ ।

ପିତା, ଯୀଶୁଙ୍କ ନାମରେ, ମାଗୁଛି । ଆମେନ୍

*ଶାସ୍ତ୍ରାଂଶ (ରୋମୀୟ ୧୦:୧୭; ଯିରିମୟ ୨୯:୧୧; ରୋମୀୟ ୧୫:୧୩, ଏବ୍ରୀ ୧୧:୧)*

**ପ୍ରେମ ନିମନ୍ତେ ପ୍ରାର୍ଥନା - ଯୀଶୁଙ୍କ ପ୍ରେମ ଦ୍ୱାରା ମନ୍ଦକୁ ଜୟ କର**

ପ୍ରେମମୟ ସ୍ୱର୍ଗୀୟ ପିତା, ଯେଉଁ ଲୋକମାନେ ଆମ ପରିବାରର ମନ୍ଦ କରିବାକୁ ଚେଷ୍ଟା କରିଛନ୍ତି ଓ ଆମ ଜ୍ଞାତସାରରେ ଓ ଅଜ୍ଞାତସାରରେ ଆମର କ୍ଷତି କରିବାକୁ ଚେଷ୍ଟା କରିଛନ୍ତି ସେମାନଙ୍କୁ ପ୍ରାର୍ଥନାରେ ତୁମ ନିକଟକୁ ଆଣୁଅଛି । ପିତା ତୁମେ ଆମକୁ ଶିକ୍ଷା ଦେଇଛ ଅନ୍ୟମାନଙ୍କୁ କ୍ଷମା ଦେବା ପାଇଁ । ତେଣୁ, ଆମେ ଏହି ପ୍ରତ୍ୟେକ ଜଣକୁ କ୍ଷମା ଦେଉଛୁ ଏବଂ ଆମେ ଏହି ଲୋକମାନଙ୍କ ଶାନ୍ତି ଓ ସଫଳତା ପାଇଁ ପ୍ରାର୍ଥନା କରୁଛୁ । ତୁମର ଅନୁଗ୍ରହ ଶାନ୍ତି ଓ ଦୟାରେ ସେମାନଙ୍କୁ ଆଶୀର୍ବାଦ କର ।

ପ୍ରଭୁ ଯୀଶୁ, ତୁମେ କହିଛ – କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର, ଯେଉଁମାନେ ତୁମ୍ଭମାନଙ୍କୁ ଅଭିଶାପ ଦିଅନ୍ତି ସେମାନଙ୍କୁ ଆଶୀର୍ବାଦ କର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି ସେମାନଙ୍କ ମଙ୍ଗଳ କର ଓ ଯେଉଁମାନେ ତୁମ୍ଭମାନଙ୍କୁ ତୁଚ୍ଛ ମଣନ୍ତି ଓ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି

ସେମାନଙ୍କ ପାଇଁ ପ୍ରାର୍ଥନା କର, ଯେପରି ତୁମ୍ଭେମାନେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ହେବ; ସେ ତ ଦୁଷ୍ଟ ଓ ସନ୍ଥ ଉଭୟଙ୍କ ଉପରେ ଆପଣା ସୂର୍ଯ୍ୟ ଉଦୟ କରାନ୍ତି, ପୁଣି ଧାର୍ମିକ ଓ ଅଧାର୍ମିକମାନଙ୍କ ଉପରେ ବୃଷ୍ଟି ବର୍ଷାନ୍ତି ।

ପ୍ରଭୁ, ଆମେ ତୁମର ବାଧ୍ୟ ଅଟୁ । ଆମେ ଏହି ସମସ୍ତ ଲୋକଙ୍କ ପାଇଁ ପ୍ରାର୍ଥନା କରୁଛୁ ଯେପରି ତୁମେ ସେମାନଙ୍କୁ ତୁମର ପ୍ରେମ, ଶାନ୍ତି ଓ ଆନନ୍ଦରେ ଆଶୀର୍ବାଦ କରିବ । ସେମାନେ ଏକ ବିଶେଷ ବ୍ୟକ୍ତିଗତ ଭାବେ ତୁମକୁ ଜାଣନ୍ତୁ ଓ ଅନୁଭବ କରନ୍ତୁ । ପିତା, ମୁଁ ଯୀଶୁଙ୍କ ଶକ୍ତିଶାଳୀ ନାମରେ ପ୍ରାର୍ଥନା କରୁଛି । ଆମେନ୍ ।

*ଶାସ୍ତ୍ରାଂଶ (ମାଥିଉ ୫:୪୪-୪୫ରେ)*

**ଈଶ୍ୱରଙ୍କୁ ମୋ' ଜୀବନର ଦାୟୀତ୍ୱ ନେବା ପାଇଁ ଅନୁମତି ଦେଇ-ସମର୍ପଣ ପାଇଁ ପ୍ରାର୍ଥନା**

ପ୍ରଭୁ ତୁମେ କହିଛ, "ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ; ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ ।" ଏଠାରେ ପ୍ରଭୁ ମୋ' ଜୀବନକୁ ଆସିବା ପାଇଁ ମୁଁ ତୁମକୁ ଅନୁରୋଧ କରୁଅଛି । ମୁଁ ତୁମର ଇଚ୍ଛା ଅନ୍ୱେଷଣ କରୁଛି, ପ୍ରଭୁ । ତୁମଠାରେ ମୁଁ ମୋର ଜୀବନକୁ ସମର୍ପଣ କରୁଛି । ପ୍ରଭୁ ମୁଁ ତୁମକୁ ମୋ' ଜୀବନରେ ପ୍ରଥମ ସ୍ଥାନ ଦେଉଅଛି । ଦୟାକରି ମୋ' ଜୀବନର ଦାୟୀତ୍ୱ ଓ ନିୟନ୍ତ୍ରଣ ଭାର ତୁମେ ନିଅ, ଯେହେତୁ ମୁଁ ଜାଣେ ସମସ୍ତ ସମ୍ଭାବ୍ୟ ଯୋଜନା ମଧ୍ୟରେ ମୋ' ନିମନ୍ତେ ତୁମର ଯୋଜନା ସର୍ବୋତ୍ତମ ଅଟେ ।

ମୁଁ ଜାଣେ ଯେ ତୁମେ ଆମ ପ୍ରାର୍ଥନାର ଉତ୍ତର ଦେଉଥିବା ଆମର ପ୍ରେମମୟ ଈଶ୍ୱର ଅଟ । ମୁଁ ଯାହା ପ୍ରାର୍ଥନା କରେ ଯଦି ତାହା ମୋ' ନିମନ୍ତେ ମଙ୍ଗଳଜନକ ନୁହେଁ; ତେବେ ଦୟାକରି ଯାହା ମୋ ନିମନ୍ତେ ସର୍ବୋତ୍ତମ ତାହା ଦେଇ ମୋତେ ଆଶୀର୍ବାଦ କର । ପବିତ୍ର ପ୍ରଭୁ, ତୁମେ ପ୍ରତିଜ୍ଞା ଦେଇଛ ଯେ ମୋ' ନିମନ୍ତେ ଓ ମୋ' ଜୀବନ ନିମନ୍ତେ ତୁମର ମହାନ ଯୋଜନା ଅଛି, ଶାନ୍ତିର ଯୋଜନା ଓ ମୋତେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଓ ଆଶା ଦେବା ନିମନ୍ତେ ଯୋଜନା । ମୁଁ ବିଶ୍ୱାସ କରେ ଯେ ମା' ନିମନ୍ତେ ତୁମର ଯେଉଁ ଯୋଜନା ଅଛି ତାହା ସମସ୍ତ ସମ୍ଭାବ୍ୟ ଯୋଜନା ମଧ୍ୟରେ ସର୍ବୋତ୍ତମ ଅଟେ । ପୃଥିବୀ ଅପେକ୍ଷା ଆକାଶମଣ୍ଡଳ ଯେପରି ଉଚ୍ଚ, ସେପରି ତୁମର ସଂକଳ୍ପ ଓ ତୁମର ଯୋଜନା ମୋର ସଂକଳ୍ପ ଓ ମୋର ଯୋଜନା ଅପେକ୍ଷା ଉଚ୍ଚତର ଅଟେ । ତୁମର ବାଧ୍ୟ ହେବା ପାଇଁ ମୋତେ ଶିଖାଅ । ତୁମର ବାକ୍ୟ ଅନୁଯାୟୀ ମୋ' ପ୍ରତି ଘଟୁ । ହେ ସଦାପ୍ରଭୋ,

ତୁମର ପଥ ମୋତେ ଶିଖାଅ, ଯେପରି ମୁଁ ତୁମ ସତ୍ୟତାରେ ଗମନ କରିବି; ତୁମ ନାମକୁ ଭୟ କରିବା ପାଇଁ ମୋତେ ଏକମନା କର ।

ପିତା ମୁଁ ଯୀଶୁଙ୍କ ଶକ୍ତିଶାଳୀ ନାମରେ ପ୍ରାର୍ଥନା କରୁଛି । ଆମେନ୍ ।

*ଶାସ୍ତ୍ରାଂଶ (ମାଥିଉ ୭:୭; ଗୀତସଂହିତା ୮୬:୧୧; ଯିରିମିୟ ୨୯:୧୧; ଲୂକ ୧:୩୮; ଯିଶାଇୟ ୫୫:୯)*

**ପରିଶିଷ୍ଟ କ**

**ଆମେ ଯେତେବେଳେ ଈଶ୍ୱରଙ୍କ ବିଷୟରେ ଚିନ୍ତା କରୁ ସେତେବେଳେ ଆମ ମନରେ କ'ଣ ଚିନ୍ତା ଆସେ ?**

ଈଶ୍ୱରଙ୍କ ସ୍ୱଭାବ ଓ ଗୁଣ ଉପରେ ଦୃଷ୍ଟି ନିବିଷ୍ଟ କରୁ :

| | |
|---|---|
| ଆମର ପ୍ରେମମୟ ପିତା | ଈଶ୍ୱର ପ୍ରେମ |
| ଆମର ଶକ୍ତି | ଆମର ସୁସ୍ଥକାରୀ |
| ଆମର ସାନ୍ତ୍ୱନଦାତା | ଆମର ମୁକ୍ତିକର୍ତ୍ତା |
| ରାଜାମାନଙ୍କର ରାଜା, ପ୍ରଭୁମାନଙ୍କର ପ୍ରଭୁ | ଆମର ଶୈଳ |
| ବିଶ୍ୱର ଶାସନକର୍ତ୍ତା ଓ ସୃଷ୍ଟି କର୍ତ୍ତା | ଆମର ମୁକ୍ତିକର୍ତ୍ତା |
| ଆମର ଉପଦେଷ୍ଟା | ସର୍ବଶକ୍ତିମାନ |
| ସର୍ବଶକ୍ତିମାନ | ଆମର ଆଶ୍ରୟ |
| ସର୍ବବ୍ୟାପୀ (ସଦା – ଉପସ୍ଥିତ) | ସଦା ବିଶ୍ୱସ୍ତ |
| ସର୍ବଜ୍ଞ (ସବୁ-ଜାଣନ୍ତି) | ଆମର ଦୁର୍ଗ |
| ଆମର ଗଡ଼ | ଆମର ସୁରକ୍ଷାକାରୀ |
| ଆମର ଉଦ୍ଧାରକର୍ତ୍ତା | ଆମର ଦିଗ୍‌ଦର୍ଶକ |
| ଆମର ବନ୍ଧୁ | ଆମର ସାନ୍ତ୍ୱନାଦାତା |
| ଆମ ପରିତ୍ରାଣର ଉତ୍ସ | ଆମର ପବିତ୍ର ପ୍ରଭୁ |
| ଆମର ମେଷପାଳକ | |

ଏଗୁଡ଼ିକ ଆମର ପ୍ରେମମୟ ଈଶ୍ୱରଙ୍କ କେବଳ କେତେକ ନାମ ଓ ଗୁଣ ସମୂହ । ଆହୁରି ଅନେକ ନାମ ଓ ଗୁଣ ଅଛି ।

**ପରିଶିଷ୍ଟ ଖ**

**ଶାସ୍ତ୍ରର ପଦସମୂହ : କେଉଁଠାରେ ସାହାଯ୍ୟ ପାଇବେ ଯେତେବେଳେ ଆପଣ**

**ଭୟଭୀତ :** ଯୋହନ ୧୪:୨୭; ୨ତୀମଥି୧:୭; ଏବ୍ରୀ ୧୩:୬

**କ୍ରୋଧୀ :** ମାଥିଉ ୫:୨୨-୨୪; ରୋମୀୟ ୧୨:୧୪; ରୋମୀୟ ୧୨:୧୭-୧୮; ରୋମୀୟ ୧୨:୨୧; ଏଫିସୀୟ ୪:୨୬, ଏଫିସୀୟ ୪:୩୧-୩୨; ଯାକୁବ ୧:୧୯-୨୦

**ଉଦ୍‌ବିଗ୍ନ / ଚିନ୍ତାଗ୍ରସ୍ତ :** ମାଥିଉ ୬:୨୫-୩୪; ଫିଲିପ୍ପୀୟ ୪:୬-୭; ଲୁକ ୧୨:୨୨-୨୮; ଲୁକ ୧୨:୨୯-୩୧; ୧ ପିତର ୫:୭

**ଶୋକାକୁଳ :** ଯୋହନ ୧୧:୨୫; ୧ କରିନ୍ଥୀୟ ୧୫:୫୧-୫୭; ୨ କରିନ୍ଥୀୟ ୫:୧; ୧ ଥେସଲନୀ ୪:୧୩-୧୮; ୧ ପିତର ୧:୩-୫

**ତିକ୍ତମନା / ବିରକ୍ତ :** ମାଥିଉ ୬.୧୪-୧୫; ରୋମୀୟ ୧୨:୧୪; ଏଫିସୀୟ ୪:୩୧-୩୨; ୧ ପିତର ୨:୨୩

**ହତୋତ୍ସାହିତ :** ମାଥିଉ ୧୧:୨୮-୩୦; ରୋମୀୟ ୮:୨୮; ଫିଲିପ୍ପୀୟ ୪:୧୩; ଫିଲିପ୍ପୀୟ ୪:୬-୭

**ନିରୁତ୍ସାହିତ / ନିରାଶ :** ମାଥିଉ ୧୧:୨୮-୩୦; ରୋମୀୟ ୮:୨୮; ଗାଲତୀୟ ୬:୯-୧୦; ଫିଲିପ୍ପୀୟ ୧:୬; ୪:୬-୭; ୪:୧୯; ଏବ୍ରୀ ୧୦:୩୫-୩୬; ୧ ପିତର ୧:୬-୯

**ଈଶ୍ୱରଙ୍କୁ ଅବିଶ୍ୱାସ କରୁଛନ୍ତି :** ମାଥିଉ ୮:୨୬-୨୭; ଯୋହନ ୬:୩୫-୪୦; ଫିଲିପ୍ପୀୟ ୧:୬; ଏବ୍ରୀ ୧୧:୬; ଯାକୁବ ୧:୫-୬

**ଈଶ୍ୱରଙ୍କ ପ୍ରେମକୁ ପ୍ରଶ୍ନ କରନ୍ତି :** ଲୁକ ୧୫:୧୧-୨୪; ଯୋହନ ୧୭:୨୦-୨୬

**ଆଶାହୀନ :** ରୋମୀୟ ୧୫:୧୩; ୨ ଥେସଲନୀ ୨:୧୬-୧୭

**ଈର୍ଷାନ୍ୱିତ / ବିଦ୍ୱେଷପରାୟଣ :** ଏବ୍ରୀ ୧୩:୫; ଯାକୁବ ୩:୧୩-୧୮

**ଅଧୈର୍ଯ୍ୟ :** ରୋମୀୟ ୫:୩-୫; ଯାକୁବ ୫:୭-୮

**ନିଃସଙ୍ଗ :** ଯୋହନ ୧୪:୧୫-୨୧; ପ୍ରେରିତ ୨:୨୫-୨୬; ଏବ୍ରୀ ୧୩:୫-୬

**ଦୁଃଖିତ :** ୨କରିନ୍ଥୀୟ ୧:୩-୪; ୨ ଥେସଲନୀ ୨:୧୬-୧୭; ଏବ୍ରୀ ୪:୧୪-୧୬

**ଅସୁସ୍ଥ :** ଯିଶାଇୟ ୫୩:୪-୫; ଗୀତସଂହିତା ୧୦୩:୧-୫; ୧୪୭:୩; ମାଥିଉ ୯:୩୫; ଯାକୁବ ୫:୧୬; ୧ ପିତର ୨:୨୪

**କ୍ଲେଶ ଭୋଗ କରୁଛନ୍ତି :** ରୋମୀୟ ୮:୩୫-୩୯; ୨ କଜନ୍ଥୀୟ ୧୨:୯-୧୦; ୧ ପିତର ୪:୧୨-୧୪; ଯାକୁବ ୧-୧୨; ମାଥିଉ ୧୧:୨୮-୩୦; ରୋମୀୟ ୮:୨୮; ରେମୀୟ ୫:୩-୫

**ପ୍ରଲୋଭିତ :** ମାଥିଉ ୪:୧-୪; ୨୬-୪୧, ୧ କରିନ୍ଥୀୟ ୧୦:୧୨-୧୩; ଏବ୍ରୀ ୪:୧୫-୧୬; ଯାକୁବ ୧:୨-୪; ୧୨ ପଦ; ୪:୭

**ଭୁଲ୍ ଚିନ୍ତାରେ ଉଦ୍‌ବିଗ୍ନ :** ଫିଲିପ୍ପୀୟ ୪:୮; ଯାକୁବ ୪:୭; କଲସୀୟ ୩:୨

**ଦୁର୍ବଳ :** ରୋମୀୟ ୫:୬; ୨ କରିନ୍ଥୀୟ ୧୨:୯-୧୦; ଏଫିସୀୟ ୩:୧୪-୧୭; ଫିଲିପ୍ପୀୟ ୪:୧୩

**କ୍ଷମା ଦେଉନାହାନ୍ତି :** ମାଥିଉ ୬:୧୪-୧୫; ୧୮:୨୧-୨୨; ମାର୍କ ୧୧:୨୫; ଲୁକ ୬:୩୭-୩୮; ୧୧:୪; ୨୩:୩୪; ଏଫିସୀୟ ୪:୩୨

"ମୁଁ କେବଳ ଏମାନଙ୍କ ନିମନ୍ତେ ପ୍ରାର୍ଥନା କରୁ ନାହିଁ, ମାତ୍ର ଏମାନଙ୍କ ବାକ୍ୟ ଦ୍ୱାରା ଯେଉଁମାନେ ମୋ'ଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ନିମନ୍ତେ ସୁଦ୍ଧା ପ୍ରାର୍ଥନା କରୁଅଛି, ଯେପରି ସେମାନେ ସମସ୍ତେ ଏକ ହୁଅନ୍ତି; ହେ ପିତା, ତୁମ୍ଭେ ଯେ ପ୍ରକାରେ ମୋ'ଠାରେ ଅଛ ଓ ମୁଁ ତୁମ୍ଭଠାରେ ଅଛି, ସେମାନେ ମଧ୍ୟ ସେ ପ୍ରକାରେ ଆମ୍ଭମାନଙ୍କଠାରେ ରହନ୍ତୁ, ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ । ଆଉ, ତୁମ୍ଭେ ମୋତେ ଯେଉଁ ମହିମା ଦେଇଅଛ, ମୁଁ ସେମାନଙ୍କୁ ତାହା ଦେଇଅଛି, ଯେପରି ଆମ୍ଭେମାନେ ଯେପ୍ରକାରେ ଏକ, ସେମାନେ ସେ ପ୍ରକାରେ ଏକ ହୁଅନ୍ତି, ମୁଁ ସେମାନଙ୍କଠାରେ, ଆଉ ତୁମ୍ଭେ ମୋ'ଠାରେ, ଯେପରି ସେମାନେ ସିଦ୍ଧ ହୋଇ ଏକ ହୁଅନ୍ତି, ଯେପରି ଜଗତ ବୁଝିବ ଯେ, ତୁମେ ମୋତେ ପ୍ରେରଣ କଲ, ପୁଣି ମୋତେ ଯେପ୍ରକାରେ ପ୍ରେମ କଲ, ସେମାନଙ୍କୁ ମଧ୍ୟ ସେ ପ୍ରକାରେ ପ୍ରେମ କଲ ।

ହେ ପିତା, ତୁମେ ମୋତେ ଯେଉଁମାନଙ୍କୁ ଦେଇଅଛ, ମୁଁ ଯେଉଁଠାରେ ଥାଏ, ସେମାନେ ମଧ୍ୟ ଯେପରି ସେଠାରେ ମୋହର ସହିତ ରହିବେ ଓ ଜଗତର ପତ୍ତନ ପୂର୍ବେ ତୁମ୍ଭେ ମୋତେ ପ୍ରେମ କରିଥିବାରୁ ମୋତେ ଯେଉଁ ମହିମା ଦେଇଅଛ, ମୋହର ସେହି ମହିମା ସେମାନେ ଯେପରି ଦେଖିବେ, ଏହା ମୋହର ଇଚ୍ଛା ହେ ଧାର୍ମିକ ପିତା, ଜଗତ ତୁମ୍ଭକୁ ଜାଣି ନାହିଁ, କିନ୍ତୁ ମୁଁ ତୁମ୍ଭକୁ ଜାଣିଅଛି; ଆଉ, ତୁମ୍ଭେ ଯେ ମୋତେ ପ୍ରେରଣ କଲ, ତାହା ଏମାନେ ଜାଣି ଅଛନ୍ତି; ପୁଣି, ତୁମ୍ଭେ ମୋତେ ଯେଉଁ ପ୍ରେମରେ ପ୍ରେମ କଲ, ତାହା ଯେପରି ସେମାନଙ୍କଠାରେ ଥାଏ ଓ ମୁଁ ସେମାନଙ୍କଠାରେ ରହେ, ଏ ନିମନ୍ତେ ମୁଁ ସେମାନଙ୍କୁ ତୁମ୍ଭ ନାମ ଜଣାଇଅଛି ଓ ଜଣାଇବି ।"

ଆପଣଙ୍କର ଯଦି କିଛି କହିବାର ଥାଏ ବା କିଛି ପ୍ରଶ୍ନ ଥାଏ,

ତେବେ ଆପଣ ଲେଖିପାରନ୍ତି

ପରମିତା ଓ ସରସ୍ୱତୀ

e-mail : qustionsaboutgod2015@gmail.com

e-mail : QuestionsAboutGod2015@gmail.com

*ଈଶ୍ୱର ପଚାରନ୍ତି, "ମୁଁ ତୋର ପିତା,*

*ତୁ ମୋର ସନ୍ତାନ ହେବୁ କି ?"*

*ଆପଣଙ୍କ ପ୍ରତ୍ୟୁତ୍ତର କ'ଣ ?*